# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୨/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, January 22/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 60 ମୂଲ୍ୟ ₹୭/-




## ବୈଷ୍ଣବୀଙ୍କୁ ୫ ଉଇକେଟ


ବୈଷ୍ଣବୀ ଶର୍ମାଙ୍କ ୫ଉଇକେଟ ସଫଳତା ଯୋଗୁ ଭାରତ ୧୯ବର୍ଷରୁ କମ୍ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ମାଲେସିଆକୁ ୧୦ ଉଇକେଟରେ ହରାଇ ଦେଇଛି।

୧୬

୧୦

## ମହାରାଣୀ ୟେଶୁବାଈଙ୍କ ଭୂମିକାରେ ରଶ୍ମିକା

'ଛାବା' ଫିଲ୍ମରେ ମହାରାଣୀ ୟେଶୁବାଈଙ୍କ ଭୂମିକାରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ପ୍ରଥମ ଲୁକ୍‌କୁ ମଙ୍ଗଳବାର ଜାରି କରାଯାଇଛି।





ଇଟାଲୀର ଫେଡେରିକା ବ୍ରିଗ୍‌ନନ୍ ମଙ୍ଗଳବାର ଏଫ୍‌ଆଇଏସ୍ ଆଲ୍‌ପାଇନ୍ ସ୍କେଟିଂ ବିଶ୍ୱକପ୍‌ର ଜାଏଣ୍ଟ ସ୍ଲାଲୋମ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। **(ସୌଜନ୍ୟ: ଗାର୍ଡିଆନ୍)**

# ୧୬ ମାଓବାଦୀ ନିହତ, ସନ୍ଦେହରେ ଏନ୍‌କାଉଣ୍ଟର

**ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧରେ ସୋମବାର ରାତିରୁ ଚାଲିଥିବା ମିଳିତ ଏନ୍‌କାଉଣ୍ଟରରେ ଅଦ୍ୟାବଧି ୨୦ ମାଓବାଦୀ ନିହତ ହୋଇଥିବା ପଡ଼ୋଶୀ ରାଜ୍ୟର ପୋଲିସ ଦାବି କରିଛି। ୨୦୨୪ ମେ'ରେ ୧୨ ଏବଂ ସେହିବର୍ଷ ଡିସେମ୍ବରରେ ୫ ମାଓବାଦୀଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରିଥିବା ଛତିଶଗଡ଼ ପୋଲିସ ଦାବି କରିଥିଲା, ଯାହାକୁ ଗ୍ରାମବାସୀ କହିଲେ ସେମାନେ ମାଓବାଦୀ ନୁହେଁ, ବରଂ ସାଧାରଣ ଗ୍ରାମବାସୀ ଥିଲେ। ଏଥର ଘଟଣା ମଧ୍ୟ ସନ୍ଦେହରୁ ମୁକ୍ତ ନୁହେଁ। କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ଟାର୍ଗେଟ ପୂରଣ ପାଇଁ ମାଓବାଦୀ ନିପାତ କାର୍ଯ୍ୟକ୍ରମରେ ପୋଲିସ ଗ୍ରାମବାସୀଙ୍କୁ ଗୁଳିକରି ହତ୍ୟା କରୁଥିବା କୁହାଯାଉଛି। ପ୍ରାଣ ହରାଉଥିବା ଲୋକେ ପ୍ରକୃତରେ ମାଓବାଦୀ ନା ନିରୀହ ଅସମ୍ପୃକ୍ତ ଗ୍ରାମବାସୀ, ତାହା କୌଣସି ତୃତୀୟ ପକ୍ଷ ଜାଣିବାର ଅବକାଶ ନାହିଁ। ଗଣମାଧ୍ୟମ ମଧ୍ୟ କେବଳ ପୋଲିସ ତଥ୍ୟକୁ ନେଇ ରିପୋର୍ଟ ପ୍ରକାଶକରିବାକୁ ବାଧ୍ୟ ହେଉଛି। ଦେଖିବାକୁ ଗଲେ ମାଓବାଦ ଏକ ଚିନ୍ତାଧାରା, ଏହା ପଦପଦବୀ ଭଳି ସ୍ଥିର ଦାୟିତ୍ୱ ନୁହେଁ। ଏପରିକି ଜେହାଦୀ କିମ୍ବା ଆତଙ୍କବାଦଠାରୁ ମଧ୍ୟ ଏହା ସମ୍ପୂର୍ଣ୍ଣ ଭିନ୍ନ। ଦାରିଦ୍ର୍ୟର କଷାଘାତ ଓ ଆର୍ଥିକ ଅସମାନତାରୁ ନକ୍ସଲବାଦର ଜନ୍ମ। ଯେପର୍ଯ୍ୟନ୍ତ ଲୋକେ ଦାରିଦ୍ର୍ୟ ସହି ନ ପାରି ରହିଥିବେ, ସେପର୍ଯ୍ୟନ୍ତ ଦେଶରେ ବାମପନ୍ଥୀ କଠୋରବାଦ ବଞ୍ଚିରହିଥିବ ବୋଲି ଆଶଙ୍କା କରାଯାଉଛି।**

ନୂଆପଡ଼ା,୨୧।୧ (ମକାରୁ ବେମାଲ)

ଛତିଶଗଡ଼-ନୂଆପଡ଼ା ଜିଲା ସୀମାର ଅନତି ଦୂରରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରିରହିଛି। ଏଥିରେ ସୋମବାର ୨ଜଣ ମହିଳା ମାଓବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଆହତ ହୋଇଥିଲେ। ସେହିପରି ମଙ୍ଗଳବାର ୧୪ ମାଓବାଦୀ ନିହତ ହୋଇଥିବା ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ହାର୍ଡକୋର ମାଓବାଦୀ ଜୟରାମ ରହିଛନ୍ତି। ସେ କେନ୍ଦ୍ରୀୟ କମିଟି ସଦସ୍ୟ ଭାବେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ ଓ ତାଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେ ଆପାରାଓ, ପ୍ରତାପ ରେଡ୍ଡି, ରାମଚନ୍ଦ୍ର ରେଡ୍ଡି, ଚଳପତି ନାମରେ ପରିଚିତ ଥିଲେ। ବର୍ତ୍ତମାନ ସୁଦ୍ଧା ୧୬ ମାଓବାଦୀ ନିହତ ହୋଇଥିବା ବେଳେ ଏହି ସଂଖ୍ୟା ବଢ଼ିବ ବୋଲି ସୂଚନା ମିଳିଛି। ହେଲେ ୧୪ ମାଓବାଦୀଙ୍କ ମୃତଦେହ ମିଳିଥିବା ନୂଆପଡ଼ା ଏସ୍‌ପି ଜି.ଆର୍. ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ରାତିରୁ ଓଡ଼ିଶାର ନୂଆପଡ଼ା ଜିଲା ସୀମାଠାରୁ ୫ କିଲୋମିଟର ଦୂର ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ପରେ ଉଭୟ ରାଜ୍ୟର ପୋଲିସ ସମେତ ଯବାନଙ୍କ ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ରବିବାର ମଧ୍ୟରାତ୍ରିରୁ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ସୋମବାର ୨ ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଛତିଶଗଡର ଜଣେ ଯବାନ ଆହତ ହୋଇ ରାୟପୁରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୋମବାର ରାତିରେ ୧୦ଜଣ ଓ ମଙ୍ଗଳବାର ୪ ଜଣ ମାଓବାଦୀ ନିହତ ହୋଇଥିବାବେଳେ ଓଡ଼ିଶାର ଜଣେ ଯବାନ ଆହତ ହୋଇ ବିଶାଖାପାଟଣା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏଥିରେ ଏକେ-୪୭, ଏସ୍‌ଏଲ୍‌ଆର୍, ଆଇଇଡି, ଏଲ୍‌ଇଡି, ବିସ୍ଫୋରକ ସାମଗ୍ରୀ ଆଦି ରହିଛି। ମିଳିତ ଅପରେଶନରେ ୧୦ଟି ଟିମ୍ ସାମିଲ ହୋଇଛନ୍ତି। ଏଥିରେ ୩ ଏସ୍‌ଓଜି ଟିମ୍, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗଭୀର ଅମଳ

## ପୁଞ୍ଜିବଜାରରେ ଟ୍ରମ୍ପ୍ ପ୍ରଭାବ

# ନିବେଶକ ହରାଇଲେ ୭ ଲକ୍ଷ କୋଟି

**ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭାରତୀୟ ପୁଞ୍ଜିବଜାର ଧରାଶାୟୀ ହୋଇଯାଇଛି। ମଙ୍ଗଳବାର ଟ୍ରେଡିଂ ସେସନ୍‌ରେ ସେନ୍‌ସେକ୍ସ ୧୨୩୫ ପଏଣ୍ଟ ଖସିଯାଇଛି, ଯାହାକି ଗତ ୭ ମାସରେ ସର୍ବାଧିକ। ଏଥିଯୋଗୁ ଭାରତୀୟ ନିବେଶକମାନେ ଦିନକରେ ୭ ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଟ୍ରମ୍ପ୍ ଶପଥ ନେବା ପରେ ବିଦେଶରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଅଧିକ ସୀମାଶୁଳ୍କ ଲଗାଇବେ ବୋଲି ନିଜ ବକ୍ତବ୍ୟରେ କହିଥିବାରୁ ଭାରତୀୟ ବଜାରରେ ଏଭଳି ଆତଙ୍କ ସୃଷ୍ଟି ହୋଇଥିବା ମନେକରାଯାଉଛି। ସେହିପରି ଆମେରିକୀୟ ଡଲାରକୁ ମଧ୍ୟ ସେ ଅଧିକ ମଜଭୁତ କରିବାକୁ ଘୋଷଣା କରିଛନ୍ତି। ଡଲାର ଯେତିକି ଶକ୍ତିଶାଳୀ ହେବ, ଭାରତୀୟ ଟଙ୍କା ସେତିକି ଦୁର୍ବଳ ହେବ। ବିଦେଶୀ ସଂସ୍ଥାଗତ ନିବେଶକ ମଧ୍ୟ ଭାରତୀୟ ବଜାରରୁ ମୁହଁ ଫେରାଇନେବାକୁ ଆରମ୍ଭ କଲେଣି। ଏହି ଦୃଷ୍ଟିରୁ ଟ୍ରମ୍ପ୍‌ଙ୍କ ବାଣିଜ୍ୟ ନୀତି ଭାରତର ଅର୍ଥନୀତି ପାଇଁ କ୍ଷତିକାରକ ହୋଇପାରେ ବୋଲି ପୁଞ୍ଜି ବଜାର ଆଶଙ୍କା କଲା ଭଳି ମନେହେଉଛି।**

ମୁମ୍ବାଇ,୨୧।୧(ପି.ଟି.)

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିବା ମାତ୍ରେ ଦୋହଲିଗଲା ଭାରତୀୟ ପୁଞ୍ଜିବଜାର। ଟ୍ରମ୍ପ୍‌ଙ୍କ ଟାରିଫ୍ ଘୋଷଣା ଯୋଗୁ ମଙ୍ଗଳବାର ସେସନ୍‌ରେ ବିଏସ୍‌ଇ ସେନ୍‌ସେକ୍ସ ୧୨୩୫ ପଏଣ୍ଟ (୧.୬୦%) ଖସି ୭୫,୮୩୮.୩୬ରେ ସ୍ଥିର ରହିଛି। ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୩୨୦ ପଏଣ୍ଟ (୧.୩୭%) ନିମ୍ନଗାମୀ ହୋଇ ୨୩,୦୨୪.୬୫ରେ ରହିଛି। ଫଳରେ ଭାରତୀୟ ନିବେଶକମାନେ ଦିନକ ଭିତରେ ୭ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିଛନ୍ତି। ସେନ୍‌ସେକ୍ସର

### ସେନ୍‌ସେକ୍ସ ଖସିଲା ୧୨୩୫ ପଏଣ୍ଟ



ଜମାଟୋ, ଏନ୍‌ଟିପିସି, ଆଦାନୀ ପୋର୍ଟ୍ସ, ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭଳି କମ୍ପାନୀ ସବୁଠୁ ଅଧିକ ତଳକୁ ଖସିଛି। ସେହିପରି ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍‌ରେ ☞ପୃଷ୍ଠା-୪

# ପାଚିକାପାଚକଙ୍କ ଦରମା ୩ ହଜାରକୁ ବୃଦ୍ଧି

ଭୁବନେଶ୍ୱର,୨୧।୧(ସୁନିତ୍ ମିଶ୍ର)

ପିଏମ୍ ପୋଷଣ ଯୋଜନା (ମଧ୍ୟାହ୍ନଭୋଜନ)ରେ କାମ କରୁଥିବା ୧ ଲକ୍ଷରୁ ଅଧିକ ପାଚିକାପାଚକଙ୍କ ପାଇଁ ରାଜ୍ୟ ସରକାର ଖୁସି ଖବର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବାକୁ ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ପାଚିକାପାଚକମାନଙ୍କ କାମ, ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ମାସିକ ପାରିଶ୍ରମିକ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପିଏମ୍ ପୋଷଣ ଯୋଜନାରେ ରାଜ୍ୟରେ ନିୟୋଜିତ ହୋଇଥିବା ୧,୧୨,୦୯୦ ଜଣ ପାଚକପାଚିକା (କୁକ୍-କମ୍-ହେଲପର) ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚିକାପାଚକମାନେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦,୬୧୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରୀଛାତ୍ରଙ୍କୁ ରନ୍ଧାଖାଦ୍ୟ ପରିବେଷଣ କରୁଛନ୍ତି।

# ୧୩ରୁ ବିଧାନସଭା

## ୧୭ରେ ବଜେଟ

ଭୁବନେଶ୍ୱର,୨୧।୧(ଅନିଲ ଦାସ)

ଆସନ୍ତା ଫେବୃଆରୀ ୧୩ ତାରିଖରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ତାରିଖ ଯାଏ ଚାଲିବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ରୁ ୨୧ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ଯାଏ ଚାଲିବ। ଏ ନେଇ ମଙ୍ଗଳବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ☞ପୃଷ୍ଠା-୪

# ତୁର୍କୀ ସ୍କାଏ ରିସର୍ଟ ହୋଟେଲରେ ନିଆଁ: ୬୬ ମୃତ

ଆଙ୍କାରା,୨୧।୧(ପି.ଟି.)

ତୁର୍କୀର ଉତ୍ତରପଶ୍ଚିମାଞ୍ଚଳରେ ଥିବା ଏକ ଲୋକପ୍ରିୟ ସ୍କାଏ ରିସର୍ଟ ଅନ୍ତର୍ଗତ ହୋଟେଲରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନ୍ୟୂନ ୬୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୧ ଆହତ ହୋଇଛନ୍ତି। ନିଆଁରୁ ବର୍ତ୍ତିବା ପାଇଁ ସେମାନେ ବିଲ୍ଡିଂରୁ ଡେଇଁବାବେଳେ ଅହତ ହୋଇଥିଲେ।

ଇସ୍ତାନବୁଲର ପୂର୍ବରେ ୩୦୦ କି.ମି. ଦୂରରେ ଥିବା ବୋଲୁ ପ୍ରଦେଶର କୋରୋଗ୍ଲୁ ପର୍ବତର କର୍ତାଲକାୟାରେ ଥିବା ୧୨ ମହଲା ବିଶିଷ୍ଟ ଗ୍ରାଣ୍ଡ କର୍ତାଲ



ହୋଟେଲରେ ନିଆଁ ଲାଗିଥିଲା। ୨ ସପ୍ତାହ ଛୁଟି ପରେ ସ୍କୁଲ ଖୋଲିଥିବାବେଳେ ହୋଟେଲଗୁଡ଼ିକ ସମ୍ପୂର୍ଣ୍ଣ ପ୍ୟାକ୍ ରହିଥିଲା। ଅଗ୍ନିକାଣ୍ଡରେ ୬୬ ଜଣଙ୍କ ଜୀବନ ଯାଇଥିବାରୁ ଗୃହମନ୍ତ୍ରୀ ଅଲି ୟେର୍ଲିକାୟା ଗଭୀର ଦୁଃଖପ୍ରକାଶ କରିଛନ୍ତି। ଉପର ମହଲାଗୁଡ଼ିକରେ ଥିବା ଲୋକମାନେ ନିଆଁରୁ ବର୍ତ୍ତିବା ପାଇଁ ତଳକୁ ଓହ୍ଲାଇବା ବେଳେ ଆତଙ୍କିତ ପରିବେଶ ସୃଷ୍ଟି ହୋଇଥିଲା। ଲୋକେ କମ୍ବଳ ଓ ବେଡ୍‌ଶିଟ୍ ବ୍ୟବହାର କରି ଖସୁଥିବା ଦେଖାଯାଇଥିଲା। କେତେଜଣ ଆତଙ୍କିତ ହୋଇ ☞ପୃଷ୍ଠା-୪

# ବାହାରେ ରହୁଥିବା ମହିଳା 'ସୁଭଦ୍ରା' ଆବେଦନ କରନ୍ତୁ: ପ୍ରଭାତୀ

ଭୁବନେଶ୍ୱର,୨୧।୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରେ ଜିଲାଭିତ୍ତିକ ସମୀକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼ ସୂଚନା ଦେଇଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତାଙ୍କର ଅନୁଭବ ହେଉଛି ରାଜ୍ୟ ବାହାରେ ବହୁ ମହିଳା ଅଛନ୍ତି,ଯେଉଁମାନେ ସୁଭଦ୍ରାରେ ସାମିଲ ପାଇଁ ଆବେଦନ କରିନାହାନ୍ତି। ସେମାନେ ଆବେଦନ କରନ୍ତୁ। ତୁରନ୍ତ ସେମାନେ ଆବେଦନ କଲେ ଟଙ୍କା ପାଇବେ। ୪ର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଟଙ୍କା ☞ପୃଷ୍ଠା-୪

# ପ୍ରେମ ପାଇଁ ସଦ୍ଦାମ ହୁସେନରୁ ଶିବଶଙ୍କର

ବସ୍ତି, ୨୧।୧

ଉତ୍ତରପ୍ରଦେଶର ବସ୍ତି ଜିଲାରୁ ଏକ ଅଜବ ପ୍ରେମ ବିବାହ ଘଟଣା ସାମ୍ନାକୁ ଆସିଛି। ପ୍ରେମିକା ଅନୁ ସୋନୀ(୩୦)ଙ୍କୁ ବିବାହ କରିବା ପାଇଁ ସଦ୍ଦାମ ହୁସେନ(୩୪) ନାମକ ଜଣେ ମୁସଲମାନ ଯୁବକ ନିଜ ଧର୍ମ ପରିବର୍ତ୍ତନ କରି ଶିବଶଙ୍କର ହୋଇଛନ୍ତି। ସେ ହିନ୍ଦୁଧର୍ମ ଗ୍ରହଣ କରି ପ୍ରଥମେ ନିଜକୁ ଗଙ୍ଗା ଜଳରେ ପବିତ୍ର କରାଇଥିଲେ ଓ ଏହାପରେ ଅନୁଙ୍କୁ ବିବାହ କରିଥିଲେ।

ବସ୍ତି ଜିଲା ନଗର ବଜାର ଗ୍ରାମରେ ଉଭୟ ସଦ୍ଦାମ ଓ ଅନୁ



ପରିବାର ସହ ରହୁଥିଲେ। ଦୀର୍ଘ ୧୦ ବର୍ଷ ଧରି ଦୁହେଁ ପରସ୍ପରକୁ ଭଲ ପାଉଥିଲେ। ତେବେ ଦୁହିଁଙ୍କର ଧର୍ମ ଅଲଗା ହୋଇଥିବାରୁ ବିବାହ କରିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା। ବିବାହ ପାଇଁ ସଦ୍ଦାମଙ୍କ ପରିବାର ଲୋକେ ଅରାଜି ହେଉଥିଲେ।

ଅନୁ ଅନେକଥର ବିବାହ କରିବା ଲାଗି ସଦ୍ଦାମଙ୍କ ଉପରେ ଚାପ ପକାଉଥିଲେ ମଧ୍ୟ ତାଙ୍କୁ ସଫଳତା ମିଳି ନ ଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅନୁ ଗତ ଶୁକ୍ରବାର ସଦ୍ଦାମ ଓ ତାଙ୍କ ପରିବାର ବିରୋଧରେ ବିବାହ ବାହାନାରେ ବଳାତ୍କାର, ହତ୍ୟା ଧମକ ଆଦି ଅଭିଯୋଗ କରିଥିଲେ। ଅନୁଙ୍କ ଅଭିଯୋଗ ଆଧାରରେ ପୋଲିସ ସଦ୍ଦାମ ଓ ତାଙ୍କ ପରିବାର ବିରୋଧରେ ମାମଲା ମଧ୍ୟ ରୁଜୁ କରିଥିଲା। ତେବେ ଏହାର ଠିକ୍ ୩ ଦିନ ପରେ ସୋମବାର ନଗର ବଜାର ଗ୍ରାମର ଏକ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁଯାୟୀ ସଦ୍ଦାମ ପ୍ରେମିକା ଅନୁଙ୍କୁ ବିବାହ କରିଥିଲେ। ଉଭୟ ସଦ୍ଦାମ ଓ ଅନୁ ନିଜ ଇଚ୍ଛାରେ ବିବାହ କରିଛନ୍ତି ☞ପୃଷ୍ଠା-୪



# ପୋଲିସକୁ ବେଆଇନ ପଥର ଉତ୍ତୋଳନକାରୀଙ୍କ ମାଡ଼

## ୫ ଆହତ, ଥାନାରେ ମାମଲା

ଢେଙ୍କାନାଳ,୨୧।୧ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ଅଧୀନ ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ବେଆଇନ ପଥର ଖଣିରେ ମଙ୍ଗଳବାର ସକାଳେ ଉତ୍ତୋଳନକାରୀମାନେ ପଥର ଖନନ କରୁଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଉତ୍ତୋଳନକାରୀ ପୋଲିସକୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ୫ ପୋଲିସ କର୍ମଚାରୀ ଆହତ ହୋଇ ବରପଦାସ୍ଥିତ ଶ୍ରୀରାଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ତେବେ ବରିଷ୍ଠ ପୋଲିସ ଅଧିକାରୀମାନେ ଏହାକୁ ନେଇ ମୁହଁ ଖୋଲୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଆହତ ପୋଲିସ କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

କିଛିଦିନ ତଳେ ଉକ୍ତ ଖାଦାନରେ ପୋଲିସ ଚଢ଼ାଉ କରି ଟ୍ରକ୍ ଚାଳକ ଓ କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ଜାମିନରେ ଆସିଥିବା ବେଳେ ବେଆଇନ ପଥର ଖାଦାନ ଲୁଟ୍ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରି ନ ଥିଲା। ମଙ୍ଗଳବାର ସକାଳେ କୌଣସି ସୂତ୍ରରୁ ଖବରପାଇ ନିହଲପ୍ରସାଦ ଥାନା ପୋଲିସ ପକ୍ଷରୁ ନିଷିଦ୍ଧାଞ୍ଚଳ କରାଯାଇଥିବା ନିଶ୍ଚିନ୍ତା ପାହାଡ଼ର ରାୟଗଡ଼ା ଅଞ୍ଚଳରେ ବେଆଇନ ପଥର ଖଣିରୁ ଚୋରାଚାଲାଣ ହେଉଥିବା ବେଳେ ଅତର୍କିତ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଉତ୍ତୋଳନକାରୀମାନେ ପୋଲିସକୁ ପ୍ରତିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା। ଏହାପରେ ସେମାନେ ପୋଲିସକୁ ଆକ୍ରମଣ କରି ମାଡ଼ ମାରିଥିଲେ। ପୋଲିସ କର୍ମଚାରୀମାନେ ନିଜ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସିଥିଲେ। ଏହି ଘଟଣାରେ ଆହତ ପୋଲିସ କର୍ମଚାରୀମାନେ ବରପଦା ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ନିହଲ ପ୍ରସାଦ ଥାନା ଅଧିକାରୀ ସୁଚିସ୍ମିତା ସ୍ୱାଇଁ କହିଛନ୍ତି, ନିଷିଦ୍ଧାଞ୍ଚଳରେ ପୋଲିସ ଚଢ଼ାଉ କରୁଥିବା ବେଳେ କେତେଜଣ ଲୋକ ଆମକୁ ଗାଳିଗୁଲଜ କରିବା ସହିତ ପାଟିତୁଣ୍ଡ କରିଥିଲେ। ମାଡ଼ ମାରିନାହାନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବର ପାଇ ପୋଲିସ ଯାଇଥିଲେ। ସେଠାରେ କେତେଜଣ ପୋଲିସ ସହିତ ପାଟିତୁଣ୍ଡ କରିଥିଲେ। ପୋଲିସ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଅନୁଧ୍ୟାନ କରୁଛୁ।

# ରାଶନ କାର୍ଡ: ଅଯୋଗ୍ୟ ତାଲିକାରେ ୫୧୪

## ଇ-କେୱାଇସି ଖୋଲୁଛି ଗୁମର

ହାଟଡ଼ିହୀ,୨୧।୧ (ଶୁଭକାନ୍ତ ନାୟକ)

ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଥିବା ଯୋଗ୍ୟ ଏବଂ ଅଯୋଗ୍ୟ, ଭୂତ ହିତାଧିକାରୀଙ୍କୁ ଚିହ୍ନଟ ଏବଂ ସ୍ୱଚ୍ଛତା ଆଣିବା ପାଇଁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଦ୍ୱାରା ସରକାରୀ ସୁବିଧାର ଲାଭ ଉଠାଉଥିବା ଅଯୋଗ୍ୟ ଏବେ ଅଡୁଆରେ ପଡ଼ିଛନ୍ତି। ଏହି କ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ତରଫରୁ ବ୍ଲକ୍ ଅନୁସାରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଏଥିରେ କେନ୍ଦୁଝରର ୫୧୪ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

ତାଲିକା ମୁତାବକ, କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌କୁ ଆସିଥିବା ତାଲିକାରେ ୧୩୨ ପରିବାରର ୫୧୪ଜଣ ହିତାଧିକାରୀଙ୍କ ନାମ ରହିଛି। ହିତାଧିକାରୀଙ୍କ ମଧ୍ୟରେ ବିଭିନ୍ନ ବର୍ଗର ବେତନପ୍ରାପ୍ତ କର୍ମଚାରୀଙ୍କ ନାମ ରହିଛି। ତେବେ ଉକ୍ତ ତାଲିକା ଅନୁସାରେ ଅଯୋଗ୍ୟ ହିତାଧିକାରୀ ରାଶନ ସାମଗ୍ରୀ ନେଉଛନ୍ତି କି ନାହିଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନି। ଏଥିସହ ଏହି ତାଲିକାରେ ଥିବା ସମସ୍ତ ହିତାଧିକାରୀଙ୍କ ମଧ୍ୟରୁ କେତେଜଣ ଯୋଗ୍ୟ ଏବଂ କେତେଜଣ ଅଯୋଗ୍ୟ ତାହା ମଧ୍ୟ ଅଦ୍ୟାବଧି ଜଣାପଡ଼ିନି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେତେଜଣ ଯୋଗ୍ୟ ହିତାଧିକାରୀଙ୍କ ନାମ ମଧ୍ୟ ଏହି ଅଯୋଗ୍ୟ ତାଲିକାରେ ରହିଥିବା ଜଣାପଡ଼ିଛି। ବ୍ଲକ୍ ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ବ୍ଲକ୍‌କୁ ଏକ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଆଯାଇଛି। ଏଥିରେ ହାଟଡ଼ିହୀର ୧୩୨ ପରିବାରର ୫୧୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ଆସିଛି। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରୁ ଏହି ତାଲିକା ସଂଗ୍ରହ କରାଯାଇ ଦିଆଯାଇଛି। ତଦନ୍ତ କରିବା ପରେ ପ୍ରକୃତ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇପାରିବ। ୫୧୪ ଅଯୋଗ୍ୟ ହିତାଧିକାରୀ ରାଶନ ସାମଗ୍ରୀ ନେଇଛନ୍ତି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ୧୦ ହଜାର ଟଙ୍କାରୁ କମ ଦରମା ପାଉଥିବା କର୍ମଚାରୀ ନିୟମ ଅନୁସାରେ ରାଶନ ସାମଗ୍ରୀ ପାଇପାରିବେ। ତେଣୁ ଉକ୍ତ ତାଲିକାରେ ମଧ୍ୟ ସେପରି କର୍ମଚାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି, ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ସରକାରଙ୍କ ତରଫରୁ ଆମ ପାଖକୁ ଆସିନି। ବିଭିନ୍ନ ବ୍ଲକକୁ ତାଲିକା ଆସିଛି। ଏ ସଂକ୍ରାନ୍ତରେ ରିପୋର୍ଟ ଦେବା ପାଇଁ ବିଭିନ୍ନ ବ୍ଲକ୍‌କୁ କୁହାଯାଇଛି। ବ୍ଲକଗୁଡ଼ିକରୁ ରିପୋର୍ଟ ମିଳିବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

# ମାଟ୍ରିକ୍ ପରୀକ୍ଷାର ନମୁନା ପ୍ରଶ୍ନପତ୍ର 'ପରୀକ୍ଷା ଦର୍ପଣ'



ଓସେପା କାର୍ଯ୍ୟାଳୟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

- ଅନ୍‌ଲାଇନ୍‌ରେ ଯୋଗାଇଲା ବୋର୍ଡ
- ଛାତ୍ରୀଛାତ୍ରଙ୍କ ଅଭ୍ୟାସ ପାଇଁ ୫ ସେଟ୍

କଟକ,୨୧।୧(କାର୍ତ୍ତିକ ସାହୁ)

ଚଳିତବର୍ଷ ମାଟ୍ରିକ୍ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆସନ୍ତା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପ୍ରସ୍ତୁତି ପାଇଁ ଛାତ୍ରୀଛାତ୍ରଙ୍କ ହାତରେ ଆଉ ସ୍ୱଳ୍ପ ସମୟ ରହିଛି। ତେବେ ଏହି ସ୍ୱଳ୍ପ ସମୟ ମଧ୍ୟରେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏକ ସହାୟକ ପୁସ୍ତିକା ପ୍ରସ୍ତୁତ କରାଯାଇଛି। ଅନ୍‌ଲାଇନ୍ ଯୋଗେ ବୋର୍ଡ ପକ୍ଷରୁ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି ପୁସ୍ତିକାକୁ ରାଜ୍ୟର ସମସ୍ତ ହାଇସ୍କୁଲକୁ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷାଧିକାରୀମାନେ ଏହି ପୁସ୍ତିକାକୁ ସେମାନଙ୍କ ଅଧୀନରେ ଥିବା ହାଇସ୍କୁଲଗୁଡ଼ିକୁ ପ୍ରେରଣ କରିବେ। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକ ସେଗୁଡ଼ିକୁ ମୁଦ୍ରଣ କରି ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଯୋଗାଇଦେବେ।

ପ୍ରକାଶ ଯେ, ହାଇସ୍କୁଲ ପରୀକ୍ଷା ପାଇଁ ସମସ୍ତ ବିଷୟର ପାଠ୍ୟକ୍ରମ ଚଳିତମାସ ଦ୍ୱିତୀୟ ସପ୍ତାହରେ ବିଦ୍ୟାଳୟ ସ୍ତରରେ ବୋର୍ଡର ବିଜ୍ଞପ୍ତି ଅନୁସାରେ ଶେଷ ହୋଇଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ପ୍ରତି ଭୟରୁ ନିବୃତ୍ତ ରହିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ମାଧ୍ୟମିକ ଶିକ୍ଷା ପରିଷଦ ଓ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ସହଭାଗିତାରେ ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ତଦନୁଯାୟୀ ମାଧ୍ୟମିକ ଶିକ୍ଷା ପରିଷଦ ସମସ୍ତ ବିଷୟରେ ୫ଟି ଲେଖାଏ ନମୁନା ପ୍ରଶ୍ନପତ୍ର ସଂଲଗ୍ନ ଏକ ପୁସ୍ତିକା ବହୁ କମ୍ ସମୟ ବ୍ୟବଧାନରେ ପ୍ରସ୍ତୁତ କରିଛି। ଏହି ପୁସ୍ତିକାକୁ ପରୀକ୍ଷା ଦର୍ପଣ ନାମରେ ଭୁବନେଶ୍ୱରର ଓସେପା କାର୍ଯ୍ୟାଳୟରେ ମଙ୍ଗଳବାର ଉନ୍ମୋଚନ କରାଯାଇଛି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ କହିବାନୁସାରେ, ଚଳିତ ମାଟ୍ରିକ୍ ପରୀକ୍ଷାର ପ୍ରଶ୍ନପତ୍ର ଢାଞ୍ଚାରେ ଏହି ପୁସ୍ତିକାରେ ପ୍ରଶ୍ନଗୁଡ଼ିକ ଦିଆଯାଇଛି। ଏଥିସହ ଉତ୍ତର ମଧ୍ୟ ରହିଛି। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନୋତର ପତ୍ର ସେଥିରେ ଦିଆଯାଇଛି। ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବ୍‌ଜେକ୍ଟିଭ ପ୍ରଶ୍ନ ପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହେବେ। ବୋର୍ଡ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ଏଗୁଡ଼ିକ କେବଳ ମାଟ୍ରିକ୍ ପରୀକ୍ଷାରେ ଆସିବାକୁ ଥିବା ପ୍ରଶ୍ନପତ୍ର ଢାଞ୍ଚା ସହ ସାଦୃଶ୍ୟ ଭାବେ କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପରୀକ୍ଷା ଦର୍ପଣ ପୁସ୍ତିକାକୁ ମାଟ୍ରିକ୍ ଛାତ୍ରୀଛାତ୍ର ସେମାନଙ୍କ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହାୟତାରେ ପୂର୍ଣ୍ଣ ଭାବେ ଉପଯୋଗ କରିପାରିବେ। ଫଳରେ ମାଟ୍ରିକ୍ ପରୀକ୍ଷା ଦେବା ଓ ଭଲ ମାର୍କ ରଖିବା ସେମାନଙ୍କ ପାଇଁ ସହଜ ହେବ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।




# ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)**

ନୂତନ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ଆସନ୍ତା ଶିକ୍ଷାବର୍ଷଠାରୁ ଏହି ନୂଆ ନୀତି କାର୍ଯ୍ୟକାରୀ ହେବ। ପ୍ରି-ସ୍କୁଲ ଶିକ୍ଷା ପାଇଁ ପିଲାଙ୍କ ନିମନ୍ତେ ଶିଶୁବାଟିକା ଖୋଲାଯିବ। ଶିଶୁବାଟିକାରେ ପିଲାଙ୍କ ଉପରେ ବିନା କୌଣସି ଚାପରେ ସେମାନଙ୍କ ମୌଳିକ ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଜାତୀୟ ନୂଆ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ତିନିଦିନିଆ ଜାତୀୟ କର୍ମଶାଳାକୁ ମଙ୍ଗଳବାର ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରି କହିଛନ୍ତି, ନୂଆ ଶିକ୍ଷାନୀତିରେ ଶିକ୍ଷା ଭିତ୍ତିଭୂମି, ଖେଳ ମାଧ୍ୟମରେ ଶିକ୍ଷା, ମୌଳିକ ଶିକ୍ଷା, ବାହ୍ୟଜ୍ଞାନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷାରେ ଟେକ୍ନୋଲୋଜିର ପ୍ରୟୋଗକୁ ବ୍ୟାପକ କରାଯିବ। ଟେକ୍ନୋଲୋଜି ଜରିଆରେ ଶିକ୍ଷା ପ୍ରଦାନ ଆମ ଶିକ୍ଷା ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ହେବ। ସେହିପରି ୧୦+୨ ବ୍ୟବସ୍ଥା ବଦଳରେ ରାଜ୍ୟରେ ୫+୩+୩+୪ ବ୍ୟବସ୍ଥା ଲାଗୁ କରାଯିବ। ଏଥିପାଇଁ ଆଗାମୀ ବର୍ଷଗୁଡ଼ିକରେ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯିବ। ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତିକା ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବ। ଏକ ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଲକ୍ଷ୍ୟକୁ ସାକାର କରିବା ଦିଗରେ ନୂଆ ଶିକ୍ଷାନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଛାତ୍ର ଓ ଯୁବ ସମାଜକୁ ଏକ ଆଧୁନିକ ଓ ସଶକ୍ତ ଭାରତ ଗଠନ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିପାରିବ। ରାଜ୍ୟରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି। ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରୀଛାତ୍ରଙ୍କ ଡ୍ରପ୍ ଆଉଟ ହାର କମ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆଜିର ଶିକ୍ଷାର୍ଥୀମାନେ ଆଗାମୀ କାଲିର ଭବିଷ୍ୟତ। ତେଣୁ ଗୁଣାତ୍ମକ ଶିକ୍ଷା ସହିତ ସେମାନଙ୍କ ସମୟାନୁବର୍ତ୍ତିତା ଏବଂ ଅନ୍ୟ ଆଦର୍ଶ ଗୁଣର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁସ୍ତକ ଦେଖୁଛନ୍ତି।

**ନୂତନ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ଜାତୀୟ କର୍ମଶାଳା**

- ପ୍ରି-ସ୍କୁଲ ପିଲାଙ୍କ ପାଇଁ ଶିଶୁବାଟିକା ଖୋଲାଯିବ
- ପ୍ରତି ପଞ୍ଚାୟତର ଗୋଟିଏ ବିଦ୍ୟାଳୟ ହେବ ଆଦର୍ଶ ବିଦ୍ୟାଳୟ
- ରାଜ୍ୟ ପାଠ୍ୟକ୍ରମରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ର ସ୍ଥାନ ପାଇବା ଆବଶ୍ୟକ- କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ରାଜ୍ୟର ପାଠ୍ୟକ୍ରମ ପ୍ରସ୍ତୁତି ଓ ଶିକ୍ଷା କ୍ଷେତ୍ରରେ ଦକ୍ଷତା ଏବଂ ଅଭିଜ୍ଞତା ଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ଗ୍ରହଣ କରାଯିବା ଆବଶ୍ୟକ। ପାଠ୍ୟକ୍ରମରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ରଙ୍କ ବିଷୟ ସ୍ଥାନ ପାଇବାର ଆବଶ୍ୟକତା ରହିଛି। ସମସ୍ତଙ୍କୁ ଯେପରି ସହଜରେ ଓ ସୁବିଧାରେ ଶିକ୍ଷା ମିଳିବ ସେ ଦିଗରେ ଶିକ୍ଷାନୀତି ଏକ ଆଦର୍ଶ ନୀତି ହେବ। ଜାତୀୟ ଶିକ୍ଷା ନୀତି ଏବଂ ରାଜ୍ୟ ଶିକ୍ଷା ନୀତି ଏକ ରୂପ ନେଇ ଓଡ଼ିଶାର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ସେ କହିଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ନୂଆ ଶିକ୍ଷା ନୀତିରେ ମାତୃଭାଷା ସହିତ ବହୁଭାଷୀ ଶିକ୍ଷାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ରାଜ୍ୟର ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ସେହିପରି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦିନେଶ ସାକ୍‌ଲାନି କହିଛନ୍ତି, ନୂଆ ଜାତୀୟ ଶିକ୍ଷାନୀତିରେ ଦଶମ ଓ ଦ୍ୱାଦଶ ପରୀକ୍ଷା ବ୍ୟବସ୍ଥା ରହିଛି। ପିଲାମାନେ ପାଠ ପଢ଼ିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପରୀକ୍ଷାରେ ଫେଲ ହାର କମିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ଶିକ୍ଷାବିତ୍ ମଞ୍ଜୁଲ ଭାର୍ଗବ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ଏବଂ ଶିକ୍ଷାକ୍ଷେତ୍ରରେ କାର୍ଯ୍ୟରତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ଭୁବନେଶ୍ୱରରେ ରାଜ୍ୟପାଳ, କଟକରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୧(ଅନିଲ ଦାସ)**

**ସାଧାରଣତନ୍ତ୍ର ଦିବସ ପତାକା ଉତ୍ତୋଳନ**

ଆସନ୍ତା ୨୬ ତାରିଖରେ ଦେଶବ୍ୟାପୀ ସାଧାରଣତନ୍ତ୍ର ଦିବସ ପାଳନ ହେବ। ଏହି ଗଣପର୍ବ ପାଇଁ ସରକାର ଓ ପ୍ରଶାସନ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତି ଜାରି ରଖିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ପତାକା ଉତ୍ତୋଳନ କରିବେ। ଜିଲା ମୁଖ୍ୟାଳୟରେ କେଉଁମାନେ କେଉଁଠି ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ସରକାର ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରିବା ସହ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ସେହିପରି ପୁରୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସୁନ୍ଦରଗଡ଼ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁବର୍ଣ୍ଣପୁର ଜିଲାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତ୍‌ସିଂହପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ନୂଆପଡ଼ାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଢେଙ୍କାନାଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମାଲକାନଗିରିରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ।

ସେହିପରି କେନ୍ଦ୍ରାପଡ଼ା, ବ୍ରହ୍ମପୁର ଓ ରାଉରକେଲାରେ ଆର୍‌ଡିସି ପତାକା ଉତ୍ତୋଳନ କରିବେ। ଅନୁଗୋଳ, ବାରିପଦା, ବରଗଡ଼, ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଛତ୍ରପୁର, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର ଓ ଫୁଲବାଣୀରେ ଜିଲାପାଳମାନେ ପତାକା ଉତ୍ତୋଳନ କରିବେ।

## ଦକ୍ଷିଣ ଓଡ଼ିଶା ପରିଷଦ: ଟାସ୍କଫୋର୍ସରେ ସାମିଲ ହେଲେ ଆଉ ୨ ସଦସ୍ୟ

**ଭୁବନେଶ୍ୱର,୨୧।୧ (ଅନିଲ ଦାସ)**

ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ ଗଠନ କରିଛନ୍ତି। ସେଥିରେ କୋରାପୁଟ ଲୋକସଭା ଏମ୍‌ପି ସପ୍ତଗିରି ଉଲାକା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କଫୋର୍ସରେ ଅନ୍ୟ ୯ ଜଣ ସଦସ୍ୟ ଏବଂ ୩ ଜଣ ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି। ଏହି ୨ ନୂଆ ସଦସ୍ୟଙ୍କୁ ମିଶାଇ ଟାସ୍କଫୋର୍ସ ସଦସ୍ୟ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି।

## ଖରିଫ ଧାନ କିଣାରେ ୪୫୨ ଏସ୍‌ଏଚ୍‌ଜି ସାମିଲ

**ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)**

ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଏ ବର୍ଷ ରାଜ୍ୟରେ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି। ଗଞ୍ଜାମ ଜିଲାରେ ସର୍ବାଧିକ ୧୧୧, ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ା ଓ କଳାହାଣ୍ଡିରେ ୨୮, ବଲାଙ୍ଗୀରରେ ୧୮, ମାଲକାନଗିରିରେ ୯ ସମେତ ୩୦ଟି ଜିଲାରେ ସମୁଦାୟ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ପରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ଏସ୍‌ଏଚ୍‌ଜି ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଧାନ କ୍ରୟ କରିବା ସହ ସମ୍ପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି। ସମ୍ପୃକ୍ତ ଏସ୍‌ଏଚ୍‌ଜି ଜିଲା ପ୍ରଶାସନ ସହଭାଗିତାରେ ଏହି ପ୍ରକ୍ରିୟାରେ ସାମିଲହୋଇ ଧାନ କିଣା ମାର୍ଗଦର୍ଶିକାର ଅନୁପାଳନ ପୂର୍ବକ ଚାଷୀମାନଙ୍କ ଠାରୁ ଧାନ କିଣାରେ ଯୋଗଦାନ କରୁଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି। ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ ସହାୟତା ରାଶି ପ୍ରଦାନ କରାଯାଉଛି। ଧାନକିଣା ପ୍ରକ୍ରିୟାରେ ମହିଳାମାନେ ସାମିଲହୋଇ ଅନ୍ୟମାନଙ୍କୁ ଉତ୍ସାହିତ କରୁଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ୨ ନାବାଳିକା ମୃତ

**ବଣାଇ/ଲହୁଣୀପଡ଼ା, ୨୧।୧ (ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ରାଜାମୁଣ୍ଡା ବାଇପାସ୍‌ଠାରେ ମଙ୍ଗଳବାର ଅପରାହ୍ନ ୪ଟା ୪୫ରେ ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେବାରୁ ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଲିପୋଷ ଗ୍ରାମର ଜାନକୀ ଠାକୁର (୧୩) ଓ କରିଶ୍ମା ଠାକୁର (୯)। ସେମାନଙ୍କ କକା ସୁଧୀର ଠାକୁର (୨୮) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନା ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି।

ସୁଧୀର ଏବଂ ତାଙ୍କ ଝିଆରୀ ଜାନକୀ ଓ କରିଶ୍ମା ନିଜ ଗ୍ରାମରୁ ଓଡି ୧୪ ପି ୯୯୨୪ ନଂ. ସ୍କୁଟି ଯୋଗେ ଲହୁଣୀପଡ଼ା ଆସି ବଣାଇ ଦେଇ ଘରକୁ ଫେରୁଥିଲେ। ରାଜାମୁଣ୍ଡା ବାଇପାସ୍ ରାସ୍ତା ଅତିକ୍ରମ କରୁଥିବା ସମୟରେ ୧୪୩ ନମ୍ବର ଜାତୀୟ ରାଜପଥରେ ରାଉରକେଲାରୁ ବାରକୋଟ ପଟେ ଯାଉଥିବା ଓଡ଼ି ୦୯ ପି ୮୪୭୮ ନଂ. ଟ୍ରକ୍ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ବସିଥିବା ୩ଜଣଯାକ ତଳେ ପଡ଼ି ଗାଡିର ପଛ ଚକରେ ଚାପି ହୋଇଯାଇଥିଲେ। ସେମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୩ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୁଇ ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପୋଲିସ ଟ୍ରକ୍ ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।



ଦୁର୍ଘଟଣାସ୍ଥଳରେ ଲୋକ ରୁଣ୍ଡ ହୋଇଛନ୍ତି।

# ଖାଦ୍ୟ-ଖାଦକ ସମ୍ପର୍କ ବଢୁଛି

**ମହାବଳ ବାଘୁଣୀ ଜିନ୍ନତ ଓ ମଇଁଷିକୁ ନେଇ ଚର୍ଚ୍ଚା**

**ବାରିପଦା,୨୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମହାରାଷ୍ଟ୍ରରୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ମହାବଳ ବାଘୁଣୀ 'ଜିନ୍ନତ' ଓ ଏକ ମଇଁଷିକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାଘୁଣୀ ପାଇଁ ଖାଦ୍ୟ ଆକାରରେ ଦିଆଯାଇଥିବା ମଇଁଷିକୁ ସେ ଶିକାର କରୁ ନ ଥିବା ଜଣାପଡ଼ିଛି। ଏନ୍‌କ୍ଲୋଜର ମଧ୍ୟରେ ଉଭୟ ଏକାଠି ଚଳପ୍ରଚଳ କରୁଥିବା ଓ ଗୋଟିଏ ପୋଖରୀରୁ ପାଣି ପିଇବା ଘଟଣାକୁ ନେଇ କୌତୂହଳ ପ୍ରକାଶ ପାଇଛି। ଖାଦ୍ୟ ଓ ଖାଦକଙ୍କ ମଧ୍ୟରେ ଏଭଳି ନିବିଡ଼ ସମ୍ପର୍କ ଗଢ଼ି ଉଠିବା ପ୍ରାଣୀପ୍ରେମୀଙ୍କୁ ଖୁସି ଆଣି ଦେଇଛି।

ସୂଚନା ଅନୁଯାୟୀ, ମହାବଳ ବାଘର ଜେନେଟିକ୍ ପରିବର୍ତ୍ତନ ପାଇଁ ମହାରାଷ୍ଟ୍ରରୁ ୨ ବାଘୁଣୀ ଯମୁନା ଓ ଜିନ୍ନତକୁ ଶିମିଳିପାଳ ଅଣାଯାଇଥିଲା। ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ଜିନ୍ନତକୁ ଛଡ଼ାଯାଇଥିଲା। ତେବେ ସେ ଶିମିଳିପାଳ ଛାଡ଼ି ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ପଳାଇଯାଇଥିଲା। ବହୁ ଚେଷ୍ଟା ଓ ପରିଶ୍ରମ ପରେ ବନ ବିଭାଗ ଜିନ୍ନତକୁ ଟ୍ରାଙ୍କୁଲାଇଜ୍ କରି ଶିମିଳିପାଳକୁ ଫେରାଇ ଆଣି ଏନ୍‌କ୍ଲୋଜରରେ ରଖିଛି। ଖାଦ୍ୟ ଆକାରରେ ଏକ ମଇଁଷିକୁ ଏନ୍‌କ୍ଲୋଜର ମଧ୍ୟରେ ଛଡ଼ାଯାଇଥିଲା। ମାତ୍ର ଜିନ୍ନତ ଉକ୍ତ ମଇଁଷିକୁ ଶିକାର ନ କରି ଛୋଟ ଜୀବଜନ୍ତୁଙ୍କୁ ମାରି ଖାଉଥିବା ଜଣାପଡ଼ିଛି। ଖାଦ୍ୟ ଓ ଖାଦକଙ୍କ ମଧ୍ୟରେ ସମ୍ପର୍କର ନିବିଡ଼ତା ଏହି ଦୁଇ ପ୍ରାଣୀଙ୍କ ମଧ୍ୟରେ ଗଢ଼ି ଉଠିଥିବା ଦେଖିବାକୁ ମିଳିଛି। ଜିନ୍ନତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଜଙ୍ଗଲରେ ଛେଳି, ବଳଦ ମାରି ଖାଇଥିବା ନଜିର ରହିଛି। ମାତ୍ର ଏନ୍‌କ୍ଲୋଜର ମଧ୍ୟରେ ମଇଁଷିକୁ ମାରି ନ ଖାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏ ସଂକ୍ରାନ୍ତରେ ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ପଶ୍ଚିମବଙ୍ଗରେ ଟ୍ରାଙ୍କୁଲାଇଜ୍ ପୂର୍ବରୁ ଜିନ୍ନତକୁ ଖାଦ୍ୟ ଆକାରରେ ଏକ ମଇଁଷି ଦିଆଯାଇଥିଲା। ମଇଁଷିକୁ ଶିକାର କରିବା ସମୟରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିବାରୁ ଭୟରେ ସେ ମଇଁଷି ଶିକାର କରୁ ନ ଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଜିନ୍ନତ ବୟସର ମହାବଳ ବାଘ ଦିନକୁ ୨୦ରୁ ୨୫ କେଜି ମାଂସ ଭକ୍ଷଣ କରିଥାଏ। ଜଙ୍ଗଲରେ ବୁଲୁଥିବା ସମୟରେ ଜିନ୍ନତ ଖାଦ୍ୟ ପାଇଁ ଛୋଟ ଜନ୍ତୁଙ୍କୁ ନ ପାଇ ବଡ଼ ବଡ଼ ଜନ୍ତୁ ଶିକାର କରୁଥିଲା। ତେବେ ଏନ୍‌କ୍ଲୋଜରରେ ଜିନ୍ନତ ପାଇଁ ବନ ବିଭାଗ ପକ୍ଷରୁ ବାର୍‌ହା, ଛେଳି, କୁକୁରା ଆଦି ଜନ୍ତୁଙ୍କୁ ଖାଦ୍ୟ ଆକାରରେ ଦିଆଯାଉଥିବାରୁ ମଇଁଷି ଭଳି ପ୍ରାଣୀଙ୍କୁ ସେ ଶିକାର କରୁ ନ ଥିବା ଆଚାର୍ଯ୍ୟ କହିଛନ୍ତି।

ଏ ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗିନେନୀଙ୍କୁ ପଚାରିବାରୁ ଜାନୁଆରୀ ୧ ତାରିଖରେ ଜିନ୍ନତକୁ ଏନ୍‌କ୍ଲୋଜରରେ ଛଡ଼ାଯିବା ସମୟରେ ଏକ ମଇଁଷିକୁ ଖାଦ୍ୟ ଆକାରରେ ଦିଆଯାଇଥିଲା। ତେବେ ସେ ମଇଁଷିକୁ ଶିକାର ନ କରିବାରୁ ପରେ ବାର୍‌ହା, କୁକୁରା ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ଏନ୍‌କ୍ଲୋଜରରେ ଛଡ଼ାଯାଉଛି। ଜିନ୍ନତ ସେମାନଙ୍କୁ ଶିକାରକରି ଖାଉଥିବା ବେଳେ ସୁସ୍ଥ ସବଳ ଥିବା ସେ କହିଛନ୍ତି।



ମହାବଳ ବାଘୁଣୀ ଜିନ୍ନତ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମା' ଶ୍ରୀ କନକ ଦୁର୍ଗା ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ସ୍ଥାନ: ନୂଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଓୟୁ ସ୍ୱାରକ୍ଷିତ କାର୍ଯ୍ୟକ୍ରମ, ସ୍ଥାନ: ଫରେଷ୍ଟ ଏନଭାଇରନମେଣ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ ଡିପାର୍ଟମେଣ୍ଟ, ୪ର୍ଥ ଫ୍ଲୋର, ଖାରବେଳ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କମ୍ରେଡ ଜଗନ୍ନାଥ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ନବରଙ୍ଗର ସୁଗମ ସଙ୍ଗୀତ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ଶ୍ୱେତପଦ୍ମ ଏକାଦଶ ମଞ୍ଚ ନାଟକ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ବାଲେଶ୍ୱର

- ଶ୍ରୀ ଶ୍ରୀ ରାଧା ମଦନମୋହନଙ୍କ ଦିବ୍ୟ ଭବ୍ୟ ପୁଷ୍ପାଭିଷେକ, ସ୍ଥାନ: ରାଧା ମଦନମୋହନ ମନ୍ଦିର, ବାଲିଆପାଳ, ସମୟ: ସକାଳ ୭ଟା।
- ତ୍ରିନାଥ ଦେବଙ୍କ ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି, ସ୍ଥାନ: ଦମକଳ କେନ୍ଦ୍ର ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଗୁରୁ ବୈଷ୍ଣବମାନଙ୍କର କୃପା ଲାଭ ଓ ପୂଜ୍ୟ ପାଦ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛର ଦାସ ବ୍ରହ୍ମଚାରୀଙ୍କ ଦ୍ୱାରା ହରି କଥା ଶ୍ରବଣ, ସ୍ଥାନ: ରାଧା ମଦନମୋହନ ମନ୍ଦିର, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହଳଦୀପଦା ପ୍ରାଣୀ ଡାକ୍ତରଖାନା ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଏକ୍ସପୋ ଓଡ଼ିଶା-୨୦୨୫ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର, ସ୍ଥାନ: ଷେଣ୍ଡପୁର ହାଇସ୍କୁଲ ପରିସର, ଧାମନଗର, ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ଦକ୍ଷତା ବିକାଶ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଧାନକ୍ରୟ କରୁଥିବା ଏସ୍‌ଏଚ୍‌ଜିର ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ଗୋପାଳପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନନ୍ଦରାମ ପାଟଜ୍ଞିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଦୋଳପଦୀ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଶଶଧର କ୍ଷୀରୋଦମଣି ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ମାଟିପେକା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଶ୍ୟାମପୁର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ପର୍ବ, ସ୍ଥାନ: ଚୋରଗଡିଆ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବିଦ୍ୟାଳୟରେ ବାର୍ଷିକ କ୍ରୀଡା, ସ୍ଥାନ: କେ. ବାଲିପାଳ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- କଳସ ଶୋଭାଯାତ୍ରା, ସ୍ଥାନ: ହନୁମାନ ମନ୍ଦିର ପ୍ରାଣ ପ୍ରତିଷ୍ଠା, ଜୟ ହନୁମାନ ଯୁବକ ସଂଘ ଆଖଡ଼ା, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ମା' ଶୀତଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଦେବୀ ଦର୍ଶନ, ସ୍ଥାନ:ଜଡ଼ିପାଳ, ବଡ଼ସାହି, ସମୟ: ସକାଳ ୮ଟା।
- କଂଗ୍ରେସ କର୍ମକର୍ତ୍ତାଙ୍କ ବନ୍ଧୁମିଳନ, ସ୍ଥାନ: ଦାନ୍ତିଆମୁହାଁ, ମୋରଡା, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ଖେଳର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ପାଟପୁର ଖେଳ ପଡ଼ିଆ, ଚିତ୍ରଡ଼ା, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ପୂରବୀ ଓ ନୂପୁର ଅନୁଷ୍ଠାନ ପକ୍ଷରୁ ନାଟ୍ୟ ଉତ୍ସବ, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ଅପରାହ୍ନ୨ଟା।
- ମକର ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ମା' ତାରିଣୀଙ୍କ ବାର୍ଷିକୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ:ଅପରାହ୍ନ ୩ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ଶାଳୁଆ, ବଡ଼ସାହି,ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ସାଧନା ଶିବିର, ଆଧ୍ୟାତ୍ମିକ ସମ୍ମିଳନୀ,ସ୍ଥାନ: ଆସିକା ବ୍ଲକ ଖଣ୍ଡବନ୍ଧ ଦିବ୍ୟଜୀବନ ସଂଘ, ସମୟ: ସକାଳ ୮ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ପାତ୍ରପୁର ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ପାଳନ,ସ୍ଥାନ: ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଗଞ୍ଜାମ କମିଟିର ସ୍ମାରକପତ୍ର ପ୍ରଦାନ,ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ରାଇକିଆ,ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି

- ବେଟି ବଚାଓ ବେଟି ପଢାଓ ଯୋଜନା ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ,ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ସିନ୍‌କ୍ରୋନୀ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ମହିମାଜ୍ୟୋତି ଶୈକ୍ଷିକ ଶିକ୍ଷାନୁଷ୍ଠାନର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ଖଣ୍ଡହତା, ସମୟ: ପୂର୍ବାହ୍ନ ୧୧ଟା।

## ଜଗତସିଂହପୁର

- ପାରାଦୀପ ପୌରପରିଷଦର ୧୯ ତମ ସାଧାରଣ ଅଧିବେଶନ ଓ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପୌରପାଳିକା କାର୍ଯ୍ୟାଳୟ, ପାରାଦୀପ ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀଦଧିବାମନ ମହାପ୍ରଭୁ ଓ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ରତ୍ନମୁଦ ଉତ୍ସବ, ସ୍ଥାନ: ମଧୁଶାସନ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: କରିଲୋପାଟଣା ସ୍ନାତକ ମହାବିଦ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପରେ କଟକ, ଜଗତପୁରର ନିମପୁର ବନାମ ପାରାଦୀପର ଡାଇମଣ୍ଡ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍ଗାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।

## ନୟାଗଡ଼

- ମକର ସଂକ୍ରାନ୍ତି ଯାତ୍ରାର ଉଦ୍‌ଯାପନୀ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ସକାଳ ୧୦ଟା।
- ଟି ଟୋଣ୍ଟି କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଧାମୂଳା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡିଆ ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ସମୟ:ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ପାରାୟଣର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ ସମୟ: ସକାଳ ୮ଟା।
- ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ନବଚୌଧୁରୀ ଉଚ୍ଚ ମାଧ୍ୟମିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ଦ୍ୱାରା ହସ୍ତଶିଳ୍ପ କାରିଗରୀ ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ଗୁଣୁପୁର, ପୁଟାସିଂ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: କୋଲନରା ବ୍ଲକ ସମ୍ମୁଖରେ ଥିବା କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ ଟା।
- ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଚିନାସାରି ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ପଣ୍ଡିକୋଟ ସରକାରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ:ପାପଡ଼ାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମନିର୍ଭର ଭିତ୍ତିଭୂମି ସମ୍ପର୍କିତ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁରସ୍ଥିତ ହୋଟେଲ ଗ୍ଲେଜ, ସମୟ : ପୂର୍ବାହ୍ନ ୧୦ଟା।
- ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ନର୍ସିଂ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ସିନ୍ଧିଗାଁ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୧ଟା।
- ଏସ୍‌ଏଲ୍‌ଏନ୍ ହାଇସ୍କୁଲ ବାର୍ଷିକ ଉତ୍ସବ ସ୍ଥାନ: ଧୋଡ୍ରା, ସମୟ: ଅପରାହ୍ନ ୨ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ କୋଟ୍ରାଗୁଡ଼ା, ସମୟ: ଅପରାହ୍ନ ୪ଟା୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ : ସରକାରୀ କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ସ୍କୁଲରେ ଚାରାରୋପଣ, ଆଲୋଚନାଚକ୍ର, ସ୍ଥାନ: ସୁନାବେଡ଼ାସ୍ଥିତ ଭିଏସ୍ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବେଟି ବଚାଓ ଏବଂ ବେଟି ପଢ଼ାଓ ସଚେତନତା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ୍ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସାଧାରଣତନ୍ତ୍ର ଦିବସ ନେଇ ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଜଳବିଭାଜିକା ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୪ ଟା।
- ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶମନ୍ତପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ୪ଜି ମୋବାଇଲ ସେବା ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ସିଏମ - ଅଣ୍ଡର ୧୫ ବାଳକ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା।
- ସମ୍ବଲପୁର ପୁସ୍ତକ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି, ବର୍ଣ୍ଣାଳୀ ହୋତା ଓ ସାଥୀଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ନାନକ ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବଲାଙ୍ଗୀର ଲୋକ ଉତ୍ସବରେ ଲୋକ ନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: କୋଶଳ କଳାମଣ୍ଡଳ ପୁରୁଣା ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଚମ୍ପିୟନଶିପ୍ ଫାଇନାଲ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ଲୋକଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: କୋଶଳ କଳା ମଣ୍ଡଳ ନୂଆମଞ୍ଚ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ହନୁମାନପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଗୁଦୁଗୁଦା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେଶରିପାଲି(ମହୁଲପାଲି), ଭେଡ଼େନ, ସମୟ: ସକାଳ ୯ଟା।
- ସମ୍ବଲପୁରୀ ବହି ପସରା, କବିତା ପାଠ, ସ୍ଥାନ: ରାମଚଣ୍ଡୀ ମନ୍ଦିର, ଲାଦେରପାଲି, ଅତାବିରା, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ, ସ୍ଥାନ:ଟାଉନ ହଲ, ବରଗଡ଼,ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଜନ୍ମଭୂମି ବାର୍ଷିକ ଉତ୍ସବ, ସ୍ଥାନ:ନିଶାନ୍ତ ଦେବତା ପୋଲି କ୍ଲିନିକ, ଭଟଲି ରୋଡ୍, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଛାତ୍ରୀଛାତ୍ରଙ୍କ କୁଇଜ ଓ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ପୁଟୁରୀପାଲି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାହ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଶିରିଡି ସାଇବାବା ମନ୍ଦିର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୮ ସାଇ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ରାଉରକେଲା ସ୍ୱୟଂଶାସିତ କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ସମାରୋହ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଫ୍ୟାକ୍ଟ୍ରିଆଣ୍ଡ୍ ବଏଲର କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବିଧାନ ଗୌରବ ଅଭିଯାନ ଉପଲକ୍ଷେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଛେଣ୍ଡ ହକି ଭିଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବବୃହତ୍ ଲଡୁ ଶୋଭାଯାତ୍ରା, ସ୍ଥାନ: ମେ ଫେୟାର ହକି ଭିଲେଜ, ସମୟ: ଅପରାହ୍ନ ୧ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ହକି ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ସମୟ: ରାତି ୮ଟା ୧୫।

## ଦେବଗଡ଼

- ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ପାଇଁ ପ୍ରେସ ମିଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ହଷ୍ଟେଲ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।

## ବୌଦ୍ଧ

- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କାଳେଶ୍ୱର, ବୌଦ୍ଧ, ସମୟ: ସକାଳ ୯ଟା।
- ଏକୋଇଶତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ଆଦିବାସୀ ଉଚ୍ଚ ବିଦ୍ୟାଳୟ ନୂଆପାଲିର ବାର୍ଷିକୋତ୍ସବ, ସ୍ଥାନ: ଆଦିବାସୀ ଉଚ୍ଚ ବିଦ୍ୟାଳୟ , ନୂଆପାଲି, କଣ୍ଟାମାଳ, ସମୟ: ଅପରାହ୍ନ ୩ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। କିନ୍ତୁ ବନ୍ଧୁଙ୍କ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ। ବାଧ୍ୟବାଧକତାରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବହୁତ ଦିନରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବାର ଆଶା ରହିଛି।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ଫଳ ପାଇବେ। କର୍ମକ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ପରିବାରରେ ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ ପ୍ରତି ସତର୍କ ନ ରହିଲେ ବିଶେଷ ଅନୁତାପ କରିବାକୁ ପଡ଼ିବ।

**ମିଥୁନ** ପାରିବାରିକ ସ୍ତରରେ ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା ସଙ୍ଗକୁ ସମସ୍ୟାରେ ମଧ୍ୟ ବ୍ୟସ୍ତତା ପ୍ରକାଶ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସହ ବୁଦ୍ଧିଜୀବୀଙ୍କ ପ୍ରଶଂସାର ପାତ୍ର ହେବେ। ସାମୂହିକ କାମରେ ହଠାତ୍ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ।

**କର୍କଟ** ଆଜି କିଛି ସୁବିଧା ସଙ୍ଗକୁ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଦେଇ ଗତି କରିବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ଅଧିକ ସମୟ ବିନିଯୋଗ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ସଫଳତା ପାଇବାରେ ନିକଟସ୍ଥ ବ୍ୟକ୍ତି ସହଯୋଗ କରିପାରନ୍ତି।

**ସିଂହ** ପାରିବାରିକ ସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁଙ୍କ ମନ ଧରିଲା ଭଳି କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ। ଧାର ସୂତ୍ରରେ ଅର୍ଥ ସଂଗ୍ରହ ଏବଂ ଆବଶ୍ୟକ ମନେ କରୁଥିବା ଜିନିଷ ସମୂହକୁ କିଣିବାରେ ସକ୍ଷମ ହେବେ। ସାମାଜିକ ସ୍ତରରେ କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବେ।

**କନ୍ୟା** କୌଣସି ବନ୍ଧୁ ଅଯାଚିତ ଭାବରେ ଆର୍ଥିକ ସମସ୍ୟାକୁ ସୁଧାରି ନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନି, ଯାହାକି ଅଶାନ୍ତିର କାରଣ ହେବ। ସମ୍ପର୍କୀୟଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ନୂତନ କାମ ଆରମ୍ଭ କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ମନରେ ଆଶଙ୍କା ସୃଷ୍ଟି ହୋଇପାରେ। କାର୍ଯ୍ୟବ୍ୟସ୍ତ ଯୋଗୁ ବ୍ୟବସାୟିକ ସ୍ଥିତି ଠିକ୍ ରହି ନ ପାରେ। କର୍ମକ୍ଷେତ୍ରରେ ସୁଯୋଗ ଲାଭକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ।

**ବିଛା** କର୍ମକ୍ଷେତ୍ରରେ ପରିସ୍ଥିତି ବିଗିଡି ଯାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସବୁ ଥାଇ କିଛି ନ ଥିଲା ଭଳି ପରିସ୍ଥିତି ଦେଇ ଗତି କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। ଅଭାବ ପୂରଣ ପରିପ୍ରେକ୍ଷୀରେ ଋଣ ସୂତ୍ରରେ ଅର୍ଥଲାଭ କରିବାକୁ ବାଧ୍ୟହେବେ।

**ଧନୁ** ସମସ୍ତ ପ୍ରକାର ଅଭିଳାଷ ପୂରଣ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଅଜଣା ଜାଗାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମକର** ପାରିବାରିକ ସ୍ତରରେ ମନକଥା ମନରେ ରଖି ଲକ୍ଷ୍ୟ ହାସଲ ଦିଗରେ ଚେଷ୍ଟା କଲେ ଉପକୃତ ହେବେ। ବନ୍ଧୁଙ୍କ ସହାୟତାରେ ଅର୍ଥ ସଂଗ୍ରହ ଅଭିଯାନ ଜାରି ରଖିଲେ ସଫଳତା ପାଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ଜଗିରଖି ନ ଚଳିଲେ କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ** ଶାରୀରିକ ସୁସ୍ଥତା ସଙ୍ଗକୁ ମାନସିକ ସ୍ଥିରତା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବ। ଯାହା ଓ ଯେତିକି ପାଇବା କଥା ଅବଶ୍ୟ ପାଇବେ କିନ୍ତୁ ଅଧିକ ଆଶା କରି ନିରାଶ ହୋଇ ପାରନ୍ତି। ପାରିବାରିକ ସମସ୍ୟା ବିଷୟ କ୍ଷେତ୍ରରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ। ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି।

**ମୀନ** ଗତକାଲିଠାରୁ ଆପଣ ଯାହା ଚିନ୍ତା କରୁଛନ୍ତି ତାହା ଅବଶ୍ୟ ସୁବିଧାରେ ହୋଇଯିବ। ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ନିନ୍ଦା ରଟନା କରିପାରନ୍ତି।

ଆଜି ଜାନୁଆରୀ ୨୨ ତାରିଖ, ମାଘ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ବୁଧବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ସ୍ୱାତୀ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦିବା ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୮ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

## ନିବେଶକ ହରାଇଲେ...

ଅନ୍ତର୍ଭୁକ୍ତ କମ୍ପାନୀଗୁଡ଼ିକ ମଧ୍ୟ ୨% କ୍ଷତିଗ୍ରସ୍ତ ହୋଇଛି। ସବୁ ସେକ୍ଟରରେ ନିବେଶକମାନେ ଶେୟାରଗୁଡ଼ିକୁ ଶସ୍ତାରେ ବିକ୍ରି କରିଦେଇଛନ୍ତି। ଟ୍ରମ୍ପ୍ ସୋମବାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭାରତ ସମେତ ଅନେକ ଦେଶରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ସୀମାଶୁଳ୍କ ବସାଇବେ ବୋଲି ଘୋଷଣା କରିଥିଲେ। ଏହି କାରଣରୁ ନିବେଶକମାନେ ଆତଙ୍କିତ ହୋଇ ସେଲ୍‌ଅଫ୍‌ରେ ପଡ଼ିଥିବା କୁହାଯାଉଛି। ଏହାବାଦ୍ ଟ୍ରମ୍ପଙ୍କ ଆପ୍ରବାସନ ନୀତି ମଧ୍ୟ ଭାରତୀୟ ଟେକ୍ ସେକ୍ଟରକୁ ପ୍ରଭାବିତ କରିପାରେ। ଟ୍ରମ୍ପ୍ ୨.୦ରେ ନୂଆ ରାଷ୍ଟ୍ରପତିଙ୍କ ଅର୍ଥନୈତିକ ନିଷ୍ପତ୍ତି କ'ଣ ରହିବ, ସେଥିରେ କୌଣସି ସ୍ୱଚ୍ଛତା ନ ଥିବାରୁ ଚିନ୍ତା ବଢ଼ିଯାଇଛି। ଟ୍ରମ୍ପ୍ ଶରଣାର୍ଥୀଙ୍କ ସମ୍ପର୍କରେ ସ୍ପଷ୍ଟ ଭାବେ କହିଥିଲେ ମଧ୍ୟ ଟାରିଫ୍‌କୁ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ପ୍ରକାଶ କରିନାହାନ୍ତି। କାନାଡା ଓ ମେକ୍ସିକୋ ସାମଗ୍ରୀ ଉପରେ ୨୫% ସୀମାଶୁଳ୍କ ବସିବା ସ୍ପଷ୍ଟ ହୋଇଥିବାବେଳେ ଭାରତୀୟ ସାମଗ୍ରୀ ଉପରେ କେତେ ସୀମାଶୁଳ୍କ ଲାଗିବ ତାହା ଜଣାପଡ଼ି ନ ଥିବାରୁ ବଜାରକୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି ବୋଲି ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ମୁଖ୍ୟ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ଭି.କେ. ବିଜୟକୁମାର ସୂଚନା ଦେଇଛନ୍ତି। ସେହିପରି ମେହଟ୍ଟା ଇକ୍ୱିଟିଜ୍ ସିନିୟର ଭାଇସ୍‌ପ୍ରେସିଡେଣ୍ଟ ପ୍ରଶାନ୍ତ ତାପ୍‌ସେ କହିଛନ୍ତି , ଟ୍ରମ୍ପଙ୍କ ଶପଥ ଅଭିଭାଷଣକୁ ନେଇ ନିବେଶକମାନେ ଆତଙ୍କିତ। ସେ ଆମେରିକାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ପଦକ୍ଷେପ ନେଇପାରନ୍ତି, ଯାହାକି ଭାରତ ସମେତ ଅନେକ ଦେଶର ଅର୍ଥନୀତିକୁ ସଙ୍କୁଚିତ କରିଦେଇପାରେ। ସେହିପରି ଆସନ୍ତା ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଂସଦରେ ଉପସ୍ଥାପନ କରିବାକୁ ଥିବା କେନ୍ଦ୍ରୀୟ ବଜେଟ-୨୦୨୫କୁ ନେଇ ମଧ୍ୟ ନିବେଶକ ଆଶା ଆଶଙ୍କାରେ ରହିଛନ୍ତି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ମୁହଁ ଫେରାଇନେବା ଭଳି ଆଉ କିଛି କାରଣରୁ ପୁଞ୍ଜିବଜାର ମଙ୍ଗଳବାର ତଳମୁହାଁ ହୋଇଥିବା ଅନୁମାନ କରାଯାଉଛି। ଦିନକରେ ଏଫ୍‌ଆଇଆଇ ୫,୯୨୦.୨୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ଷ୍ଟକ୍ ଏକ୍ସଚେଞ୍ଜ ଡେଟାରୁ ଜଣାପଡ଼ିଛି।

## ୧୬ ମାଓବାଦୀ ନିହତ...

୨ଟି ଛତିଶଗଡ ପୋଲିସ ଟିମ୍ ଇ-୩୦ ଓ ୫ ସିଆର୍‌ପିଏଫ୍ ଯବାନ ରହିଛନ୍ତି। ପ୍ରକାଶଥାଉ କି ଛତିଶଗଡ-ନୂଆପଡ଼ା ଜିଲା ସୀମାନ୍ତରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଅନେକ ଥର ଗୁଳି ବିନିମୟ ହୋଇଛି। ୨୦୨୪ ଅକ୍ଟୋବର ୨୨, ନଭେମ୍ବର ୨, ନଭେମ୍ବର ୨୧ରେ ଗୁଳି ବିନିମୟ ସମୟରେ ମାଓବାଦୀ କ୍ୟାମ୍ପ ଠାବ ସହ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ୨୦୨୫ ଜାନୁଆରୀ ୩ରେ ନୂଆପଡ଼ା ସୀମାଠାରୁ ୮ କିମି ଦୂର ଛତିଶଗଡ ଇନ୍ଦାଗାଁ ଥାନା କାଣ୍ଡସର ସଂରକ୍ଷିତ ଜଙ୍ଗଲରେ ଯବାନ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମାଓବାଦୀ ନିହତ ହୋଇଥିବାବେଳେ ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା।

## ୧୩ରୁ ବିଧାନସଭା...


ବିଧାନସଭାର ପ୍ରଥମ ଦିବସ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ। ଫେବୃଆରୀ ୧୪ ଓ ୧୫ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ଫେବୃଆରୀ ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରାଯିବ। ୧୯ ତାରିଖରେ ବେସରକାରୀ କାର୍ଯ୍ୟଦିବସ ରହିଥିବା ବେଳେ ୨୦ ଏବଂ ୨୧ ତାରିଖରେ ବଜେଟ ଉପରେ ଆଲୋଚନା ହେବ। ଫେବୃଆରୀ ୨୨ରୁ ମାର୍ଚ୍ଚ ୬ ତାରିଖ ଯାଏ ବିଧାନସଭା ଅଧିବେଶନ ବନ୍ଦ ରହିବ। ଏହା ପରେ ମାର୍ଚ୍ଚ ୭ ତାରିଖରୁ ଏପ୍ରିଲ ୫ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଚାଲିବ।

## ତୁର୍କୀ ସ୍କାଏ ରିସର୍ଟ...

ତଳକୁ ଡେଇଁପଡ଼ିଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ କେମାଲ ମେମିସୋଗ୍ଲୁ କହିଛନ୍ତି।

ମଙ୍ଗଳବାର ଭୋର ସମୟରେ ନିଆଁ ଲାଗିବାବେଳେ ହୋଟେଲରେ ୨୩୮ ଅତିଥି ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବାରେ ବିଳମ୍ବ କରିଥିଲେ। ହୋଟେଲର ରେଷ୍ଟୁରାଣ୍ଟରୁ ନିଆଁଲାଗି ଅନ୍ୟ ଭାଗକୁ ବ୍ୟାପିଯାଇଥିବା ବିଶ୍ୱାସ କରାଯାଉଛି। ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତୁର୍କୀ ସରକାର ୬ ଜଣିଆ ତଦନ୍ତକାରୀ ଟିମ୍ ଗଠନ କରିଛନ୍ତି। ହୋଟେଲ ମାଲିକଙ୍କ ସମେତ ୪ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। କୋଠାରୁ ଡେଇଁବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶ ପ୍ରାଣ ହରାଇଛନ୍ତି। ହୋଟେଲରେ ଧୂଆଁ ଭର୍ତ୍ତି ହୋଇଯିବାରୁ ଗେଷ୍ଟମାନେ ଫାୟାର ଏସ୍‌କେପ୍ ପାଇ ନ ଥିଲେ ବୋଲି ଏହାର ସ୍କାଏ ଇନ୍‌ଷ୍ଟ୍ରକ୍ଟର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...



କୁଲାରିଘାଟ ଜଙ୍ଗଲ ପାଖରେ କୋମ୍ବିଂ ଅପରେଶନରେ ସାମିଲ ଯବାନ।

## ବାହାରେ ରହୁଥିବା ମହିଳା...

ମିଳିବ ବୋଲି ପ୍ରଭାତୀ କହିଛନ୍ତି। ଏଇ ମାସ ଶେଷ ସପ୍ତାହରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ଟଙ୍କା ମିଳିବ। କିନ୍ତୁ ବିଡ଼ମ୍ବନା,ଏବେ ବି ୨ ଲକ୍ଷରୁ ଅଧିକ ମହିଳା ନିଜର କେୱାଇସି ଅପ୍‌ଡେଟ୍ କରିନାହାନ୍ତି। ଅଜାଣତରେ ଅପ୍‌ଟ ଆଉଟ ହୋଇଥିବା ୩୧ ହଜାର ମହିଳାଙ୍କ ମଧ୍ୟରୁ ୧୭ ହଜାର ଅପଟ୍ ଇନ୍ କରିଛନ୍ତି। ତେଣୁ ସରକାର ମାସ ଶେଷ ଆଡ଼କୁ ୪ର୍ଥ ପର୍ଯ୍ୟାୟ ଟଙ୍କା ଦେବାକୁ ପ୍ରସ୍ତୁତ ହେଉଥିବାରୁ ଯଥାଶୀଘ୍ର କେୱାଇସି ଅପଡେଟ ପାଇଁ କିଛିଦିନ ତଳେ ଉପମୁଖ୍ୟମନ୍ତ୍ରୀ ଅପିଲ କରିଥିଲେ। ଏପଟେ ଏବେ ବି ଅନେକ ଆବେଦନକାରୀ ଆଶା ଆଶଙ୍କାରେ ରହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ୫ ଲକ୍ଷ ମହିଳାଙ୍କ କେୱାଇସି ଅପ୍‌ଡେଟ ନ ଥିଲା ସେଥିରୁ ୩ ଲକ୍ଷ ମହିଳା କେୱାଇସି ଅପ୍‌ଡେଟ କରିଛନ୍ତି। ସେମାନଙ୍କୁ ୩ୟ ପର୍ଯ୍ୟାୟରେ ସାମିଲ କରାଯିବ। ଚତୁର୍ଥ କିସ୍ତି ପରେ ବି ଯଦି କେହି କେୱାଇସି ଅପ୍‌ଡେଟ୍ କରୁଛନ୍ତି କିମ୍ବା ଅପ୍ଟ ଇନ୍ କରୁଛନ୍ତି ସେମାନଙ୍କୁ ବି ସୁଯୋଗ ମିଳିବ। ଏବେ ଯାଏଁ ୩ଟି ପର୍ଯ୍ୟାୟରେ ପ୍ରାୟ ୮୦ ଲକ୍ଷରୁ ଅଧିକ ମହିଳା ସୁଭଦ୍ରା ଟଙ୍କା ପାଇସାରିଲେଣି। ୪ର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ଯୋଜନାରେ ସାମିଲକରି କୋଟିଏ ହିତାଧିକାରୀ ସାମିଲ କରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ପ୍ରେମ ପାଇଁ ସଦ୍ଦାମ...

ବୋଲି ପୋଲିସକୁ ଜଣାଇଛନ୍ତି। ହିନ୍ଦୁଧର୍ମ ଗ୍ରହଣ କରିବା ସହ ନିଜ ନାମ ପରିବର୍ତ୍ତନ କରିଥିବା ସଦ୍ଦାମ କହିଛନ୍ତି, ସେ ଗତ କିଛିଦିନ ହେବ ହିନ୍ଦୁଧର୍ମକୁ ପସନ୍ଦ କରୁଥିଲେ। କିନ୍ତୁ ଅଲଗା ଧର୍ମର ହୋଇଥିବାରୁ ଏବଂ ପାରିବାରିକ ଚାପ କାରଣରୁ ସେ ଖୋଲାଖୋଲି ଭାବେ ହିନ୍ଦୁଧର୍ମକୁ ସ୍ୱୀକାର କରି ପାରୁ ନ ଥିଲେ। ସୁଯୋଗ ମିଳିବା ମାତ୍ରେ ସେ ସ୍ଥାନୀୟ ହିନ୍ଦୁ ସଙ୍ଗଠନର ସହଯୋଗରେ ଇସ୍‌ଲାମ ଧର୍ମ ଛାଡ଼ି ହିନ୍ଦୁ ଧର୍ମକୁ ଅପଣାଇଥିବା ସଦ୍ଦାମ କହିଛନ୍ତି। ସେହିପରି ଅନୁ କହିଛନ୍ତି, ସଦ୍ଦାମଙ୍କ ସହ ବିବାହ ପାଇଁ ତାଙ୍କ ପରିବାର ଲୋକେ ରାଜି ଥିଲେ ହେଲେ ସଦ୍ଦାମଙ୍କ ପରିବାର ଏହି ସମ୍ପର୍କକୁ ଚାହୁଁ ନ ଥିଲେ। ତେଣୁ ସଦ୍ଦାମ ବାଧ୍ୟହୋଇ ନିଜ ପରିବାରକୁ ଛାଡ଼ି ତାଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଶ୍ୱ ହିନ୍ଦୁ ମହାସଂଘର ବସ୍ତି ଜିଲା ଅଧ୍ୟକ୍ଷ ଅଖିଳେଶ ସିଂ କହିଛନ୍ତି, ଇସ୍‌ଲାମ ଧର୍ମ ଛାଡ଼ି ହିନ୍ଦୁଧର୍ମ ଗ୍ରହଣ କରିଥିବାରୁ ବିଶ୍ୱ ହିନ୍ଦୁ ମହାସଂଘ ଶିବଶଙ୍କରଙ୍କୁ ସବୁ ପ୍ରକାରର ସହଯୋଗ ଯୋଗାଇଦେବ।

DSPL - 338

ODISHA
NEW OPPORTUNITIES

CII
Confederation of Indian Industry

# MAKE IT ICONIC

## Showcasing Odisha on the Global Map of Business Investment

Step into the spotlight at the **Utkarsh Odisha - Make in Odisha Conclave 2025**, where Odisha's heritage, innovation, and industries coalesce to create an unforgettable legacy of growth. Be part of the visionary process that is transforming the state's industrial kaleidoscope with industry, new-age work culture and a double engine economic boom.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

| Start-up Odisha | Women Entrepreneurship enable by SUBHADRA | Countries-of-Focus Session | Skilled in Odisha |
|---|---|---|---|

**BECOME A PART OF THE "VIKSIT ODISHA 2036" JOURNEY**

# INVEST IN ODISHA, INVEST IN FUTURE

- Networking Opportunities -B2G MEETINGS
- Gala Cultural Events
- 6 Thematic Sessions
- Grand Make In Odisha Expo
- 12 Sectoral Sessions
- Vision Viksit Odisha 2036 Showcase

**REGISTER NOW**

Scan to Register

Visit us at https://mio.investodisha.gov.in

OIPR-14005/13/0026/2425

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ।-**ଶ୍ରୀଅରବିନ୍ଦ**



# ଗଭୀର ଅମଲା

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ତଦାରଖରେ ଆମେରିକା ସରକାରଙ୍କ ବିରାଟକାୟ ଅମଲାତନ୍ତ୍ର ବ୍ୟବସ୍ଥାକୁ ସୁଧାରିବା ସହିତ କ୍ଷୁଦ୍ର କରିବା ପାଇଁ ଏକ ନୂତନ ବିଭାଗ ଖୋଲିଛନ୍ତି। ଏହାର ନାମ ହେଉଛି ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି ( ଡିଓଜିଇ)। ଏହାର ନେତୃତ୍ୱ ନେବା ସକାଶେ ନୂଆ ରାଷ୍ଟ୍ରପତି ଏଲନ୍ ମସ୍କଙ୍କୁ ଦାୟିତ୍ୱ ଦେଇଛନ୍ତି। ଡିଓଜିଇ ଗଠନର ମୁଖ୍ୟ କାରଣ ହେଉଛି ଆମେରିକାରେ ସରକାରୀ ଅଫିସରମାନେ ଶାସକମାନଙ୍କଠାରୁ ଅଧିକ ଶକ୍ତିଶାଳୀ ହୋଇଗଲେଣି। ଭାରତ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ମୋଦି ନୂତନ ଭାବେ ଯେତେବେଳେ କ୍ଷମତାକୁ ଆସିଥିଲେ ସେତେବେଳେ 'ଲେସ୍ ଗଭର୍ନମେଣ୍ଟ, ମୋର୍ ଗଭର୍ନାସ' ଅର୍ଥାତ୍ ସରକାରୀ କଳକୁ କ୍ଷୁଦ୍ର କରାଯିବା ସହିତ ପ୍ରଶାସନିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବ ବୋଲି କହିଥିଲେ। କିନ୍ତୁ ମୋଦିଙ୍କର ତୃତୀୟ ପାଳିରେ ମଧ୍ୟ ସରକାରୀ କଳକୁ କ୍ଷୁଦ୍ର କରାଯାଇପାରୁନାହିଁ। ଅନ୍ୟ ପକ୍ଷରେ ଶାସକ ଦଳକୁ ସନ୍ତୁଷ୍ଟ ରଖି ନିଜର କ୍ଷମତା ବଢ଼ାଇବାରେ ଭାରତର ଅମଲାତନ୍ତ୍ରୀ ଅତି ଚତୁରତାର ସହିତ ସକ୍ଷମ ହେଉଛନ୍ତି। ଏହି ଅମଲା ବ୍ୟବସ୍ଥା 'ଡିପ୍ ଷ୍ଟେଟ୍' ବା ଗଭୀର ଅମଲାତନ୍ତ୍ର ପାଲଟିଯାଇଛି, ଯେଉଁଥିରେ ଅମଲାତନ୍ତ୍ରୀମାନେ ଦୁର୍ନୀତିରେ ଜଡ଼ିତ ହେବା ସହ ସରକାରୀ ନୀତିକୁ ନିୟନ୍ତ୍ରଣ କରୁଛନ୍ତି। ଏହାର ଏକ ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳିଛି ଓଡ଼ିଶାର ବାଲେଶ୍ୱରରେ।

> **ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆୟକର ବିଭାଗ, ସିବିଆଇ, ପୋଲିସ ଏବଂ ଅନ୍ୟସବୁ ସରକାରୀ ଅଙ୍ଗ ଭାରତରେ କେବଳ ବିରୋଧୀଙ୍କୁ ନୁହେଁ, ଭିନ୍ନ ସ୍ୱରକୁ ଦମନ କରିବା ପାଇଁ ଆଗଭର ହୋଇ ବାହାରୁଛନ୍ତି। ପରିସ୍ଥିତି ଏବେ ଏଭଳି ହୋଇଛି ଯେ, ଏହି ସଂସ୍ଥାମାନେ ଦେଶର ଗୋଟାପଣ ହୋଇଗଲାବେଳକୁ ଯିଏ ତାଙ୍କର ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି ସେଭଳି ବ୍ୟକ୍ତି ଦେଶଦ୍ରୋହୀ ଆଖ୍ୟା ପାଉଛନ୍ତି।**

ବାଲେଶ୍ୱର ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରେ ୧୬୫ ସରକାରୀ ଚାକିରିଆ ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଅନେକ ଶିକ୍ଷକ, ଇଞ୍ଜିନିୟର, ଅଧ୍ୟାପକ, ପୋଲିସ, ଜିଏସ୍‌ଟି ଅଧିକାରୀ,ଡାଟା ଏଣ୍ଟ୍ରି ଅପରେଟର, ପିଅନ ପ୍ରମୁଖ ରହିଛନ୍ତି। କୌତୂହଳର ବିଷୟ ହେଉଛି ଏହିସବୁ କର୍ମଚାରୀମାନେ ଖାଦ୍ୟ ଯୋଗାଣ ବିଭାଗର ତାଲିକାରୁ ନାମ ହଟାଇବା ପାଇଁ ଜାନୁଆରୀ ୨୦ରେ ବାଲିଆପାଳ ବ୍ଲକ ଅଫିସରେ ଭିଡ଼ ଲଗାଇଥିଲେ। ଏହା ବ୍ୟତୀତ ଭୋଗରାଇ ଏବଂ ଜଳେଶ୍ୱର ବ୍ଲକରେ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ଯଥାକ୍ରମେ ୩୦୨ ଓ ୧୮୦ ସରକାରୀ କର୍ମଚାରୀ ବେଆଇନ ଭାବେ ରାଶନ କାର୍ଡ ନେଇଥିବା କୁହାଯାଇଛି। ବାଲେଶ୍ୱରର ଏହି ତିନୋଟି ବ୍ଲକରେ ରାଶନ କାର୍ଡ ଦୁର୍ନୀତି ସୀମିତ ହୋଇ ରହିନାହିଁ। ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାରୁ ରାଜ୍ୟର ଅନ୍ୟସବୁ ବ୍ଲକ୍‌ରେ ଏଭଳି ସରକାରୀ କର୍ମଚାରୀଙ୍କ ତାଲିକା ଲମ୍ବା ହେବ ବୋଲି କୁହାଯାଉଛି। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ କିମ୍ବା ଗହମ ଗରିବ ନିଅନ୍ତି ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ବାଡ଼ ଫସଲ ଖାଇଲା ଭଳି ସରକାରୀ ଚାକିରିଆମାନେ ଗରିବଙ୍କ ଖାଦ୍ୟ ଖାଇଯାଉଛନ୍ତି। ଫଳରେ ଧନୀ ଅଧିକ ଧନୀ ହେବାରେ ଲାଗିଥିବାବେଳେ ଗରିବ ରସାତଳକୁ ଯାଉଛନ୍ତି।

ଦେଖିବାକୁ ଗଲେ ନିଜର ସୁବିଧା ପାଇଁ ଅମଲାତନ୍ତ୍ରୀ କାମ କରୁଛନ୍ତି। କିନ୍ତୁ ସବୁବେଳେ ରାଜନେତାମାନେ ଗାଳି ଖାଆନ୍ତି। ଅନେକ ସମୟରେ ସରକାରୀ କର୍ମଚାରୀମାନେ ଯାହା କରିବେ ତାହାକୁ ନାଗରିକମାନେ ଅଧିକ ବିଶ୍ୱାସ କରନ୍ତି। କିନ୍ତୁ ରାଜନେତା ଚାହୁଁଥିବା ଯୋଜନାଗୁଡ଼ିକୁ ପଣ୍ଡ କରିବା ପାଇଁ ଏହି ଅମଲା ମୁଖ୍ୟତଃ ଦାୟୀ। ବାଲେଶ୍ୱର ଜିଲାର ରାଶନ କାର୍ଡ ଦୁର୍ନୀତି ତାହା ଏବେ ପ୍ରମାଣ କରୁଛି। ଅମଲାତନ୍ତ୍ରୀଙ୍କୁ ଯେଉଁ ସରକାର ଅଧିକ ବିରୋଧ କରିବେ ଭବିଷ୍ୟତରେ ସେହି ସରକାରଙ୍କ ପାଇଁ କାମ କରିବା କଷ୍ଟକର ହୋଇଯିବ। ଶାସକ ଦଳର ରାଜନୈତିକ ସୁବିଧାକୁ ଦେଖି ନିର୍ବାଚନ କମିଶନର କର୍ତ୍ତୃପକ୍ଷମାନେ ତାଙ୍କୁ ସାହାଯ୍ୟ କରୁଥାଇପାରନ୍ତି। ସେହିଭଳି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆୟକର ବିଭାଗ, ସିବିଆଇ, ପୋଲିସ ଏବଂ ଅନ୍ୟସବୁ ସରକାରୀ ଅଙ୍ଗ ଭାରତରେ କେବଳ ବିରୋଧୀଙ୍କୁ ନୁହେଁ, ଭିନ୍ନ ସ୍ୱରକୁ ଦମନ କରିବା ପାଇଁ ଆଗଭର ହୋଇ ବାହାରୁଛନ୍ତି। ପରିସ୍ଥିତି ଏବେ ଏଭଳି ହୋଇଛି ଯେ, ଏହି ସଂସ୍ଥାମାନେ ଦେଶର ଗୋଟାପଣ ହୋଇଗଲାବେଳକୁ ଯିଏ ତାଙ୍କର ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି ସେଭଳି ବ୍ୟକ୍ତି ଦେଶଦ୍ରୋହୀ ଆଖ୍ୟା ପାଉଛନ୍ତି। କିନ୍ତୁ ଅନ୍ୟପଟେ ସେହିମାନେ ହିଁ ଭାରତବର୍ଷ ବା 'ଇଣ୍ଡିଆନ ଷ୍ଟେଟ୍' ବୋଲି ପରିଚିତ ହେଉଛନ୍ତି।

# ଉତ୍କର୍ଷ ଓଡ଼ିଶା-୨୦୨୫ ଏକ ସଂକଳ୍ପ



ଶ୍ରୀ ମୋହନ ଚରଣ ମାଝୀ

ଆସନ୍ତା ସପ୍ତାହରେ ଉତ୍କର୍ଷ ଓ ସମାବେଶ ହେବାକୁ ଥିବାବେଳେ, ଏହାର ୧୦ଦିନ ପୂର୍ବରୁ ସିଙ୍ଗାପୁର ସହ ୮ଟି ପ୍ରକଳ୍ପ ଉପରେ ଆମେ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ୨ ଦିନିଆ ଓ ଗସ୍ତରେ ଥିବା ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କ ଉପସ୍ଥିତିରେ ଏହା ସମ୍ପନ୍ନ ହୋଇଛି। ଇଣ୍ଡଷ୍ଟ୍ରିଆଲ ପାର୍କ, ଗ୍ରୀନ୍ ହାଇଡ୍ରୋଜେନ ମାନୁଫାକ୍ଚରିଂ, ଗ୍ରୀନ୍ ଶିପିଂ କରିଡର୍, ସେମିକଣ୍ଡକ୍ଟର, ନୂତନ ସହର ବିକାଶ, ପେଟ୍ରୋକେମିକାଲ ଓ ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଏହି ଏମ୍‌ଓୟୁ ହୋଇଛି। ବିଗତ ୭ ମାସରେ ଓଡ଼ିଶାକୁ ବିକାଶ କ୍ଷେତ୍ରରେ ଆଗକୁ ବଢ଼େଇବା ଲାଗି ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟରେ ପରିଣତ କରି ୨୦୪୭ ସୁଦ୍ଧା ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ ଭାବରେ ଓଡ଼ିଶାକୁ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଏହି କ୍ରମରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଏକ ଐତିହାସିକ ଘଟଣା, ଯାହା ଦେଶର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବାର ଉପକ୍ରମ ମାତ୍ର।

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ସମ୍ଭାବନାକୁ ସାକାର କରିବାକୁ ଓଡ଼ିଶାର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବ୍ୟାପକ ନିବେଶ ଆବଶ୍ୟକ ହେଉଥିବାରୁ ଦେଶ ଓ ବିଶ୍ୱର ନିବେଶକଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବା ପାଇଁ ଆମେ ନିମନ୍ତ୍ରଣ କରିଛୁ। ସେହି ଲକ୍ଷ୍ୟ ନେଇ ଦିଲ୍ଲୀ ଓ ମୁମ୍ବାଇରେ ଆମେ 'ରାଜପଥ ପ୍ରଦର୍ଶନ' କରିଛୁ ଏବଂ ସିଙ୍ଗାପୁର ଗସ୍ତ କରିଛୁ। 'ଟିମ୍ ଓଡ଼ିଶା'କୁ ସାଥିରେ ଧରି ସିଙ୍ଗାପୁରରେ ବିଭିନ୍ନ ଅଗ୍ରଣୀ ଶିଳ୍ପସଂସ୍ଥା ପରିଦର୍ଶନ କଲାବେଳେ ବିଭିନ୍ନ ଶିଳ୍ପପତିମାନଙ୍କ ସହ ଆମେ ଆଲୋଚନା କରିଥିଲୁ। ସିଙ୍ଗାପୁର ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ସହିତ ମଧ୍ୟ ଆଲୋଚନା କରି ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲୁ। ଆମ ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା ଗସ୍ତରେ ଆସିଥିଲେ ସିଙ୍ଗାପୁର ରାଷ୍ଟ୍ରପତି। ତାଙ୍କର ଦୁଇ ଦିନିଆ ଓଡ଼ିଶା ଗସ୍ତ ଆମ ପାଇଁ ଯେତିକି ଉତ୍ସାହପ୍ରଦ, ସେତିକି ସମ୍ମାନର ବିଷୟ ଥିଲା। ଏହି ଗସ୍ତର ପ୍ରଭାବ ଅତ୍ୟନ୍ତ ସୁଦୂରପ୍ରସାରୀ ସାବ୍ୟସ୍ତ ହେବାକୁ ଯାଉଛି।

ଆଧୁନିକ ସହରାଞ୍ଚଳ ଯୋଜନାରୁ ଆରମ୍ଭ କରି ନୂତନ ସହର ପ୍ରତିଷ୍ଠା, ପେଟ୍ରୋଲିୟମ, କେମିକାଲ୍ସ, ଗ୍ରୀନ୍ ଏନର୍ଜି, ଖାଦ୍ୟ ପ୍ରକ୍ରିୟାକରଣ, ବାୟୋ-ଟେକ୍ନୋଲଜି ଓ ଦକ୍ଷତା ବିକାଶ ପରି ଆଧୁନିକ କ୍ଷେତ୍ରର ବିକାଶ ପାଇଁ ବର୍ତ୍ତମାନ ଆମର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଶାକୁ ଆଗକୁ ନେବା ପାଇଁ ଏହା ଏକ ପ୍ରକୃଷ୍ଟ ସମୟ। ପ୍ରଥମଥର ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ଫଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଓଡ଼ିଶାର ବିକାଶ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ଯୋଜନାରେ ଓଡ଼ିଶାର ବିକାଶକୁ ସେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଆସୁଛନ୍ତି। ସେଥିପାଇଁ ଗତ ୭ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଚାରିଥର ଓଡ଼ିଶା ଗସ୍ତରେ ଆସିଲେଣି। ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ପଞ୍ଚମ ଥର ପାଇଁ ଓଡ଼ିଶା ଆସିବେ ଓ ଉତ୍କର୍ଷ ଓଡ଼ିଶା ସମାବେଶରେ ସାମିଲ ହେବେ। କେନ୍ଦ୍ର ସରକାରଙ୍କ ସହଯୋଗ କାରଣରୁ ଆମର ସମସ୍ତ ବିକାଶମୂଳକ ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବାକୁ ଯାଉଛି।

ଆଗାମୀ ସମାବେଶରେ ଭାଗନେବେ ୫୦୦ ବିଦେଶୀ ପୁଞ୍ଜିନିବେଶକଙ୍କ ସହ ୫୦ ହଜାର ନିବେଶକ। ଭାରତୀୟ ଶିଳ୍ପସଂଘ ଏଥର ଜାତୀୟ ଶିଳ୍ପ ସହଯୋଗୀ ରହିଛନ୍ତି। ୧୨ ରାଷ୍ଟ୍ର ରହିବେ କଣ୍ଟ୍ରି ଇନ୍ ଫୋକସ। ଆମ ସରକାର ଆସିବା ପରଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ମିଳିସାରିଛି। ଏସବୁ ପ୍ରକଳ୍ପ ବାସ୍ତବରୂପ ନେବାପରେ, ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୫୦ ହଜାରରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି ଏଥିରେ ସାମିଲ ହେବେ।

ଏହି ସମାବେଶରେ ଆଲୋଚନାକୁ ସହଭାଗିତା ଏବଂ ପ୍ରଗତିରେ ରୂପାନ୍ତରିତ କରାଯିବ। ଆମେ ପ୍ରତ୍ୟେକ ଜିଲାରେ ଯେଉଁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାର୍କ ବିକଶିତ କରିବା, ଏକ ପ୍ରତ୍ୟକ୍ଷ ନିବେଶ ପାର୍କ, ମଲ୍ଟିମୋଡାଲ ଲଜିଷ୍ଟିକ୍ସ ପାର୍କ ଏବଂ ନୂତନ ଶିଳ୍ପ କରିଡର ସ୍ଥାପନ କରିବାର ଯୋଜନା ରଖିଛୁ, ତାହାକୁ ବାସ୍ତବରେ ପରିଣତ କରିବା ପାଇଁ ଉତ୍କର୍ଷ ଓଡ଼ିଶା ସମାବେଶ ସହଯୋଗ କରିବ।

ଗତବର୍ଷ ଜୁଲାଇ ମାସରେ ନୀତି ଆୟୋଗ ବୈଠକରେ ମୁଁ ଓଡ଼ିଶାର ଟେକ- ପ୍ରଫେଶନାଲ୍ସ, ଷ୍ଟାର୍ଟଅପ ଇକୋସିଷ୍ଟମ ଏବଂ ସେମିକଣ୍ଡକ୍ଟର ନୀତି ଉଲ୍ଲେଖ କରି ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ହବ୍ ଭାବରେ ପ୍ରତିଷ୍ଠା କରିବାରେ କେନ୍ଦ୍ରର ସମର୍ଥନ ଲୋଡ଼ିଥିଲି। ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିଛୁ। ଗତ ଡିସେମ୍ବର ୨୩ ତାରିଖରେ ଗ୍ରୀଡ୍‌କୋ ଏବଂ ଆଇଫରେଷ୍ଟ ମିଳିତ ଭାବେ 'ଓ ସୌରଶକ୍ତି ନିବେଶକ ସମ୍ମିଳନୀ' ଆୟୋଜନ କରି ୨୦୩୦ ସୁଦ୍ଧା ୭.୫ ଗିଗାୱାଟ କ୍ଷମତାବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ କରିବାକୁ ସ୍ଥିର କରିବା ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଏହା ରାଜ୍ୟର ୧୦.୯୫ ଗିଗାୱାଟ ଭଳି ବୃହତ୍ ଲକ୍ଷ୍ୟ ପୂରଣରେ ସହାୟକ ହେବ। ଆଗାମୀ ଦିନରେ ଓ ଅକ୍ଷୟ ଶକ୍ତିର ଭଣ୍ଡାର କରିବା ଦିଗରେ ଆମେ ଏଭଳି ରୋ ପ୍ରସ୍ତୁତ କରୁଛୁ, ଯାହା ପୁଞ୍ଜିବିନିଯୋଗକୁ ଆକର୍ଷିତ କରିବ।

ଉତ୍କର୍ଷ ଓଡ଼ିଶା ସମାବେଶକୁ ତ୍ରୁଟିଶୂନ୍ୟ ଭାବରେ ଓ ଆକର୍ଷଣୀୟ ଭାବରେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକମାନଙ୍କ ପାଖରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆମେ ଯତ୍ନବାନ ରହିଛୁ। ଏହାଦ୍ୱାରା ଆଗାମୀ ଦିନରେ ଓଡ଼ିଶା ଦୀର୍ଘକାଳ ଧରି ପୁଞ୍ଜିନିବେଶକମାନଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିବ। ଜାନୁଆରୀ ୨୮-୨୯ ଦୁଇ ଦିନ ଧରି ୪ଟି ପ୍ଲେନାରୀ ସେଶନ, ୧୬ଟି ସେକ୍ଟରାଲ ସେଶନ ଓ ୪ଟି ଗୋଲ ଟେବୁଲ ବୈଠକ ଅନୁଷ୍ଠିତ ହେବ। ଏହି ଦୁଇଦିନରେ ପ୍ରାୟ ୩୦୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି, ପୁଞ୍ଜିନିବେଶକାରୀ, ଷ୍ଟାର୍ଟଅପ୍ ଉଦ୍ୟୋଗୀ ଓ ଶିଳ୍ପସଂସ୍ଥା ସହିତ ଜଡ଼ିତ ବ୍ୟକ୍ତିମାନେ ଯୋଗଦେବେ।

୨୮ ତାରିଖ ଦିନ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉପସ୍ଥିତ ଶିଳ୍ପପତି ଓ ପୁଞ୍ଜିନିବେଶକାରୀମାନଙ୍କୁ ଉଦ୍‌ବୋଧନ ଦେବେ। ୨୦୦୩ ମସିହାରେ ଭାରତରେ ପ୍ରଥମଥର ପାଇଁ 'ଭାଇବ୍ରାଣ୍ଟ ଗୁଜରାଟ' ନାମରେ ଶିଳ୍ପ ସମ୍ମିଳନୀ କରି ଭାରତରେ ଶିଳ୍ପବିପ୍ଳବ ସୃଷ୍ଟି କରିଥିଲେ ଗୁଜରାଟ ମୁଖ୍ୟମନ୍ତ୍ରୀ ରହିଥିବା ମୋଦିଜୀ। ତାଙ୍କର ମହତ୍ତ୍ୱାକାଂକ୍ଷୀ ପରିକଳ୍ପନା ଅନୁସାରେ ଆଗାମୀ ବର୍ଷମାନଙ୍କରେ ଓଡ଼ିଶା ହେବ ଭାରତ ବର୍ଷର ଅଭିବୃଦ୍ଧି ଇଞ୍ଜିନ। ସେହି ଲକ୍ଷ୍ୟରେ ଅନୁପ୍ରାଣିତ ହୋଇ ଅନୁଷ୍ଠିତ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ତାଙ୍କର ଗରିମାମୟ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଏକ ଶୁଭ ସୂଚନା। ସେଠାରେ ଉପସ୍ଥିତ ଥିବା ଦେଶ ବିଦେଶର ଶିଳ୍ପପତି, ପୁଞ୍ଜି ନିବେଶକାରୀ, ଯୁବ ଷ୍ଟାର୍ଟଅପ ଏବଂ ୟୁନିକର୍ଣ୍ଣ ଉଦ୍ୟୋଗୀ ବିଶେଷ ଭାବେ ବିଭିନ୍ନ ରାଜ୍ୟରୁ ଆସି ଯୋଗଦେଇଥିବା ନିମନ୍ତ୍ରିତ ଶିଳ୍ପୋଦ୍ୟୋଗୀ ସଙ୍ଗଠନ କର୍ମକର୍ତ୍ତାମାନେ ଓଡ଼ିଶାରେ ବିପୁଳ ଶିଳ୍ପ-ସମ୍ଭାବନାକୁ ପ୍ରତ୍ୟକ୍ଷ କରିବେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ କିଭଳି ସହଯୋଗ କରିବେ, ତାହା ଉପଲବ୍ଧି କରିବେ। ଏହି ଦୁଇଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତିମାନଙ୍କ ଅଭିଭାଷଣ, ମୋ ସହିତ ବଡ଼ ବଡ଼ ଶିଳ୍ପସଂସ୍ଥାର ସି.ଇ.ଓ.ମାନଙ୍କ ଗୋଲ ଟେବୁଲ ବୈଠକ, ଓଡ଼ିଆ ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନ ଏବଂ ପ୍ରତିଷ୍ଠିତ ମହିଳା ବ୍ୟବସାୟ ନେତୃତ୍ୱଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏହା ସହିତ 'ସୁଭଦ୍ରାରୁ ମୁଦ୍ରା' ନାମରେ ଓଡ଼ିଆ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ।

ଗତବର୍ଷ ସେପ୍ଟେମ୍ବର ୨୭ ତାରିଖରେ 'ଉତ୍କର୍ଷ ଓଡ଼ିଶା'ର ଲୋଗୋ ମୁଁ ଉନ୍ମୋଚନ କଲାବେଳେ ସମଗ୍ର ବିଶ୍ୱର ନିବେଶକଙ୍କୁ ଓଡ଼ିଶାରେ ନିବେଶ କରିବା ପାଇଁ ଆମନ୍ତ୍ରଣ କରିଥିଲି। ଏହା ପୂର୍ବରୁ ଆମେ ଦିଲ୍ଲୀ ଓ ମୁମ୍ବାଇରେ ଅଗ୍ରଣୀ ବ୍ୟବସାୟ ନେତୃତ୍ୱଙ୍କ ସହ ଆଲୋଚନା କରିଛୁ। ସେବେଠୁ 'ଉତ୍କର୍ଷ ଓଡ଼ିଶା-୨୦୨୫'କୁ ସଫଳ ଭାବେ ଆୟୋଜନ କରି ରାଜ୍ୟରେ ବିପୁଳ ପୁଞ୍ଜି ବିନିଯୋଗ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଆସୁଛୁ। ଆଗାମୀ ଦିନରେ ଦେଶର ଆଉ କିଛି ରାଜ୍ୟରେ ମଧ୍ୟ ନିବେଶକ ସମ୍ମିଳନୀ ଲାଗି ଯୋଜନା କରିଛୁ। ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଆମକୁ ଅଧିକ ଉତ୍କର୍ଷ ହାସଲ କରିବାର ଅଛି। ସେଥି ପାଇଁ ଆଗକୁ ଅନେକ କାର୍ଯ୍ୟକ୍ରମ ମଧ୍ୟ କରିବାର ଯୋଜନା ରହିଛି। ଆମେ ଭାରତ ବର୍ଷର ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ରତା ଦେବୁ। ଆମେ ରାଜ୍ୟବାସୀଙ୍କୁ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାର ପ୍ରତିଶ୍ରୁତି ଦେଇଛୁ। ସେହି ସଫଳତା ପାଇଁ ଆମେ ନିରନ୍ତର ପ୍ରୟାସ କରି ଚାଲିବୁ।

ଉତ୍କର୍ଷ ଓଡ଼ିଶା-୨୦୨୫ କେବଳ ପୁଞ୍ଜି ଆକର୍ଷିତ କରିବ ନାହିଁ; ବରଂ ଏକ ପ୍ରମୁଖ ସ୍ଥଳ ଭାବେ ଏହା ନିବେଶକଙ୍କୁ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ। ଓଡ଼ିଶା ମାଟିରେ ଏକ ସମୃଦ୍ଧ ବ୍ୟବସାୟିକ ପରିବେଶ ଗଠନ କରିବା ଆମର ଲକ୍ଷ୍ୟ। ଏହା ସହ ନିରନ୍ତର ସୁଷମ ଶିଳ୍ପ ଅଭିବୃଦ୍ଧି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଆମର ସମୃଦ୍ଧ ଉତ୍କଳୀୟ ପରମ୍ପରାକୁ ବିକଶିତ କରିବା ପାଇଁ ପ୍ରୟାସରତ ରହିବାକୁ ଆମେ ଅଙ୍ଗୀକାରବଦ୍ଧ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉତ୍କଳ ଟ୍ୟାନେରୀ ଯୋତା କାରଖାନାରେ ଉଚ୍ଚ ଗୁଣମାନ ସମ୍ପନ୍ନ ଉତ୍ପାଦନ ହିଁ ଆମର ଅସ୍ମିତାର ପରିଚୟ, ଯାହା ଆମେ ରକ୍ଷା କରିବାକୁ ଉଦ୍ୟମ କରିବୁ। ଉତ୍କର୍ଷ ଓଡ଼ିଶା-୨୦୨୫ ଆମପାଇଁ କେବଳ ଏକ ସମାବେଶ ନୁହେଁ, ଏକ ସଂକଳ୍ପ। ଆମର ଏହି ସଂକଳ୍ପ ପୂରଣରେ ସହଯୋଗର ହାତ ବଢ଼ାଇବାକୁ ସମସ୍ତଙ୍କ ସହଯୋଗ କାମନା କରୁଛି। ବନ୍ଦେ ଉତ୍କଳ ଜନନୀ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର**

# ପରିବେଶ ସଂରକ୍ଷଣର ଅଜଣା କଥା



ଡ. ମୌସୁମୀ ପରିଡ଼ା

ପରିବେଶ ସଂରକ୍ଷଣ ବର୍ତ୍ତମାନର ପ୍ରମୁଖ ଆହ୍ୱାନଗୁଡିକ ଭିତରୁ ଅନ୍ୟତମ । ପରିବେଶ ସୁରକ୍ଷା ନୂଆକଥା ନୁହେଁ। ଆଗରୁ ଏଥିପାଇଁ ବହୁ ଆନ୍ଦୋଳନ ହୋଇଛି। ପରିବେଶପ୍ରେମୀମାନେ ପ୍ରାଣବଳି ବି ଦେଇଛନ୍ତି। ୧୯୭୪ ମାର୍ଚ୍ଚ ୨୬ରେ ଉତ୍ତରାଖଣ୍ଡର ପାର୍ବତୀୟ ଇଲାକାରେ ବଢୁଥିବା ଅଙ୍ଗୁ (ଔଷଧୀୟ ନାମ- ଫ୍ରାକ୍ସିନସ୍ ମାଇକ୍ରେନ୍ଥା) ନାମକ ବୃକ୍ଷକୁ ବଞ୍ଚାଇବାକୁ ଯାଇ ଚିପ୍‌କୋ ଆନ୍ଦୋଳନ ହୋଇଥିଲା। ଚାଷବାସ ସହିତ ମଜଭୁତ କାଠ ପାଇଁ ପାର୍ବତୀୟ ଅଞ୍ଚଳର ଅଧିବାସୀମାନେ ଏହି ବୃକ୍ଷ ଉପରେ ନିର୍ଭରଶୀଳ ଥିଲେ। କିଛି ଯୁବକ ଜଙ୍ଗଲ ସମ୍ପଦରୁ ନିଜ ଗୁଜୁରାଣ ମେଣ୍ଟେଇବା ଉଦ୍ଦେଶ୍ୟରେ ୧୯୬୨ ରେ ଚମୋଲି ଜିଲାର ମୁଖ୍ୟାଳୟ ଗୋପେଶ୍ୱରଠାରେ 'ଦଶୌଲୀ ଗ୍ରାମ ସ୍ୱରାଜ' ସଂଘ ସ୍ଥାପନ କଲେ। କିନ୍ତୁ ସ୍ୱତନ୍ତ୍ର ଭାରତରେ ବି ଔପନିବେଶୀୟ ପରମ୍ପରା ତିଷ୍ଠି ରହିଥିବାରୁ ବନ ବିଭାଗ ଜଙ୍ଗଲ ଅଧିବାସୀମାନଙ୍କଠାରୁ ବନ୍ୟସମ୍ପଦ ବ୍ୟବହାର ଉଚ୍ଛେଦ କରି ସେହି କାଠରେ ବ୍ୟାଡ଼ମିଣ୍ଟନ ଟେନିସ ଆଦି ଖେଳ ସାମଗ୍ରୀ ବନାଇବାକୁ ଆଲ୍ଲାହାବାଦର ସାଇମଣ୍ଡ କମ୍ପାନୀକୁ ଦାୟିତ୍ୱ ଦେଇଦେଲେ। ନିୟମାନୁଯାୟୀ ଜଙ୍ଗଲ ସମ୍ପଦ ତଥା ଗଛ ଉପରେ ସ୍ଥାନୀୟ ଅଧିବାସୀମାନେ ନିଜ ଅଧିକାର ସାବ୍ୟସ୍ତ କରିପାରୁ ନ ଥିବାବେଳେ ମାତ୍ର ଗୋଟେ କି.ମି. ଦୂରରେ ୨୪୫୧ଟି ଅଙ୍ଗୁ ଗଛ କଟାଯିବାର ଅନୁମତି 'ଦଶୌଲୀ ଗ୍ରାମ ସ୍ୱରାଜ' ସଂଘକୁ କ୍ଷୁବ୍ଧ କରିଥିଲା।

ପ୍ରକୃତରେ ସେମାନେ ଖେଳସାମଗ୍ରୀ ବନେଇବାର ବିରୋଧୀ ନ ଥିଲେ। ଜଙ୍ଗଲ ସମ୍ପଦ ଉପରେ ନିଜ ଅଧିକାର ହାସଲ କରିବାକୁ ତେଜି ଉଠିଥିଲେ। ନିଜେ ବଞ୍ଚ, ଅନ୍ୟକୁ ବଞ୍ଚିବାକୁ ଦିଅ ନ୍ୟାୟରେ ସେମାନେ ଚାହୁଁଥିଲେ ଜଙ୍ଗଲ ଉପରେ ସମସ୍ତଙ୍କ ଅଧିକାର ରହୁ। ଯାହାଫଳରେ ଜଙ୍ଗଲ ସଂରକ୍ଷଣ ପାଇଁ ସମସ୍ତେ ଦାୟବଦ୍ଧ ରହିବେ। କାରଣ ପ୍ରକୃତି ସମସ୍ତଙ୍କର। ୧୯୭୪ ଫେବୃଆରୀ ୧୪ ରେ ଜଣେ ଅଧିବାସୀ ଚଣ୍ଡୀପ୍ରସାଦ ଭଟ୍ଟଙ୍କ ନେତୃତ୍ୱରେ ସଭା ଆୟୋଜିତ ହୋଇ ବିପୁଳ ଅଙ୍ଗୁବୃକ୍ଷ କଟାଯିବା ପ୍ରକୃତି ପାଇଁ ବିପଦ ବୋଲି ସମସ୍ତଙ୍କୁ ଚେତେଇ ଦିଆଗଲା। କାରଣ ଜଡିବୁଟି, ଜାଳେଣି ଓ ଜମିବାଡି ସହିତ ମାଟିର ସଂରକ୍ଷଣ ପାଇଁ ଅଙ୍ଗୁବୃକ୍ଷ ଜରୁରୀ। ଆନ୍ଦୋଳନ କ୍ରମଶଃ ତୀବ୍ର ହେଉଥିବାରୁ ସରକାର ଚତୁରତାର ସହିତ ଚମୋଲିଠାରେ ସେନା ଦ୍ୱାରା ଜମି ଅଧିଗ୍ରହଣର କ୍ଷତିପୂରଣ ଦେବାକୁ ପୁରୁଷମାନଙ୍କୁ ଡକାଇ ବିଳମ୍ବିତ ସମୟଯାଏ ଅଟକ ରଖିବା ଭିତରେ ବନ ବିଭାଗୀୟ ଅଧିକାରୀ ଠିକାଦରଙ୍କ ସହ ବଣଭିତରକୁ ପଶି ଗଛ କାଟିବା ଆରମ୍ଭ କରିଦେଲେ।

କିନ୍ତୁ ରେନୀ ଗ୍ରାମର ମହିଳା ଓ ପିଲାମାନେ ନିଜ ଜୀବନକୁ ବାଜି ଲଗାଇଦେଇଥିଲେ। ଶ୍ରୀମତୀ ଗୌରାଦେବୀଙ୍କ ନେତ୍ୱରେ ୨୭ଜଣ ମହିଳା ଗଛ ଚାରିପଟେ ବେଢି ରହି ଗଛକଟା ପୂର୍ବରୁ ସେମାନଙ୍କୁ କଟାଯାଉ ବୋଲି ଆହ୍ୱାନ ଦେଇଥିଲେ। ଏହି ଆନ୍ଦୋଳନ ରାଜସ୍ଥାନ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ବିହାର ଆଦି ରାଜ୍ୟକୁ ବ୍ୟାପିଯାଇଥିବାରୁ ବାଧ୍ୟହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୫ ବର୍ଷ ପର୍ଯ୍ୟନ୍ତ ଗଛକଟା ଉପରେ ପ୍ରତିବନ୍ଧ ଲଗାଇଥିଲେ। ଏଥିସହିତ ଜାପାନ, ମାଲେସିଆ, ଇଣ୍ଡୋନେସିଆ ଆଦି ଦେଶମାନେ ଏହାକୁ ସମର୍ଥନ କରିଥିବାରୁ ପରିବେଶ ସଚେତନତା ବିଶ୍ୱବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଯୋଗଦାନ କରିଥିବା ସୁନ୍ଦରଲାଲ୍ ବହୁଗୁଣା ବୃକ୍ଷମିତ୍ର ନାମରେ ଲୋକପ୍ରିୟତା ହାସଲ କରିବା ସହିତ ଅନେକ ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଥିଲେ।



ପ୍ରକାଶଥାଉ କି ପରିବେଶ ସଂରକ୍ଷଣକୁ ନେଇ ଉତ୍ତରାଖଣ୍ଡର ଏହି ଚିପ୍‌କୋ ଆନ୍ଦୋଳନ ପ୍ରଥମ ନ ଥିଲା। ଏହା ବିଷ୍ଣୋଇ ସମାଜର ଅମୃତାଦେବୀଙ୍କ ନେତୃତ୍ୱରେ ଆହୂତ ପ୍ରଥମ ଚିପ୍‌କୋ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା। ଅବଶ୍ୟ ସେ ଆନ୍ଦୋଳନ କେବଳ ଗଛ ସମ୍ପର୍କିତ ନ ଥିଲା, ଜଙ୍ଗଲୀ ଜୀବଜନ୍ତୁଙ୍କ ସଂରକ୍ଷଣ ନିମନ୍ତେ ବି ଉଦ୍ଦିଷ୍ଟ ଥିଲା। ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଥର୍ ମରୁଭୂମି ନିକଟସ୍ଥ ଖେଜଡଲୀ ଗାଁ ଖେଜଡୀ ବା ଶମିବୃକ୍ଷ(ମରୁଭୂମି ଜଳବାୟୁରେ ବଢୁଥିବା ବୃକ୍ଷ)ର ସବୁଜିମା ଦ୍ୱାରା ଆଚ୍ଛାଦିତ ଥିଲା। ୧୭୩୦ ମସିହା ଭାଦ୍ରବ ମାସ ଶୁକ୍ଳପକ୍ଷର ଦଶମୀ ତିଥିରେ ଅମୃତାଦେବୀ ତିନିଝିଅଙ୍କୁ ଧରି ଘରେ ଥିବାବେଳେ ଜାଣିବାକୁ ପାଇଲେ ଯେ ଯୋଧପୁରର ମହାରାଜା ଅଭୟସିଂହ ନୂଆ ମହଲ ନିର୍ମାଣ ପାଇଁ ଖେଜଡୀ ଗଛ କଟାଇବାକୁ ସୈନିକମାନଙ୍କୁ ପଠାଇଛନ୍ତି। ଗଛକଟା ବିଷ୍ଣୋଇ ସମ୍ପ୍ରଦାୟର ନୀତିବିରୁଦ୍ଧ ହୋଇଥିବାରୁ ଅମୃତାଦେବୀ ଏହାର ବିରୋଧ କଲେ। ଜିଦ୍‌ଖୋର ଲୋକମାନେ ତାଙ୍କ କଥାକୁ ଖାତିର ନ କରି ତାଙ୍କୁ ବି ଗଛ ସହିତ କାଟି ଦେଇଥିଲେ। ତାଙ୍କ ତିନିଝିଅ ବି ଅମୃତାଙ୍କ ପରି ଗଛ ସହିତ ପ୍ରାଣବଳି ଦେଇଥିଲେ।

ଏହା ଦେଖି ୪୯ଟି ଗ୍ରାମର ସମଗ୍ର ବିଷ୍ଣୋଇ ସମ୍ପ୍ରଦାୟର ୩୬୩ ଜଣ ବିଷ୍ଣୋଇ ଶହୀଦ ହୋଇଥିଲେ। ରାଜାଙ୍କ କାନକୁ କଥା ଯିବା କ୍ଷଣି ଗଛକଟା ବନ୍ଦ ହୋଇଯାଇଥିଲା। କ୍ଷମାପ୍ରାର୍ଥନା ସହିତ ବିଷ୍ଣୋଇ ସମ୍ପ୍ରଦାୟ ନିକଟବର୍ତ୍ତୀ ଅଞ୍ଚଳରେ ଜଙ୍ଗଲକଟା ଉଚ୍ଛେଦ କରାଗଲା। ପରିବେଶ ସୁରକ୍ଷା ପାଇଁ ନାରୀମାନଙ୍କ ଏହି ଅଦ୍ଭୁତ ଧୈର୍ଯ୍ୟ ଓ ଅସୀମ କ୍ଷମତା ଯୁଗଯୁଗ ଧରି ପ୍ରେରଣାଦାୟୀ ହୋଇ ରହିଲା।

ଜଙ୍ଗଲ ସୁରକ୍ଷା ନୁହେଁ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ବି ସେମାନଙ୍କ ଧର୍ମ ଥିଲା। କୃଷ୍ଣସାର ମୃଗ ଓ ଚିଙ୍କାରା ସହିତ ବିଷ୍ଣୋଇ ସମ୍ପ୍ରଦାୟର ସମ୍ପର୍କ ଧର୍ମଗତ। ଲୋକକଥା ଅନୁଯାୟୀ ୧୪୮୫ ମସିହାରେ ସନ୍ଥ ଜମ୍ଭେଶ୍ୱର ମହାରାଜ ମାତ୍ର ୩୪ ବର୍ଷବୟସରେ ବିଷ୍ଣୋଇ ସମ୍ପ୍ରଦାୟ ସ୍ଥାପନା କରିଥିଲେ। ସେମାନେ ବିଶେଷତଃ ପ୍ରକୃତି-ଉପାସକ ଥିବାରୁ ଗଛମାନଙ୍କ ସହିତ ବନ୍ୟଜନ୍ତୁଙ୍କ ସୁରକ୍ଷା ସେମାନଙ୍କ ୨୯ଟି ସିଦ୍ଧାନ୍ତ ଭିତରୁ ଅନ୍ୟତମ ଥିଲା। ଜମ୍ଭେଶ୍ୱର ମହାରାଜ(ଜାମ୍ଭାଜୀ) କୃଷ୍ଣସାର ମୃଗକୁ ନିଜ ଅବତାର ମନେକରି ଯତ୍ନ ଓ ଆଦରକରିବାକୁ ନିଜ ଅନୁଗାମୀମାନଙ୍କୁ କହିଯାଇଥିଲେ।

ମୋ:୯୪୩୭୩୧୭୦୨୬

## ଏଇ ଭାରତରେ

ପରିବେଶ ପ୍ରଦୂଷଣଜନିତ ବିପଦ ଦୂର କରିବା ପାଇଁ ଏବେ ବାଉଁଶ ତିଆରି ଜିନିଷ ଲୋକଙ୍କର ପସନ୍ଦ ହେଉଛି। ଏହା ସହ ବାଉଁଶର ବିଭିନ୍ନ ପ୍ରକାର ଗୃହ ଉପକରଣର ବଜାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ମୁମ୍ବାଇ ଆଇଆଇଟିର ପ୍ରଡକ୍ଟ ଡିଜାଇନ ଛାତ୍ର ଅଙ୍କାଶ ଚତୁର୍ବେଦୀ ବାଉଁଶରେ ଏକ ହେଡ୍‌ଫୋନ ତିଆରି କରିଛନ୍ତି। ଏହାର ନାମ ବମ୍ବାଶ। ଅତ୍ୟାଧୁନିକ ଧାତବ ହେଡ୍ ଫୋନ୍ ଭଳି ବି ଏହା କାମ କରୁଛି। ବମ୍ବାଶ ପରିବେଶ ଉପଯୋଗୀ ଓ ରିସାଇକ୍ଲିଂଯୋଗ୍ୟ। ଏହାର ୭୦ ପ୍ରତିଶତ ସହଜରେ ମାଟିରେ ମିଶିଯାଇପାରିବ। ୨୬ ବର୍ଷିଆ ଅଙ୍କାଶ ଆଧୁନିକ ଡିଜାଇନରେ ଏହାକୁ ନିର୍ମାଣ କରିଛନ୍ତି। ବାଉଁଶ ହେଡ୍‌ଫୋନ ତିଆରି କରିବା ଲାଗି ସେ ସାଧାରଣ ହେଡ୍‌ଫୋନଗୁଡ଼ିକ ଉପରେ ଗବେଷଣା କରିଥିଲେ। ଏହି କାର୍ଯ୍ୟରେ ତାଙ୍କ ବିଭାଗୀୟ ପ୍ରାଧ୍ୟାପକଙ୍କ ସମେତ ବାଉଁଶ ଲାବ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜାନୁଆରୀ ୧୯୭୬

- ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା ଆଇନ (ମିସା)ରେ ଆଉ କେତେକ ସଂଶୋଧନ ବ୍ୟବସ୍ଥା କରାଯାଇ ଲୋକସଭାରେ ଏକ ବିଲ୍ ସ୍ୱରାଷ୍ଟ୍ର ଉପମନ୍ତ୍ରୀ ଏଫ୍.ଏଚ୍. ମୋହସିନ୍‌ଙ୍କ ଦ୍ୱାରା ଆଗତ କରାଯାଇଛି।
- ଏକ ଯାତ୍ରୀ ବୋଟ୍ଟେଇ ଲଞ୍ଚ ୨୪ ପ୍ରଗଣା ଜିଲାଠାରୁ ୧୦୦ କିମି ଦୂର ଇଚ୍ଛାମତୀ ନଦୀରେ ବୁଡ଼ିଯିବା ଫଳରେ ୪୦ ଜଣରୁ ଅଧିକଙ୍କ ସଳିଳ ସମାଧି।

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।
-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 8 | | |
| | | | | | | 4 | | |
| | 1 | | | | | | 3 | 2 |
| | | 3 | | 5 | | | | 8 |
| | 9 | 4 | | | 3 | 1 | | 7 |
| 1 | | | 4 | | | | 5 | |
| | | | 6 | 3 | | | | |
| | | 8 | | 2 | | | | 9 |
| | | | 7 | | 9 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 1 | 9 | 4 | 2 | 8 | 3 | 6 |
| 4 | 6 | 3 | 1 | 8 | 5 | 9 | 7 | 2 |
| 9 | 8 | 2 | 3 | 6 | 7 | 5 | 4 | 1 |
| 3 | 9 | 5 | 4 | 1 | 6 | 7 | 2 | 8 |
| 8 | 4 | 7 | 2 | 3 | 9 | 6 | 1 | 5 |
| 2 | 1 | 6 | 7 | 5 | 8 | 3 | 9 | 4 |
| 6 | 2 | 4 | 5 | 7 | 3 | 1 | 8 | 9 |
| 1 | 7 | 8 | 6 | 9 | 4 | 2 | 5 | 3 |
| 5 | 3 | 9 | 8 | 2 | 1 | 4 | 6 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ୩ ପିଲା ଜନ୍ମ କରିବାର ପ୍ରସ୍ତାବ

ମହାଶୟ,

ଆନ୍ଧ୍ରପ୍ରଦେଶ ସରକାର ୨ ସନ୍ତାନ ନୀତି ରଦ୍ଦ କରିବା ପରେ ତେଲଙ୍ଗାନା ଏହି ନୀତି ଆପଣାଇବାକୁ ପ୍ରସ୍ତୁତ ହେବା ଏବଂ ୩ଟି ପିଲା ଜନ୍ମ ନ କଲେ ସମାଜ ଲୁପ୍ତ ହୋଇଯିବ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ପ୍ରସ୍ତାବ ରଖିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ନୀତିଶାସ୍ତ୍ର ଅନୁସାରେ ବରଂ ଗୋଟିଏ ଗୁଣବାନ୍ ପୁତ୍ର ଶ୍ରେୟସ୍କର କଦାପି ଶହ ଶହ ମୂର୍ଖ ପୁଅ ସ୍ୱାଗତଯୋଗ୍ୟ ହୋଇ ନ ପାରେ। ଛୋଟ ପରିବାର ସୁଖୀ ପରିବାର, ଆମେ ଦୁଇ ଓ ଆମର ଦୁଇ ସ୍ଲୋଗାନ ବୋଧେ ବହୁତ ହୋଇଗଲା। ବର୍ତ୍ତମାନ ଲକ୍ଷ୍ୟ ପୂରଣ ପାଇଁ ଅନେକେ ଆଜୀବନ କୁମାରୀ ବା ଚିରକୁମାର ହୋଇ ରହିବାକୁ ପସନ୍ଦ କଲା ବେଳେ ଏଭଳି ସବୁ ପ୍ରସ୍ତାବ କେତେ ସଫଳ ହେବ ତାହା ସମୟ କହିବ।

-ପି. ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସଡ଼କ ସୁରକ୍ଷା ପାଳନ

ଆର.ଉଦୟଗିରି, ୨୧।୧ (ମନୋଜ କୁମାର ପାଢୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କେ.ଏମ୍.ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ପ୍ରଧାନଶିକ୍ଷକ ପ୍ରହ୍ଲାଦ ଶିଅଳ, ଜେ.ଆର୍.ସି. ଅଫିସର ସଞ୍ଜୀବ କୁମାର ଦାସ ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇ 'ସଡ଼କ ସୁରକ୍ଷା ଜୀବନ ରକ୍ଷା, ହେଲମେଟ ପିନ୍ଧି ଗାଡ଼ି ଚଳାଅ' ଆଦି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ । ଏଥିସହ ଟ୍ରାଫିକ ନିୟମ ପାଳନ କରିବାକୁ ମଧ୍ୟ ଅବଗତ କରାଯାଇଛି।

# ରାସ୍ତାରୋକୋ କରି ପ୍ରତିବାଦ କଲେ ଚାଷୀ

## ଧାନକିଣା କ୍ଷେତ୍ରରେ ପ୍ରଶାସନର ଟାଳଟୁଳ ନୀତି

କାଶୀନଗର, ୨୧।୧ (ଟି. କ୍ରିଷ୍ଣା ରାଓ)– ଧାନକିଣା କ୍ଷେତ୍ରରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଆଣି କାଶୀନଗର ଅଞ୍ଚଳର ଚାଷୀମାନେ ମଙ୍ଗଳବାର ସକାଳ ସାଢେ ୮ଟାରେ କେ . ସୀତାପୁର ନିକଟସ୍ଥ ଛକରେ ରାସ୍ତାରୋକୋ କରିଥିଲେ। ପ୍ରଶାସନ ମିଲରମାନଙ୍କ ସ୍ୱାର୍ଥ ସପକ୍ଷରେ କାର୍ଯ୍ୟ କରୁଛି। ମଣ୍ଡିକୁ ଧାନ ନେଲେ ସିଧା ମିଲକୁ ନେବା ପାଇଁ ସୋସାଇଟି କର୍ତ୍ତୃପକ୍ଷ କହୁଛନ୍ତି। ମିଲ ରେ ଧାନ ପହଞ୍ଚାଇବା ପରେ ମିଲମାଲିକମାନେ କ୍ୱାଲିଟି ନାହିଁ କହି ଧାନ ଫେରାଇ ଦେଉଛନ୍ତି। ଯଦି ୮୦ କେଜି ବଦଳରେ ୮୨.୫ କେଜି ଧାନ ଦେବାକୁ ଚାଷୀ ରାଜି ହେଉଛି ତେବେ ଧାନର କ୍ୱାଲିଟି ସଙ୍ଗେ ସଙ୍ଗେ ଭଲ ହୋଇଯାଉଛି, ମିଲରମାନେ ଧାନ ରଖି ଦେଉଛନ୍ତି। ଏପରି କାର୍ଯ୍ୟର ପ୍ରତିବାଦରେ ଚାଷୀ ଏକାଠି ହୋଇ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ପାରଳାଖେମୁଣ୍ଡି ଗୁଣୁପୁର ମଧ୍ୟରେ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଖବରପାଇ କାଶୀନଗର ବିଡିଓ ଡମ୍ବରୁଧର ମଲ୍ଲିକ, ଅତିରିକ୍ତ ତହସିଲଦାର ତ୍ରିନାଥ ସାହୁ, ଏଆରସିଏସ୍ ହରିହର ସେଠ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ଅଭିଯୋଗ ଶୁଣି ବୁଝାଶୁଝା କରିଥିଲେ। ଘଟଣା ସ୍ଥଳକୁ ସିଏସ୍ଓ ଆସିବାକୁ ଚାଷୀମାନେ ଦାବି କରିଥିଲେ। ପ୍ରଶାସନିକ ଅଧିକାରୀମାନେ ବହୁ ବୁଝାଶୁଝା କରିବା ସହ ଏସିଏସ୍ଓଙ୍କ ପ୍ରତିଶ୍ରୁତି ପରେ ଅପରାହ୍ନ ଗୋଟାଏରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ବିଦ୍ଧିବ୍ୟବସ୍ଥା ଅନୁସାରେ ମଣ୍ଡିରେ ଧାନ କ୍ରୟ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କାଶୀନଗର ଥାନା ଅଧିକାରୀ ସୁନୀଲ ବେହେରାଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।



ଫଟୋ: ଚାଷୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଡମ୍ବରୁ ସ୍ୱାଇଁ ହତ୍ୟା ଘଟଣା, ୫ ଗିରଫ

## ପଦକ୍ଷେପ ନେଇ ନ ଥିଲା ପୋଲିସ

ସୋରଡା, ୨୧।୧ (ରଜନୀ ମହାପାତ୍ର):

ବଡଗଡ ଥାନା ଅନ୍ତର୍ଗତ ରାଇବନ୍ଧ ଗ୍ରାମରେ ଡମ୍ବରୁ ସ୍ୱାଇଁଙ୍କୁ ହତ୍ୟା ଘଟଣାରେ ୫ ଜଣଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରାଇବନ୍ଧ ଗ୍ରାମର ବାଇନାଥ ସ୍ୱାଇଁ, ଭାଲିଆଗୋଛା ଗ୍ରାମର ବାଳକୃଷ୍ଣ ପ୍ରଧାନ ଓ ସେମାନଙ୍କୁ ସହଯୋଗ କରିଥିବା ରାଇବନ୍ଧ ଗ୍ରାମର ରାଜା ସ୍ୱାଇଁ, ସନ୍ତୋଷ ଗୌଡ ଏବଂ ରତ୍ନାକର ଗୌଡ। ମିଳିଥିବା ସୂଚନା ପ୍ରକାରେ ଡମ୍ବରୁଙ୍କ ଝିଅକୁ ରାଇବନ୍ଧ ଗ୍ରାମର ବାଇନାଥ ବହୁଦିନ ହେଲା ଏକତରଫା ପ୍ରେମ କରୁଥିଲେ। ଏହି ଘଟଣା ଘରେ ଜାଣିବା ପରେ ବାଇନାଥଙ୍କ ସହ ଝିଅର ବିବାହ କରିବା ପାଇଁ ଡମ୍ବରୁ ମନା କରିଦେଇଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ଝଗଡା ହୋଇଥିଲା ଏବଂ ପରେ ବୁଝାମଣା ମଧ୍ୟ ହୋଇଥିଲା। ତଥାପି ଅନେକ ଥର ବାଇନାଥ ଡମ୍ବରୁଙ୍କୁ ଫୋନ କରି ମାରିଦେବାକୁ ଧମକ ଦେଉଥିଲେ। ଆସନ୍ତା ଫେବୃଆରି ୨ ତାରିଖରେ ଝିଅ ବାହାଘର ଥିବାରୁ ଡମ୍ବରୁ ସୁରଟରୁ ଗ୍ରାମକୁ ଆସିଥିଲେ। ତାଙ୍କ ମୋବାଇଲକୁ ଏକ ଧମକ ପୂର୍ଣ୍ଣ ମେସଜ ଆସିଥିଲା । ଏ ନେଇ ବଡଗଡ ଥାନାରେ ସେ ଜଣାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇନଥିଲା। ଏହାପରେ ଗତ ଶନିବାର ରାତିରେ ଡମ୍ବରୁ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ହାଣି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ବାଇଧର ଧମକ ନେବା ସମ୍ପର୍କରେ ଜଣାଇଥିଲେ ମଧ୍ୟ ପୋଲିସ ଘଟଣାକୁ ଗୁରୁତ୍ୱ ନ ହେବାରୁ ହତ୍ୟାକାଣ୍ଡ ଘଟିଲା। ଅଭିଯୁକ୍ତଙ୍କ ଗିରଫ ସମ୍ପର୍କରେ ପୋଲିସ ଅନେକ ଖବରଦାତା ସୂଚନା ଦେଇନଥିଲା। ବଡଗଡ ଥାନା ଅଧିକାରୀଙ୍କ ଏଭଳି ଅବହେଳାକୁ ନେଇ ଗଞ୍ଜାମ ଏସପିଙ୍କୁ ଅବଗତ କରାଯାଇଛି।

## ଜଙ୍ଗଲରୁ ମୃତଦେହ ଜବତ

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ସୋରଡା, ୨୧।୧ (ରଜନୀ ମହାପାତ୍ର)

ସୋରଡା ବଡଗଡ ଥାନା ଅଞ୍ଚଳରେ ପୁଣି ଠାରେ ଏକ ହତ୍ୟା ଘଟଣା ସାମ୍ନାକୁ ଆସିଛି। ବଡଗଡ ଥାନା ଅନ୍ତର୍ଗତ ଓରା ଗ୍ରାମ ନିକଟରେ ମଇଁଷିଆଟାପ ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଜବତ ହୋଇଛି। ତେବେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତକ ଜଣକ ହେଲେ ଲେମ୍ବାକୁମ୍ଭା ଗ୍ରାମର କାର୍ତ୍ତିକ ସ୍ୱାଇଁ (୫୫)। କାର୍ତ୍ତିକ ମଙ୍ଗଳବାର ସକାଳୁ ଜାଳେଣି କାଠ ଆଣିବାକୁ ଜଙ୍ଗଲକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଘରକୁ ବହୁ ସମୟ ଧରି ଆସି ନ ଥିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଓରା ଗ୍ରାମ ନିକଟ ମଇଁଷିଆଟାପ ଜଙ୍ଗଲରୁ କାର୍ତ୍ତିକଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। କାର୍ତ୍ତିକଙ୍କ ଶରୀରରେ ବହୁ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖି ବଡଗଡ ଥାନାକୁ ଜଣାଇଥିଲେ। ବଡଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାର୍ତ୍ତିକଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ରାଇବନ୍ଧ ଡମ୍ବରୁ ସ୍ୱାଇଁଙ୍କ ହତ୍ୟାର ୪୮ ଘଣ୍ଟା ନ ପୂରୁଣୁ ଅପରାଧୀମାନେ ବଡଗଡ ଥାନା ଅଞ୍ଚଳରେ ଆଉ ଏକ ହତ୍ୟା ଘଟଣା ଘଟାଇବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିକଟରେ ଥିବା କିଛି ସଉରା ଲୋକଙ୍କ ସହ କାର୍ତ୍ତିକଙ୍କ ଜମି ଜମା ପାଇଁ ପାଟିତୁଣ୍ଡ ହୋଇଥିଲା ବୋଲି ନାତି ଦିବ୍ୟ ଲୋଚନ ସ୍ୱାଇଁ କହିଛନ୍ତି।

# ଘର ଉପରକୁ ମାଡ଼ିଗଲା ହାଇୱା, ଉତ୍ତେଜନା

ଆସିକା, ୨୧।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍ଏସିର ସୁନାମ୍ଭ ରଥଦାଣ୍ଡ ସାହି ନୃସିଂହ ମନ୍ଦିର ନିକଟରେ ମଙ୍ଗଳବାର ଭୋରରେ ଏକ ବାଲି ବୋଝେଇ ହାଇୱା ରାସ୍ତାପାର୍ଶ୍ୱରେ ଥିବା ଏକ ଘର ଉପରକୁ ମାଡିଯାଇଥିଲା । ଏଥିରେ ଘର ବାରଣ୍ଡା ଓ ପାଇପ ଲାଇନ ଭାଙ୍ଗି ନଷ୍ଟ ହୋଇଯାଇଥିଲା ବେଳେ ସୌଭାଗ୍ୟବଶତଃ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ହାଇୱାଟି ରଷିକୂଲ୍ୟାର ମଙ୍ଗଳପୁର ଘାଟରୁ ବାଲି ବୋଝେଇ କରି ଫେରୁଥିଲା ବେଳେ ଏହି ଅଘଟଣ ଘଟିଥିଲା। ଏହାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ହାଇୱା ଓ ପଛରେ ଆସୁଥିବା ଅନ୍ୟ ଏକ ହାଇୱାକୁ ଅଟକାଇ ରଖିଥିଲେ । ଖବରପାଇ ଆସିକା ଏସଡିପିଓ ଗିରିଜାନନ୍ଦ ପଟ୍ଟନାୟକ, ଏଏସଆଇ ସୁବାଶିଶ ସ୍ୱାଇଁ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଦୁଇଟିକୁ ଆସିକା ଥାନାକୁ ଆଣିଛନ୍ତି।



ସୂଚନାଯୋଗ୍ୟ ମଙ୍ଗଳପୁରସ୍ଥିତ ରଷିକୂଲ୍ୟା ନଦୀ ବାଲିଘାଟରୁ ବାଲି ବୋଝେଇ ଶତାଧିକ ହାଇୱା ରିତିମତ ଜନବସତି ଅଞ୍ଚଳ ଚଢିଆପଲ୍ଲୀ ଛକ, ସୁନାମ୍ଭ ରଥଦାଣ୍ଡ ସାହି, ତାଲୁକା ରୋଡ ଓ ପାକଲାପଲ୍ଲୀ ଛକ ଦେଇ ଚଳାଚଳ କରୁଛି । ଜନବସତି ଅଞ୍ଚଳରେ ହାଇୱାର ଚଳପ୍ରଚଳକୁ ନେଇ ପୂର୍ବରୁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଅଭିଯୋଗ ପ୍ରଶାସନକୁ ଅଭିଯୋଗ କରାଯାଇଛି । ତଥାପି ଏହାର ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ।

## ବିଡିଓ ଦାୟିତ୍ୱରେ ରହିଲେ ତହସିଲଦାର

ଶେରଗଡ଼, ୨୧।୧ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବିଡ଼ିଓ ଭାବେ ଶେରଗଡ଼ ତହସିଲଦାର ତ୍ରିଦେବ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡ଼ିଓ ଶିବାଶିଷ ବରାଳ ଗତ ଦୁଇମାସ ତଳେ ଉପଜିଲାପାଳ ରୂପେ ଛତ୍ରପୁର ବଦଳି ପରେ ତାଙ୍କ ସ୍ଥାନରେ କେହି ଅବସ୍ଥାପିତ ହୋଇ ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ୩ ଗ୍ରାମ ବାସିନ୍ଦାଙ୍କୁ ପଟ୍ଟା ମିଳୁନି

ଶେରଗଡ଼, ୨୧।୧ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଅନ୍ତର୍ଗତ ୩ଟି ଗ୍ରାମ ପଦ୍ମପୁର ଗୋବିନ୍ଦପୁର ଓ ଗୋଠଗା ଗ୍ରାମର ଜନସାଧାରଣଙ୍କ ନିଜ ସମ୍ପତ୍ତି ମାଲିକାନା ପଟ୍ଟା ପାଇପାରୁନାହାନ୍ତି। ଫଳରେ ୩ଗ୍ରାମର ଜନସାଧାରଣ ଆବଶ୍ୟକ ସମୟରେ ପ୍ରତି କ୍ଷେତ୍ରରେ ହଇରାଣ ହେଉଛନ୍ତି। ବ୍ୟାଙ୍କ, ତହସିଲ, ବ୍ଲକର ବିଭିନ୍ନ କାର୍ଯ୍ୟରେ ପଟ୍ଟା ଦରକାର ପଡୁଥିବାରୁ ସେମାନେ ଅସୁବିଧା ଭୋଗୁଛନ୍ତି। କିଛି ଦିନ ତଳେ ବ୍ଲକରେ ସେଟଲେମେଣ୍ଟ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସର୍ଭେ ଏବେ ଅଧାପନ୍ତରିଆ ଭାବେ ରହିଛି। ସର୍ଭେ କାମ ସରୁନି କି ଗ୍ରାମବାସୀ ପଟ୍ଟା ପାଇପାରୁନାହାନ୍ତି। ଏଦିଗରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସାଧାରଣତନ୍ତ୍ର ଦିବସରେ ଗଞ୍ଜାମରୁ ୨ଜଣ ହେବେ ସ୍ୱତନ୍ତ୍ର ଅତିଥି

## ସମ୍ବର୍ଦ୍ଧିତ କଲା ଜିଲା ପ୍ରଶାସନ



ଛତ୍ରପୁର, ୨୧।୧ (ଦିଲୀପ ସାମଲ)

ସାଧାରଣତନ୍ତ୍ର ଦିବସକୁ ଦେଶ ଧୁମଧାମରେ ପାଳନ ପାଳନ କରିବାକୁ ଯାଉଛି । ନୂଆଦିଲ୍ଲୀସ୍ଥିତ ପରେଡ ପଡିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ। ଏହି କାର୍ଯ୍ୟକ୍ରମରେ ଓଡିଶାରୁ ୧୨ ଜଣ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି । ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୨ ଜଣ ରହିଛନ୍ତି । ସେମାନେ ହେଲେ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମ୍ୟ ଜଳପରିମଳ କମିଟିର ସମ୍ପାଦକ ଟୁନା ଜେନା(୫୧) ଏବଂ କନିଷି ଗ୍ରାମ୍ୟ ଜଳପରିମଳ କମିଟିର ସଭାପତି ସନତ କୁମାର ନାୟକ(୪୯) । ମଙ୍ଗଳବାର ଅପରାହ୍ନରେ ଉଭୟଙ୍କୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରି ଯାତ୍ରା ଶୁଭମୟ ହେଉ ବୋଲି କାମନା କରାଯାଇଛି । ଜିଲ୍ଲା ପରିଷଦ ପରିସରରେ ଆୟୋଜନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ମଧୁମିତା ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇଥିଲେ। ବ୍ରହ୍ମପୁର ଡିଭିଜନ ଜଳ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ବିକାଶ ପତି, ରଙ୍ଗେଇଲୁଣ୍ଡା ବ୍ଲକ କନିଷ୍ଠ ଯନ୍ତ୍ରୀ ସିମାଂଚଳ ସାହୁ, ଗଞ୍ଜାମ ଜିଲ୍ଲା ସଂଯୋଜିକା ନମିତା ନାହାକ, ଜିଲ୍ଲା ପରିଷଦର ପ୍ରୋଗ୍ରାମ ମ୍ୟାନଜର ସୌମ୍ୟରଞ୍ଜନ ହୋତା ଓ ବାଣି ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଓବିସି ସଂଘର ବୈଠକ, କର୍ମକର୍ତ୍ତା ଚୟନ

ଫୁଲବାଣୀ, ୨୧।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଓବିସି ସଂଘର ଏକ ସାଧାରଣ ପରିଷଦ ବୈଠକ ଫୁଲବାଣୀ ସାଲୁଙ୍କି ସାହି କପିଳେଶ୍ୱର ମନ୍ଦିର ନିକଟସ୍ଥ ଗୋଷ୍ଠୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଫୁଲବାଣୀ ଏବଂ ଏହାର ଆଖପାଖ ଅଞ୍ଚଳରୁ, ଅନେକ ଶୁଣ୍ଢି, ବାରିକ, ବଢେଇ, ତେଲି, ଗୁଡିଆ, କୁମ୍ଭାର, ଗଉଡ ଏବଂ ଖରୁଡା ଆଦି ଭଳି ଅନେକ ଓବିସି ବର୍ଗର ବ୍ୟକ୍ତିମାନେ ଯୋଗ ଦେଇଥିଲେ। କନ୍ଧମାଳ ଜିଲ୍ଲାରେ ବସବାସ କରୁଥିବା ଏହି ବର୍ଗର ଲୋକେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାରା ପ୍ରଦାନ କରାଯାଇଥିବା ଅନେକ ସୁବିଧା ଓ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ କେତେକାଂଶରେ ସରକାରଙ୍କ ଅଣଦେଖା ଏବଂ ଏହି ବର୍ଗର ଲୋକଙ୍କ ଅଜ୍ଞାନତା ଓ ଅସଂଗଠିତ ରହିବା ହିଁ ମୁଖ୍ୟ କାରଣ ବୋଲି ଏଥିରେ ଯୋଗ ଦେଇ ଅବସରପ୍ରାପ୍ତ ପ୍ରିନ୍ସିପାଲ ରାଜକିଶୋର ବେହେରା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନାରାୟଣ ସାହୁ ଓ ସମାଜସେବୀ ପ୍ରଶାନ୍ତ କୁମାର ବେହେରା କହିଥିଲେ। ଏଥିପାଇଁ ଏକ ସୁସଂଗଠିତ ସଂଘର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା, ଉପ ସଭାପତି ରାଜେନ୍ଦ୍ର କୁମାର ସାହୁ, ସାଧାରଣ ସମ୍ପାଦକ ଗଣେଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଲବ ଡାକୁଆ, ସହ ସମ୍ପାଦକ ଶିବ ବିଶାଳ, ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।

# ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ ଉଦ୍‌ଯାପିତ

ଗୋପାଳପୁର, ୨୧।୧ (ନବୀନ ରାଜ ଆଚାରୀ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷା ଅନୁଷ୍ଠାନ ନିଷ୍ଟ ବିଶ୍ୱବିଦ୍ୟାଳୟର ଚାଲିଥିବା ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିଲା। ଉତ୍ସବରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଡ଼. ସୁକାନ୍ତ କିଶୋର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିପିୟୁଟି ରାଉରକେଲାର କୁଳପତି ଡ଼. ଅମିୟ କୁମାର ରଥ, ମୁଖ୍ୟ ବକ୍ତା ଭାବେ ଲେବ ଏକାଡେମି ପ୍ରତିଷ୍ଠାତା ନୀଳାଦ୍ରି ବିହାରୀ ବିଶ୍ୱବିଦ୍ୟଳୟ କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ଆର୍ଯ୍ୟ ବେଦବ୍ରତ, ବ୍ଲୁ ହର୍ସ ସଫ୍ଟୱେର ପ୍ରତିଷ୍ଠାତା ବିନୀତ ଅଗ୍ରୱାଲ ଯୋଗଦେଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟକୁ ପରିପୁଷ୍ଟ କରିବା ଦିଗରେ ପ୍ରତିଷ୍ଠାତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ଅତିଥିମାନେ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ରଥ ଫଳାଫଳ ଆଧାରିତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ବିପିୟୁଟିରେ ପାଠ୍ୟକ୍ରମ ବିକାଶ ପ୍ରୟାସ ଉପରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁକର ନାୟକ କାର୍ଯ୍ୟକ୍ରମ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଦକ୍ଷିଣଞ୍ଚଳ ଆଇଜି ସାର୍ଥକ ଷଡ଼ଙ୍ଗୀ ଯୋଗ ଦେଇ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଭାଗର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି ଅବସର ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ସବ୍ୟସାଚୀ ରଥ, ଡ଼ ସସ୍ମିତା ପାଢ଼ୀ, ଡ଼ ମାନବେନ୍ଦ୍ର ପାତ୍ର, ପ୍ରଫେସର ସ୍ୱାଧୀନ ମିଶ୍ର, ଡ଼. ଅମିତ ପଟ୍ଟନାୟକ, ପ୍ରଫେସର ପୁର୍ଣ୍ଣେନ୍ଦୁ ମିଶ୍ର, ପ୍ରଫେସର ହରିକୃଷ୍ଣ ଗନ୍ତାୟତ, ପ୍ରଫେସର ସରୋଜ ପାଢ଼ୀ, ଡ଼. ଅମରନାଥ ପାଢ଼ୀ, ପୀତାମ୍ବର ସାହୁ, ପ୍ରଜ୍ଞାରାଣୀ ସାମନ୍ତ, ଅନ୍ୱେଷତା ପାଣିଗ୍ରାହୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ଡ଼. ଆକାଂକ୍ଷା ପଟ୍ଟନାୟକ ପରିଚାଳନା କରିଥିଲେ।

# ୩ ବଖରା ଜଳିଗଲା

ଜି.ଉଦୟଗିରି, ୨୧।୧ (ଚିନ୍ମୟ କୁମାର ସେଠୀ)

ଗ୍ରେସିଙ୍ଗିଆ ପଞ୍ଚାୟତ ଡମେଙ୍ଗି ଗ୍ରାମରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଗୌରହରି ପ୍ରଧାନଙ୍କ ୩ ବଖରା ଘର ପୋଡିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୩ ବଖରା ଘର ସମ୍ପୂର୍ଣ୍ଣ ଜଳିଯିବା ସହ ଘରର ସମସ୍ତ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା। ସରପଞ୍ଚ ତ୍ରିଶିଳା ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଭେଟି କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ



ମୋହନା, ୨୧।୧ (ମନ୍ମଥ ମିଶ୍ର)

ରାସ୍ତା ନ ଥିବାରୁ ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବାଡେଗୁଡା ପଞ୍ଚାୟତର ପଡ଼େରେମା ଗାଁରେ। ଗାଁର ଲକ୍ଷ୍ମୀ ନାୟକଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଠିକ ସମୟରେ ବାଡେଗୁଡା ପର୍ଯ୍ୟନ୍ତ ଆସି ରହିଥଲା। ପଡ଼େରେମା ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ଯାଇପାରି ନ ଥିଲା। ଫଳରେ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, ପାଇଲଟ ଆଲୋକ ନାୟକ ଓ ସଞ୍ଜୟ ଦଳବେହେରା ଗ୍ରାମରେ ପହଞ୍ଚି ଷ୍ଟ୍ରେଚରରେ ୩ କି.ମି. ବୋହି ଆଣି ଲକ୍ଷ୍ମୀଙ୍କୁ ଆମ୍ବୁଲାନ୍ସ ନିକଟକୁ ନେଇ ଅତବା ଡାକ୍ତରଖାନା ନେଇଥିଲେ। ସେଠାରେ ଲକ୍ଷ୍ମୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଉଭୟ ମା ଓ ଶିଶୁ ସୁସ୍ଥ ଥିବା ନେଇ ଡାକ୍ତର ଅମରେଶ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ବାଡେଗୁଡାରୁ ପଡ଼େରେମା ଗାଁକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ରାସ୍ତା ହେଇପାରୁନି। ଫଳରେ ଜରୁରୀ ସମୟରେ ଗ୍ରାମବାସୀ ଏପରି ହଇରାଣ ହେଉଛନ୍ତି।

AROHAN
AAVISHKAAR GROUP

**AROHAN FINANCIAL SERVICES LIMITED**
Registered Office: PTI Building, 4th Floor, DP 9, Salt Lake, Sector V, Kolkata - 700091, West Bengal
T: +91 33 4015 6000 | CIN: U74140WB1991PLC053189
Email: contact@arohan.in | Website: www.arohan.in

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସମସ୍ତ ସାଧାରଣ ଲୋକମାନଙ୍କୁ ଏବଂ ଅରୋହାନ୍ ଆର୍ଥିକ ସର୍ଭିସେସ୍ ଲିମିଟେଡ୍ (କମ୍ପାନୀ)ର ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଛି ଯେ କମ୍ପାନୀର **ଦାରିଙ୍ଗବାଡ଼ି–ବିଶାଖା**, ଯାହା ପେଟ୍ରୋଲ ପମ୍ପ ଛକ, ପ୍ରଥମ ମହଲା, ପ୍ଲଟ୍ ନମ୍ବର – 1706/2279, ଦାରିଙ୍ଗବାଡ଼ି ମେନ୍‌ରୋଡ୍, ପୋ.: ଦାରିଙ୍ଗବାଡ଼ି, ପି.ଏସ୍.: ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ, ପିନ୍: 762104ରେ ଅବସ୍ଥିତ ଅଛି, ତା30.04.2025ଠାରୁ ଏହି ଶାଖାର ସମସ୍ତ ସର୍ବସାଧାରଣ କାର୍ଯ୍ୟକଳାପ ବନ୍ଦ ହେବାକୁ ଯାଉଛି। ଏହି ଶାଖା ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟକଳାପ ଦାରିଙ୍ଗବାଡ଼ି ଶାଖାକୁ ତା30.04.2025ଠାରୁ ସ୍ଥାନାନ୍ତରିତ କରାଯିବ। ସମସ୍ତ ଗ୍ରାହକ ଏବଂ ସାଧାରଣ ଲୋକମାନେ ତା01.05.2025ଠାରୁ କମ୍ପାନୀର **ଦାରିଙ୍ଗବାଡ଼ି ଶାଖା**, ଯାହା ପେଟ୍ରୋଲ ପମ୍ପ ଛକ, ପ୍ରଥମ ମହଲା, ପ୍ଲଟ୍ ନମ୍ବର – 1706/2279, ଦାରିଙ୍ଗବାଡ଼ି ମେନ୍‌ରୋଡ୍, ପୋ.: ଦାରିଙ୍ଗବାଡ଼ି, ପି.ଏସ୍.: ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ, ପିନ୍: 762104ରେ ଅବସ୍ଥିତ ଅଛି, କୌଣସି ଋଣ ସମ୍ପର୍କିତ ଆବଶ୍ୟକତା/ସେବା, କାର୍ଯ୍ୟକଳାପ ଏବଂ ପ୍ରଶ୍ନ ଗୁଡ଼ିକ ନିମିତ୍ତରେ ସମ୍ପର୍କ କରିବାକୁ ଅନୁରୋଧ ଜଣାଯାଉଛି।

ଆରୋହନ୍ ଆର୍ଥିକ ସର୍ଭିସେସ୍ ଲିମିଟେଡ୍
ସ୍ୱା./– ଅଧିକୃତ ସ୍ୱାକ୍ଷର

**FORM NO. 3**
(See Rule. 7)

**IN THE FAMILY COURT, GAJAPATI, AT - PARALAKHEMUNDI**
Cr.P/C.P. No. 47/2024

Smt. Dileswari Pradhan & another..... Petitioner(s)
Vrs
Sri Chandra Sekhar Pradhan..... Respondent(s)

TO
CHANDRA SEKHAR PRADHAN, S/o ABHIMANYU PRADHAN, BODOSAHI, AT/PO/PS - KASHINAGAR, DIST. - GAJAPATI, ODISHA - 761206

**WHEREAS,** the above named Petitioner has instituted a petition against you as set in the petition (annexed with the petition and annexure)
**AND WHEREAS,** the petition will be placed for direction on 7th day of February 2025.
**YOU** are hereby summoned to appear before the Family Court to answer the petitioner's claim on said 7th Day of Feb. 2025 at 10'O clock.
**TAKE NOTICE** that on the day before mentioned after hearing parties who appear directions will be given by the Judge as to the date of hearing before a counselor of the Family Court and other matters concering the petition.

AND

**TAKE FURTHER NOTICE** that if you fail to appear before the Judges on the day the petition may be ordered to be set down on Board on the same day or any subsequent days as "UNDENENDED" and You will be liable to have decree or order passed against you.
The Family Judge, Gajapati at Paralakhemundi aforementioned this 17th the day of Jan. 2025.

Sd./- Judge, Family Court
Paralakhemundi (Gajapati)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Medical Representative
Area Sales Manager
for all over the Orissa to Launch Psychiatric Company. Please send resume on whatsapp only
Subhash Kelkar (Director)
9923000311

**ଆବଶ୍ୟକ**
ଜିମ୍‌ରେ କାର୍ଯ୍ୟକରିବା ପାଇଁ ଲେଡ଼ିସ୍ ଆକାଉଣ୍ଟାଣ୍ଟ, ଲେଡିସ୍ ଟ୍ରେନର ଓ ଜେଣ୍ଟସ ଟ୍ରେନର ଆବଶ୍ୟକ।
– ଯୋଗାଯୋଗ –
K–3/456, କଳିଙ୍ଗନଗର, ଭୁବନେଶ୍ୱର
9861078181 / 7978618134

**REQUIREMENT URGENTLY**
1. M.Sc. CHEMISTRY : 03 Nos. (Water Test Experience Preferable)
2. MARKETING EXECUTIVE: MBA - 02 Nos.
Salary - 15000.00/-
Send Updated CV
OTL CONSULTANCY SERVICE PVT. LTD.
Email: odishatestinglab@gmail.com
Mobile No.: 8249525997

**ଦୂରବାର୍ତ୍ତା ଡ଼ିଜିଟାଲ ଲାଇଭ ଆବଶ୍ୟକ କରୁଛି**
୧. ସାମ୍ବାଦିକ – ଓଡ଼ିଶାର ୩୦ ଟି ଜିଲ୍ଲା ଓ ପ୍ରତ୍ୟେକ ବ୍ଲକ ନିମନ୍ତେ ।
୨. ଭିଜୁଆଲ ଏଡ଼ିଟର ୪ ଜଣ
୩. ସବ୍-ଏଡ଼ିଟର ୪ ଜଣ
୪. କ୍ୟାମେରାମ୍ୟାନ୍ ୨ ଜଣ
୫. ଗ୍ରାଫିକ୍ ଡ଼ିଜାଇନର ୨ ଜଣ
୬. ଆନିମେସନ୍ ଡିଜାଇନର ୩ ଜଣ
୭. ଅଫିସ୍ ପିଅନ ୨ ଜଣ
୮. ନିୟୁଜ ଏଡ଼ିଟର ୧ ଜଣ
୯. ପାର୍ଟଟାଇମ ସ୍କ୍ରିପ୍ଟ ରାଇଟର (Short film/Comedy etc.)
୧୦. ଆଡଭାଟାଇଜିଙ୍ଗ ମ୍ୟାନେଜର ୪ ଜଣ
(କେବଳ ଅଭିଜ୍ଞ ବ୍ୟକ୍ତି ଆବେଦନ କରିପାରିବେ)
(Previous Salary is Protected)
ଯୋଗାଯୋଗ ଠିକଣା:
ଦୂରବାର୍ତ୍ତା ଡ଼ିଜିଟାଲ ଲାଇଭ
୯୯୩୭୭୬୦୭୦୧୦
T.S.G GURUKUL, 444, GOTHAPATNA, BBSR

See Career Appointment on every Wednesday & Saturday

Teachers Required Teachers Required
**BETHANY CONVENT SCHOOL**
(Affiliated to ICSE New Delhi)
Madhuban, Paradip, Jagatsinghpur, Odisha, PIN - 754 142
Email : bcshparadip@yahoo.com, Mob : +91 7894618491, 8984087996

| Subjects | Qualification |
|---|---|
| Mathematics | 1. Graduate or Post Graduate in respective subject |
| English | 2. B.Ed / B.Ped |
| Physics | 3. 3 Years Experience |
| Chemistry | 4. Proficiency in written and spoken English |
| Biology | 5. Conversant with latest teaching trends and use of technology |
| Computer | |
| Physical Education | |

The application and relevant documents should reach the school office by post or email with full contact address and contact telephone number of the applicant by 31st of March 2025.
Sd./- Principal

Estd. - 1979
☎ 7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO. - LARASARA, DIST. : BARGARH - 768027 (ODISHA)
Email - thekosalaschool1979@gmail.com, Mob - 6370708544 / 7682032632
**REQUIRES THE FOLLOWING TEACHING & NON TEACHING STAFF**

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed | (Salary is not a constraint for deserving candidates) |
| 2 | TGT | English / Physics /Chemistry / Biology / Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Pre Primary Teacher | | Higher Secondary (+2) with NTT / STT / Diploma in ECCE | |
| 5 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 6 | Data Entry Operator | | B.A. or B.Sc with PGDCA | |
| 7 | Office Assistant | | B.A. or B.Sc with PGDCA | |
| 8 | Accountant | | B.Com with Tally | |
| 9 | Special Educator | | B.A. or B.Sc with B.Ed (Special Education) | |
| 10 | Hostel Warden (Male / Female) Age- 25 to 35 years | | Higher Secondary (+2) | |
| 11 | Security Guard | | Higher Secondary (+2) | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address :- thekosalaschool1979@gmail.com on or before 05/02/2025.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- (Principal)

## ସଂକ୍ଷେପରେ

### ୨ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭଞ୍ଜନଗର,୨୧।୧(ବାବୁଲା ପ୍ରଧାନ)

ଭଞ୍ଜନଗର ସହର ବାଇପାସ ରୋଡରେ ଗତ କିଛିଦିନ ହେବ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ପାରୁନାହିଁ। ରବିବାର ରାତିରେ ଦୁର୍ବୃତ୍ତମାନେ ବାଇପାସ ରୋଡରେ ପୁଣି ୨ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଛି। ଜଣେ ଗୃହକର୍ତ୍ତା ଦାମୋଦର ରଥ ସୋମବାର ରାତିରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ରବିବାର ବାଇପାସ ରୋଡ ବାସିନ୍ଦା ତଥା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ମୁଖ୍ୟ କିରାଣି ଦାମୋଦର ରଥ ପରିବାର ସହ ବ୍ରହ୍ମପୁର ଯାଇଥିବା ବେଳେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି ହୋଇଥିଲା। ସୋମବାର ରାତି ପ୍ରାୟ ୧୦ଟାରେ ଫେରି ଦେଖିବା ବେଳକୁ ଘରୁ ଚୋରି ହୋଇଥିବାର ଜାଣିଥିଲେ। ସେହିଭଳି ତାଙ୍କ ସାହିର ଅନ୍ୟ ଜଣଙ୍କ ଘରୁ ମଧ୍ୟ ଚୋରି ହୋଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ବାଇପାସ ରୋଡରେ ଥିବା ସାଇ ମନ୍ଦିରରୁ ବଡଧରଣର ଚୋରି ହୋଇଥିଲା। ପୋଲିସ ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଏ ଯାଏ ଗିରଫ କରିପାରିନାହିଁ।

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୨୧।୧(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା, କୁଇଜ, ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୃତୀ ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡିୟମଠାରେ ଆସନ୍ତା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ପୁରସ୍କୃତ କରିବେ। କାର୍ଯ୍ୟକ୍ରମରେ ବିଚାରକମଣ୍ଡଳୀ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ବିଚିତ୍ରାନନ୍ଦ ବେବର୍ତ୍ତା, ସହକାରୀ ଶିକ୍ଷକ ଅମେଶ ଲିମ୍ମା, ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶୀ, ଜଗନ୍ନାଥ ପଟ୍ଟନାୟକ, ଅନିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମୃତଦେହ ସତ୍କାର କଲେ ବିପଦର ବନ୍ଧୁ କର୍ମକର୍ତ୍ତା

ଭଞ୍ଜନଗର,୨୧।୧(ବାବୁଲା ପ୍ରଧାନ):

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ନିକଟସ୍ଥ ପାଇଲିପଡା ଗ୍ରାମର ବସନ୍ତ ମହାନ୍ତି (୫୮) ପ୍ରାୟ ୧୦ ବର୍ଷହେବ ପାରିବାରିକ ବିବାଦ ଯୋଗୁ ଘରକୁ ନ ଯାଇ ବାହାରେ ମଠ ମନ୍ଦିରରେ ଭିକ୍ଷା କରି ଖାଉଥିଲେ। କିଛିଦିନ ପୂର୍ବେ ସେ ବେଲଗୁଣ୍ଠା ରୋଡରେ ଅସୁସ୍ଥ ହୋଇ ପଡିଥିବା ବେଳେ ତାଙ୍କୁ ବିପଦର ବନ୍ଧୁ ଓଡିଶା (ଭଞ୍ଜନଗର) ସ୍ୱେଚ୍ଛାସେବୀମାନେ ମେଡିକାଲ ଆଣି ଚିକିତ୍ସା ଯୋଗାଉଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଗାଙ୍ଗପୁର ପୋଲିସ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। କିନ୍ତୁ ସମ୍ପର୍କ ବହୁଦିନ ହେବ ବିଚ୍ଛେଦ ହୋଇଯାଇଥିବା ଯୋଗୁ ପରିବାର ଲୋକେ ଶବ ସତ୍କାର ପାଇଁ ରାଜି ହୋଇନଥିଲେ। ପରେ ମୃତ ଦେହକୁ ବିପଦର ବନ୍ଧୁ ଅନୁଷ୍ଠାନର ସଦସ୍ୟ ମାନେ ସ୍ଥାନୀୟ ବେଲେଶ୍ୱର ଶୈବ ପୀଠ ଶ୍ମଶାନରେ ସତ୍କାର କରି ସମାଜରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ୧୫ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡାରେ ଚାଲିଛି ବିଦ୍ୟାଳୟ

ସୋରଡ଼ା,୨୧।୧(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଗେଞ୍ଜା ପଞ୍ଚାୟତ ଅନ୍ତର୍ଗତ ସାପୁଆପଲି ପ୍ରାଥମିକ ବିଦ୍ୟାଳୟରେ ଆଜକୁ ୧୫ ବର୍ଷ ହେଲା ଗୋଟିଏ ନିଜସ୍ୱ କୋଠା ନାହିଁ। ଏହି ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ଅଛନ୍ତି, ହେଲେ ଅରୁଣ ବେହେରା ଓ କିଶୋର ଚନ୍ଦ୍ର ଅଧିକାରୀ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ସାପୁଆପଲି, ଅଡିଖୋଲା, ରାମଚନ୍ଦ୍ରପୁର, ସାନ ସାପୁଆପଲି ଓ ପେରଜୁ ଗ୍ରାମର ୬୦ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ବିଦ୍ୟାଳୟ କୋଠା ନ ଥିବାରୁ ଏହା ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି। ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ଶିକ୍ଷାଦାନ ସରିଲେ ବିଦ୍ୟାଳୟ ପାଠପଢା ଆରମ୍ଭ ହେଉଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦ ଜଣଙ୍କ ମଧ୍ୟରୁ ଗୋଟିଏ ଶ୍ରେଣୀ ଅଙ୍ଗନୱାଡି କେନ୍ଦ୍ର ଭିତରେ ହେବାବେଳେ ଅନ୍ୟ ଶ୍ରେଣୀଗୁଡିକର ପାଠପଢା ଅଙ୍ଗନୱାଡି କେନ୍ଦ୍ର ପିଣ୍ଡାରେ ହେଉଛି। ବିଦ୍ୟାଳୟରେ ରହିଛି ଗୋଟିଏ



ଅଙ୍ଗନୱାଡି କେନ୍ଦ୍ର ପିଣ୍ଡାରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

କଳାପଟା। ରାଜ୍ୟ ସରକାର ଉନ୍ନତ ମାନର ଶିକ୍ଷା ଭିତ୍ତିଭୂମି ପାଇଁ ବହୁ ଅର୍ଥ ବ୍ୟୟ କରୁଥିବା ବେଳେ ସାପୁଆପଲି ପ୍ରାଥମିକ ବିଦ୍ୟାଳୟ ପ୍ରତି ଦୃଷ୍ଟି ପଡୁନି। ୧୫ ବର୍ଷ ଧରି ବିଦ୍ୟାଳୟ ପାଠପଢା ଏପରି ଅବସ୍ଥାରେ ଚାଲିଥିବା ବେଳେ ୧୩ କି.ମି. ଦୂରରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନଭୋଜନ ବେଳେ ବସି ଖାଇବା ପାଇଁ ପିଲାଙ୍କୁ ଜାଗା ଟିକେ ମିଳୁନି। ବାହାରେ ପିଲାମାନେ ଖାଉଥିବା ଦେଖିବାକୁ ମିଳେ। ବର୍ଷାଦିନେ ମଧ୍ୟାହ୍ନଭୋଜନ ରାନ୍ଧି ଦେବା କଷ୍ଟକର ହେଉଛି। ଏପରି କି ବେଳେ ବେଳେ ରୋଷେଇ କରିବା ସମ୍ଭବ ମଧ ହୁଏନି। ଏ ସମ୍ପର୍କରେ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଜ୍ୟୋସ୍ନାରାଣୀ ସାବତ କହନ୍ତି, ୧୫ ବର୍ଷ ହେଲା ଏପରି ବିଦ୍ୟାଳୟରେ ପାଠପଢା ଏଠାରେ ଚାଲିଛି। ଅଧିକାରୀମାନେ ଆସୁଛନ୍ତି ଦେଖୁଛନ୍ତି ଅଥଚ କିଛି ପଦକ୍ଷେପ ନେଉନାହାନ୍ତି ବୋଲି ସେ କହିଛନ୍ତି। ଏନେଇ ବିଦ୍ୟାଳୟ ଶିକ୍ଷକ କହନ୍ତି, ଆମ ବିଦ୍ୟାଳୟର ନିଜସ୍ୱ କୋଠା ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ର ଦିଦିଙ୍କୁ ଅନୁରୋଧ କରି ଏଠାରେ ପାଠ ପଢାଉଛୁ। ବିଦ୍ୟାଳୟ କୋଠା ନିର୍ମାଣ ହେଲେ ପାଠପଢା ସ୍ୱାଭାବିକ ହୁଅନ୍ତା। ଏ ସମ୍ପର୍କରେ ଗ୍ରାମବାସୀ କହନ୍ତି, ବିଦ୍ୟାଳୟ କୋଠା ନିର୍ମାଣ ଲାଗି ବହୁତ ଥର ପ୍ରଶାସନକୁ ଜଣାଇଲୁଣି। ଅଭିଯୋଗ କଲୁଣି। ହେଲେ କେହି ଦୃଷ୍ଟି ଦେଉନାହାନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟଦର୍ଶନୀ ନାୟକଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟାଳୟର ନୂତନ କୋଠା ପାଇଁ ଆକଳନ ସରିଛି। ନିର୍ଦ୍ଦେଶ ମିଳିଲେ କୋଠା ନିର୍ମାଣ ଆରମ୍ଭ ହେବ।

# ବାଲିଗୁଡ଼ାରେ ଘନ କୁହୁଡ଼ି ସହ ପ୍ରବଳ ଜାଡ଼

ବାଲିଗୁଡା,୨୧।୧
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳରେ ପ୍ରବଳ ଶୀତ ଲହରୀ ଜାରି ରହିଛି। ଘନ କୁହୁଡିରେ ଆଚ୍ଛାଦିତ ହେଉଛି ସମଗ୍ର ଅଞ୍ଚଳ। ପୂର୍ବାହ୍ନ ୧୦ଟା ଯାଏଁ କୁହୁଡି କମୁନି। ପ୍ରବଳ ଜାଡ଼ରେ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ସଞ୍ଜ ନଇଁଲେ ଉପାନ୍ତ ଅଞ୍ଚଳରେ ତାପମାତ୍ରା ହ୍ରାସ ପାଉଛି। ଶୀତ ଦାଉରୁ ରକ୍ଷାପାଇବା ପାଇଁ ଲୋକେ ଅଧାରାତିରୁ ନିଆଁଜାଳି ଚାରିପାଖେ ବସୁଛନ୍ତି। ରାସ୍ତାରେ କୁହୁଡ଼ି ପାଇଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଗରିବ ଓ ଶ୍ରମଜୀବୀ ଠିକ୍ ସମୟରେ କର୍ମ କ୍ଷେତ୍ରକୁ ଯାଇ ପାରୁନାହାନ୍ତି। ସେପଟେ ନିଜକୁ ଫିଟ୍ ରଖିବା ପାଇଁ ସବୁ ବର୍ଗର ଲୋକେ ମର୍ଣ୍ଣିଂ ୱାକ୍, ଯୋଗ, ବ୍ୟାୟାମ କରିବା ପାଇଁ ଜିମ୍, ପାର୍କ, ରାସ୍ତା ଓ ଷ୍ଟାଡିୟମରେ ଭିଡ଼ ଜମାଉଛନ୍ତି। ଅସହ୍ୟ ଜାଡରୁ ପଶୁପକ୍ଷୀ ମଧ ବାଦ ପଡୁନାହାନ୍ତି। ଲୋକେ ଜାଳୁଥିବା ନିଆଁ ପାଖେ ଗୋରୁଗାଈ ଓ କୁକୁର ଠିଆ ହୋଇ ରହୁଥିବା ଦେଖାଯାଉଛି।

# ସରକାରୀ ବସ୍‌ରେ ଅନ୍‌ଲାଇନ ଟିକେଟ ବନ୍ଦ

## ସିମନବାଡି, ଦାରିଙ୍ଗବାଡି ପାଇଁ ଆଗୁଆ ମିଳୁନି ଟିକେଟ

ଦାରିଙ୍ଗବାଡି,୨୧।୧ (ଅରୁଣ ସାହୁ )

କନ୍ଧମାଳ ଜିଲା ଦାରିଙ୍ଗବାଡି ଦେଇ ବ୍ରହ୍ମପୁରଠାରୁ ବାଲିଗୁଡା ଯାଉଥିବା ସରକାରୀ ବସରେ ଆଉ ଅନଲାଇନ୍ ଟିକେଟ ବୁକିଂ ହେଉନାହିଁ। ତେଣୁ ଯାତ୍ରୀମାନେ ବହୁତ ହଇରାଣ ହେଉଛନ୍ତି। ଉକ୍ତ ବସ ଉପରେ ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ଦାରିଙ୍ଗବାଡି, ସିମନବାଡି, ଶ୍ରୀନିକେତା, କିରିକୁଟି ଆଦି ଏକାଧିକ ଗ୍ରାମବାସୀ ନିର୍ଭର କରୁଛନ୍ତି। ସରକାରୀ ବସ୍‌ଟି ଭୋରରୁ ବ୍ରହ୍ମପୁରରୁ ବାହାରି ଦାରିଙ୍ଗବାଡିରେ ପୂର୍ବାହ୍ନ ୧୦ଟାରେ ପହଞ୍ଚି ବାଲିଗୁଡା ଯାଉଥିବା ବେଳେ ମଧ୍ୟାହ୍ନ ସାଢେ ୧୨ଟା ମଧ୍ୟରେ ପୁଣି ବ୍ରହ୍ମପୁର ଅଭିମୁଖେ ବସଟି ଫେରୁଛି। ଅନ୍‌ଲାଇନ ଟିକେଟ ହେଉ ନ ଥିବା ବେଳେ ଅଫଲାଇନରେ ମଧ୍ୟ ଦାରିଙ୍ଗବାଡି, ସିମନବାଡି ପାଇଁ ଟିକେଟ ମିଳୁନାହିଁ। ବାଲିଗୁଡା ଯାତ୍ରୀଙ୍କୁ ପ୍ରାଥମିକତା ଦିଆଯାଉଥିବା ବେଳେ ଦାରିଙ୍ଗବାଡି, ସିମନବାଡି ଯାତ୍ରୀମାନେ ଆଗୁଆ ଟିକେଟ ନ ପାଇ ଅସୁବିଧା ଭୋଗୁଛନ୍ତି। ଏ ନେଇ ବସ କଣ୍ଡକ୍ଟର ଅମୀୟ ମିଶ୍ରଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ବେଳେ ପ୍ରଥମେ ବାଲିଗୁଡାରେ ହିଁ ଟିକେଟ କଟାଯିବ ଓ ବଳକା ରହିଲେ ଏପଟେ ଅନ୍ୟକୁ ଟିକେଟ ଦିଆଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ କନ୍ଧମାଳ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ଶିଶିର କୁମାର ସାହୁଙ୍କୁ ପଚାରିବାରୁ ତାଙ୍କ ଦ୍ୱାରା ଏ ସବୁ ସମସ୍ୟାର ସମାଧାନ ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡିରୁ ଜିଲା ବାହାରକୁ ମାତ୍ର ୨ଟି ସରକାରୀ ବସ ଯାତାୟାତ କରୁଛି। ଗୋଟିଏ ଗଞ୍ଜାମ ଜିଲା ଭଞ୍ଜନଗରରୁ ଦାରିଙ୍ଗବାଡି ଓ ଅନ୍ୟଟି ବ୍ରହ୍ମପୁରରୁ ଦାରିଙ୍ଗବାଡି ଦେଇ ବାଲିଗୁଡା ଯାଉଛି । ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳର ଯାତ୍ରୀମାନେ ଏହି ବସ ଗୁଡିକରୁ ଠିକ ସୁବିଧା ପାଇପାରୁନାହାନ୍ତି। ଘରୋଇ ବସରେ ବାଧ ହୋଇ ଭଡା ଅଧିକା ଦେଇ ଯାତ୍ରା କରୁଛନ୍ତି।

# ଚାଷୀଙ୍କୁ ସ୍ୱାବଲମ୍ବୀ କରୁଛି ସମନ୍ୱିତ କୃଷି



ସମନ୍ୱିତ କୃଷି କାର୍ଯ୍ୟ ଦେଖିବାକୁ ଆସିଥିବା କୃଷି ବିଭାଗ ଟିମ୍।

ଫୁଲବାଣୀ, ୨୧।୧
(ରାକେଶ କୁମାର ରାଉତ)

ଫୁଲବାଣୀ ଜିଲା ରାଇକିଆ ବ୍ଲକରେ ସ୍ୱାତୀ ଓ ଆମ୍ବାର ମିଳିତ ସହଯୋଗରେ ୨୦୨୨ରୁ ସମନ୍ୱିତ କୃଷି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଆସୁଛି। ଏଥିରେ ଚାଷୀଙ୍କୁ ଛେଳି, କୁକୁଡା ଓ ମାଛ ଚାଷ ସହିତ ଦେଶୀ କୁକୁଡା ଉତ୍ପାଦନ କେନ୍ଦ୍ର, ମାଛ ଖାଦ୍ୟ ପ୍ରସ୍ତୁତି, ଜୈବିକ ସାର ଉତ୍ପାଦନ କେନ୍ଦ୍ର, ବିଭିନ୍ନ ଦେଶୀ ଧାନ, ଡାଲି, ତୈଳବୀଜ ଚାଷ କରାଯାଉଛି। ୭ ହଜାର ଚାଷୀଙ୍କୁ ୧୦ଟି ପଞ୍ଚାୟତରେ ୩ ବର୍ଷ ହେଲା ଆମ୍ବା ସହଯୋଗରେ ଏହି ସହାୟତା ପ୍ରଦାନ କରାଯାଇଆସୁଛି। ଆଧୁନିକ ପ୍ରଣାଳୀରେ ଲଟା ଜାତୀୟ ପନିପରିବା ସହିତ ମିଶ୍ରିତ ଚାଷ କରି ଚାଷୀ ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି କାର୍ଯ୍ୟକ୍ରମର ପ୍ରଭାବକୁ ପରଖିବା ଲାଗି କୃଷି ଅଧିକାରୀ ହିମାଂଶୁ ଶେଖର ମିଶ୍ର, ଶାରଦା ପ୍ରସନ କର, ଗଣେଶ ଦୀକ୍ଷିତ ପ୍ରମୁଖ ଏକ ଟିମ୍ ସୁଗଡବାଡି ଓ ଗୁମାମାହା ପଞ୍ଚାୟତରେ ନିକଟରେ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ଦିବାରି ଗ୍ରାମର ଜଣେ ସଫଳ ଚାଷୀ ବିନୟ ପ୍ରଧାନ ଦେଶୀ କୁକୁଡା, ଛେଳି ଓ ଆଧୁନିକ ପ୍ରଣାଳୀରେ ପରିବା ଚାଷ କରି ଏହି ବର୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା ପ୍ରକାଶ କରିଛନ୍ତି। ସେହିପରି ଚନ୍ଦ୍ରଶେଖର ପ୍ରଧାନ ଲାମ୍ବଡିକିଆ ଗ୍ରାମରେ ପନିପରିବା ଚାଷ କରୁଛନ୍ତି। ଲୋକମାନେ ଗଛ ନ କାଟି ଏହି ପ୍ରଣାଳୀ ଆପଣେଇ ଜଙ୍ଗଲ ସୁରକ୍ଷା ମଧ କରିପାରିଥିବା ସେ କହିଛନ୍ତି। ଚାଷୀ ରେଣୁ ମଲ୍ଲିକ ଦେଶୀ କୁକୁଡା ଛୁଆ ଉତ୍ପାଦନ କରି ଗତ ବର୍ଷ ୧ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। ସ୍ୱାତୀ ସମ୍ପାଦକ ଇଂ.ହରିଶଙ୍କର ରାଉତ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ କୃଷି ଅଧିକାରୀମାନଙ୍କ ପରିଦର୍ଶନ ବେଳେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ କୃଷି ଅଧିକାରୀ ସଚିନ୍ଦ୍ର ସେଠୀ, ସୁକଦେବ ନାୟକ, ଚିରଞ୍ଜୀବ ମିଶ୍ର, ଆଶିଷ ନାୟକ, ପଞ୍ଚାନନ ନାୟକଙ୍କ ସମେତ ଅନ୍ୟମାନେ ଏହି ସମୟରେ ଉପସ୍ଥିତ ଥିଲେ। ସ୍ୱାତୀ ପ୍ରକଳ୍ପ ସଂଯୋଜିକା ମିନାକ୍ଷୀ ଦାସ, ବରିଷ୍ଠ କର୍ମୀ ଗିରୀଶ ଚନ୍ଦ୍ର ସାମଲ ସଂଯୋଜନା କରିଥିଲେ। ହୃଷୀକେଶ ଅମାୟତ, ଯଶୋବନ୍ତ ପ୍ରଧାନ ସହଯୋଗ କରିଥିଲେ।

### ଭାଜପା ମଣ୍ଡଳ କର୍ମକର୍ତ୍ତା ମନୋନୀତ

ଧରାକୋଟ,୨୧।୧
(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଧରାକୋଟ ବ୍ଲକର ୩ ମଣ୍ଡଳର ଭାଜପା କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଧରାକୋଟ ମଣ୍ଡଳ ସଭାପତି ଭାବେ ପ୍ରଭାକର ପ୍ରଧାନ, ମଣ୍ଡଳ ପ୍ରତିନିଧି ଭାବେ ଶିବ ଶଙ୍କର ପାତ୍ର, ମାଣିକ୍ୟପୁର ମଣ୍ଡଳ ସଭାପତି ଭାବେ ଟୁକୁନା ନାୟକ, ମଣ୍ଡଳ ପ୍ରତିନିଧି ଭାବେ ଶଙ୍କର ପାଣିଗ୍ରାହୀ ଏବଂ ଜାହାଡା ମଣ୍ଡଳ ସଭାପତି ଭାବେ ଜିତେନ୍ଦ୍ର ବିଶୋଇ, ମଣ୍ଡଳ ପ୍ରତିନିଧି ଭାବେ ଗରିବ ନାଇକଙ୍କୁ ମନୋନୀତ କରାଯାଇଛି । ନାମ ଘୋଷଣା ପରେ ସମସ୍ତ ମଣ୍ଡଳ ସଭାପତି ଏବଂ ମଣ୍ଡଳ ପ୍ରତିନିଧି ଦଳୀୟ ନେତା ଉତ୍ତମ କୁମାର ପାଣିଗ୍ରାହୀ, ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଜିଲା ନିର୍ବାଚନ ଅଧିକାରୀ ସରୋଜ ସାବତଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନେ ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଦୂତିମେଣ୍ଡିରେ ଧାନମଣ୍ଡି ଖୋଲିଲା

ଖଜୁରିପଡ଼ା,୨୧।୧(ବିଦୁର ବେହେରା):

ଖଜୁରିପଡ଼ା ବ୍ଲକ ଦୂତିପଡା ଲ୍ୟାମ୍ପ ପକ୍ଷରୁ ମଙ୍ଗଳବାର ଦୂତିମେଣ୍ଡିଠାରେ ଧାନମଣ୍ଡି ଖୋଲିଛି। ପ୍ରଥମ ଦିନରେ ଲ୍ୟାମ୍ପ ପକ୍ଷରୁ ଧାନ କିଣିବା ପାଇଁ ପୂର୍ବରୁ ୧୦ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ଧାନମଣ୍ଡି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଭାପତି ଇନ୍ଦ୍ରଦ୍ୟୁମ୍ନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରକାଶ କୁମାର ସେଠୀ, ସମୀର ପ୍ରସାଦ ଝଙ୍କାର, ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନସ ରଞ୍ଜନ ସାହୁ, ସମାଜିକ କର୍ମୀ ଗୌର ଚରଣ ବେହେରା, ବିଦୁର ବେହେରା, ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର୍ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତବର୍ଷ ଖରିଫରେ ୧୦୬ ଜଣ ଚାଷୀ ଧାନବିକ୍ରି କରିବା ପାଇଁ ନାମ ପଞ୍ଜୀକୃତ କରିଥିବା ବେଳେ ୩ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବ ଲକ୍ଷ୍ୟ ରଖାଯାଇଥିବା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର୍ ସେଠୀ ସୂଚନା ଦେଇଛନ୍ତି। ଧାନର ମାନ ଯାଞ୍ଚ କରିବା ପାଇଁ ଆର୍‌ଏମସି ତରଫରୁ ଯାଞ୍ଚ ଅଧିକାରିଣୀ ପ୍ରଜ୍ଞା ପରମିତା ବେହେରା ଉପସ୍ଥିତ ରହି ଧାନର ମାନ ଯାଞ୍ଚ କରିଛନ୍ତି ।

# ଖୁବଶୀଘ୍ର ଲଣ୍ଡେଇସାହି ରାସ୍ତା କାମ ହେବ: ପ୍ରଦ୍ୟୁମ୍ନ

ଭଞ୍ଜନଗର,୨୧।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଲଣ୍ଡେଇ ସାହିରେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ନାମଯଜ୍ଞରେ ଯୋଗଦେଇ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଏଥିସହ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ଏହି ସମୟରେ ଅଞ୍ଚଳବାସୀ ସେମାନଙ୍କ କିଛି ସମସ୍ୟା ଜଣାଇଥିଲେ । ଖୁବଶୀଘ୍ର ଲୋକଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ରାସ୍ତା ନିର୍ମାଣରେ ଜଣେ ବରିଷ୍ଠ ବିଜେଡି ନେତା ପ୍ରତିବନ୍ଧକ ସାଜିଥିଲେ। ତେଣୁ ଠିକାଦାର ଭୟରେ କାମ କରୁନଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନେବା



ପାଇଁ ବିଧାୟକ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ ଲଣ୍ଡେଇସାହି ଛକରୁ ଭାୟା ଯୋଗୀମାରୀ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ହେଉଛି। ଏ ବାବଦରେ ୧୨ କୋଟି ଟଙ୍କା ବ୍ୟୟ ହେଉଛି। ଇତିମଧ୍ୟରେ ଉକ୍ତ ରାସ୍ତାର ଚୁକ୍ତି ଅବଧି ସରିଯାଇଛି କିନ୍ତୁ କାମ ସରିବାକୁ ନାହିଁ। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକ କହିଛନ୍ତି ଯେ ଉକ୍ତ ରାସ୍ତା ପାଇଁ ୧୨ କୋଟି ଅନୁମୋଦନ ହୋଇଛି। ଜବର ଦଖଲ ଉଚ୍ଛେଦ ସମେତ ଆଉ କିଛି ସମସ୍ୟା ଯୋଗୁଁ ଲଣ୍ଡେଇସାହି, ରାଜକୁଣ୍ଡୁ, ଲାଲସିଂରେ ରାସ୍ତା କାମ ଆରମ୍ଭରେ ବିଳମ୍ବ ହେଉଛି।

# ସଡ଼କ ସୁରକ୍ଷା ସଚେତନତା

ପୁରୁଷୋତ୍ତମପୁର,୨୧।୧(ସିମାଞ୍ଚଳ ମିଶ୍ର):

ପୁରୁଷୋତ୍ତମପୁର ତାରାତାରିଣୀ କଲେଜ ପରିସରରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏମ୍‌ଭିଆଇ ରବିନ୍ଦ୍ରନାଥ ଜେନାଙ୍କ ସଂଯୋଜନାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ସୁରେନ୍ଦ୍ରନାଥ ପଣ୍ଡା ପୌରହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ରମେଶଚନ୍ଦ୍ର ସେନାପତି, ନାଇଡୁ ମୋହନ, ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ପାତ୍ର, ମିନାକ୍ଷୀ ଦାଶ, କନକେଶ୍ୱରୀ ବସ ମାଲିକ ସଂଘ ଲିଗାଲ ଆଡଭାଇଜର ସିମାଞ୍ଚଳ ମିଶ୍ର, ସଭାପତି ସନ୍ତୋଷ କୁମାର ପତି, ସମ୍ପାଦକ ଶରତଚନ୍ଦ୍ର ସାହୁ, କୋଷାଧକ୍ଷ ସୁଦର୍ଶନ ପ୍ରଧାନ ଯୋଗଦେଇଥିଲେ। ଏମଭିଆଇ ଜେନା ସଡକ ଦୁର୍ଘଟଣାକୁ କିପରି ରୋକା ଯାଇପାରିବ ସେ ନେଇ ସଚେତନ କରି ମୋଟରଯାନ ଆଇନ ସମ୍ପର୍କରେ ବୁଝାଇ ଥିଲେ। ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରି ପଥପ୍ରାନ୍ତ ନାଟକ କରିଥିଲେ। ପୁରୁଷୋତ୍ତମପୁର ବସ୍ ମାଲିକ ସଂଘ ଓ ଅଟୋ ଚାଳକ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ।

# ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୁଗୁଡା,୨୧।୧(କାଳିଚରଣ ଦାଶ)

ବୁଗୁଡା ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡା ଉତ୍ସବ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି କିରଣ ବାଳା ତ୍ରିପାଠୀ ଯୋଗ ଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ସାମୁହିକ ଶପଥ ପାଠ କରାଯାଇଥିଲା। ଏହାପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ପିପୁଲ୍ସ ହାଇସ୍କୁଲର କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲେ।

# ଷ୍ଟ୍ରବେରି ଚାଷ ପାଇଁ ବାଧକ ସାଜିଛି ଜଳସେଚନ

ଜି.ଉଦୟଗିରି,୨୧।୧
(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ପଞ୍ଚାୟତର ଏମିତି ଏକ ଗାଁ ଅଛି ଯାହା ପଞ୍ଚାୟତର ୧ ନମ୍ବର ୱାର୍ଡ଼ ରୂପେ ପରିଚିତ। ତେବେ ଏହି ଗାଁକୁ ଆଜିଯାଏ ପକ୍କା ସଡକଟିଏ ନାହିଁ। ତେବେ ପକ୍କା ସଡ଼କଟିଏ ନ ଥିବା ଉକ୍ତ ଗାଁରେ ଏବେ ଷ୍ଟ୍ରବେରି ଚାଷ ହେଉଥିବା ଦେଖିବାକୁ ମିଳିଛି। ସେହି ଚର୍ଚ୍ଚିତ ଗ୍ରାମଟି ହେଲା ସୁଗାମାହା ଗ୍ରାମ।

ଉଦ୍ୟାନ ବିଭାଗ ପ୍ରୋତ୍ସାହନରେ ଏକର ଏକର ଜମିରେ ଚାଷୀ ପ୍ରଭଞ୍ଜନ ପ୍ରଧାନ ଷ୍ଟ୍ରବେରି ଚାଷ କରୁଛନ୍ତି। ତେବେ ଗାଁ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ନ ଥିବାରୁ ସେ ବହୁ ଦୂରରୁ ପାଣି ବୋହି ଆଣି ଜମିରେ ମଡାଉଥିବା କହିଛନ୍ତି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଷ୍ଟ୍ରବେରି ଗଛ ଲଗାଯାଇଛି। ଆଗାମୀ ଦିନରେ ଆଉ ଅଧିକ ଷ୍ଟ୍ରବେରି ଗଛ ଲଗାଯିବ ବୋଲି ସେ କହିଛନ୍ତି। ଚାଷୀଙ୍କ ପାଖରେ ଜମି ଥିବା ବେଳେ ଜଳସେଚନ ସମସ୍ୟା ଯୋଗୁ ଷ୍ଟ୍ରବେରି ଚାଷ ଇଚ୍ଛା କରି ମଧ କରିପାରୁ ନ ଥିବା ଜଣାପଡିଛି। ସୁଗାମାହା ଗ୍ରାମର ଆଖପାଖ ଅଞ୍ଚଳରେ ଥିବା ଚାଷଜମିଗୁଡ଼ିକ ୩ଟି ମୌଜାରେ ରହିଛି। ସେଠାରେ ଥିବା ମୁଣ୍ଡା କୁଟିରେ ବାର ମାସ ଝରୁଥିବା ପାଣି ଶୁଖେ ନାହିଁ। ଉକ୍ତ ପାଣିକୁ ସଞ୍ଚୟ କରି ହୁଏ ନାହିଁ। ପାହାଡ଼ ଘେରା ଅଞ୍ଚଳରେ ବର୍ଷା ହେଲେ ବର୍ଷା ପାଣି ଓ ଝରଣା ପାଣିକୁ ସଞ୍ଚୟ କରି ରଖିବା ପାଇଁ କୌଣସି ଚେକ୍ ଡ୍ୟାମ୍ ନାହିଁ। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପାଣି ସଞ୍ଚୟ ପାଇଁ କିଛି ବ୍ୟବସ୍ଥା କରାଯାଇଥିଲା ମାତ୍ର ତାହା ବର୍ଷା ଦିନେ ପାହାଡ଼ରୁ ପାଣି ଆସି ଧୋଇ ହୋଇଗଲା। କ୍ଷୁଦ୍ର ଜଳସେଚନ ବିଭାଗ ମୁଣ୍ଡା କୁଟି ସ୍ଥାନରେ ବୃହତ ଚେକ୍ ଡ୍ୟାମ ନିର୍ମାଣ କଲେ ୩ ମୌଜାର ଚାଷୀଙ୍କ ଜଳସେଚନ ସମସ୍ୟା ଦୂର ହୋଇପାରିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

# ପାଇପ୍‌ଲାଇନ ପାଇଁ ପକ୍କାରାସ୍ତା ଖୋଳିଦେଲା ଠିକା କମ୍ପାନୀ

## ତେରବାଡ଼ି, କାଡଶପାଟା ରାସ୍ତା ଶୋଚନୀୟ

ଦାରିଙ୍ଗବାଡି,୨୧।୧(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଶ୍ରୀନିକେତା ପଞ୍ଚାୟତ ଡାବୁଲୁମାହା ଠାରୁ ପର୍ଡମାହା ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ପକ୍କା ରାସ୍ତାକୁ ପାଇପ ବିଛାଇବା ପାଇଁ ଖୋଳି ଦିଆଯାଇଛି। ରାସ୍ତାଖୋଳାକୁ ତେରବାଡି, ଡାବୁଲୁମାହା, କାଡ଼ସପାଟା ଗ୍ରାମବାସୀ ବିରୋଧ କରିଛନ୍ତି।

ଶ୍ରୀନିକେତା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାଇପ ଯୋଗେ ସରକାର ଜଳ ଯୋଗାଣ କରିବା ପାଇଁ ଏକ ମେଗା ପ୍ରକଳ୍ପରେ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାଇପ ବିଛାଉଛନ୍ତି । ଡାବୁଲୁମାହା ଠାରୁ ପର୍ଡମାହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତା ସମ୍ପ୍ରସାରଣ ପରଠାରୁ ମରାମତି କିମ୍ବା ରକ୍ଷଣବେକ୍ଷଣ କରାଯାଇ ନ ଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରୁ ମାଟି ଧୋଇ ଖାଲଖମା ହୋଇଛି । ଏବେ ସେହି ରାସ୍ତା ଖୋଳାଯାଇ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଉଛି। ଫଳରେ ପୂର୍ବ ଅପେକ୍ଷା ରାସ୍ତା ଆହୁରି ଶୋଚନୀୟ ହୋଇପଡିଛି। ଗ୍ରାମବାସୀ ଉକ୍ତ ରାସ୍ତା ଖୋଳାକୁ ପ୍ରତିବାଦ କରିବାରୁ ଠିକା ସଂସ୍ଥାର କର୍ମଚାରୀମାନେ ତାଙ୍କର ବିଭାଗୀୟ ଅନୁମତି ରହିଥିବା କହି ଖୋଳି ପାଇପ ବିଛାଇ ଆଉ ଭଲରେ ପୋତିନାହାନ୍ତି। ଯଦ୍ୱାରା ଯାତାୟାତରେ ଗ୍ରାମବାସୀ ବହୁତ ହଇରାଣ ହେଉଛନ୍ତି। ଏ ନେଇ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂଙ୍କୁ ପଚାରିବାରୁ ସେ ରାସ୍ତା ଖୋଳି ପାଇପ ବିଛାଇବାକୁ କାହାରିକୁ ଅନୁମତି ଦେଇନାହାନ୍ତି, ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟଯେ ୫୯ ନଂ ଜାତୀୟ ରାଜପଥ ର ଡାବୁଲୁମାହା ଠାରୁ ତେରବାଡି, କାଡସପାଟା, ପର୍ଡମାହା, କୋଟଗଡ଼ ବ୍ଲକ ପକାରୀ, ରାଣିପାଙ୍ଗା ଯାତାୟାତ ପାଇଁ ଏକ ମାତ୍ର ରାସ୍ତା। ଦୈନିକ ଶତାଧିକ ଯାତ୍ରୀ ବିଭିନ୍ନ ଗାଡିରେ ଯାତାୟତ କରୁଛନ୍ତି। ତେଣୁ ରାସ୍ତା ଉପରେ ପାଇପ ନ ନେଇ ବିଲ ଭିତରେ ଓ ରାସ୍ତା ଠାରୁ ବହୁ ଦୂରରେ ପାଇପ ବିଛାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

## 'ଜଳବାୟୁ କୁଶଳ କୃଷି' ସ୍ଥାୟିତ୍ୱ ପାଇଁ ନବସୃଜନ ଏବଂ ଗ୍ରହଣ ଶୀର୍ଷକ ଆଲୋଚନା

ପାରଳାଖେମୁଣ୍ଡି,୨୧।୧
(ଗିରିଧାରୀ ପରିଛା)

ଜଳବାୟୁ କୁଶଳ କୃଷି, ସ୍ଥାୟିତ୍ୱ ପାଇଁ ନବସୃଜନ ଏବଂ ଗ୍ରହଣ (ସିଏସ୍‌ଏ:ଆଇଏସ୍ ୨୦୨୫) ଶୀର୍ଷକ ଜାତୀୟ ସମ୍ମିଳନୀ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ, ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମ ଦେଶରୁ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଅଂଶୀଦାରମାନଙ୍କ ପାଇଁ କୃଷି କ୍ଷେତ୍ରରେ ନୂତନତମ ଉଦ୍ଭାବନ ଏବଂ ଜଳବାୟୁ ପରିବର୍ତ୍ତନ ପରିପେକ୍ଷୀରେ ସେସବୁ ଗ୍ରହଣ କରିବାକୁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ପ୍ରଫେସର ଆରସି ଅଗ୍ରୱାଲ, ଡିଡିଜି (ଶିକ୍ଷା) ଆଇସିଏଆର ନୂଆଦିଲ୍ଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଉତ୍ତମ ଫସଲ ବୃଦ୍ଧି ପାଇଁ ନବସୃଜନ ଗ୍ରହଣ କରିବା ପାଇଁ ଯୁବ ମନକୁ ତାଲିମ ଦେବାରେ କୃଷି ଶିକ୍ଷାର ଭୂମିକା ଉପରେ ଆଲୋକପାତ



କରିଥିଲେ। ସେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ପାଇଁ କୃଷି ଶିକ୍ଷାରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ସାଗର ମୈତ୍ର, (ପ୍ରଶାସକ) ଏମଏସ୍ ସ୍ୱାମୀନାଥନ କୃଷି ମହାବିଦ୍ୟାଳୟ ଏବଂ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଅନିତା ପାତ୍ର, ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର କୁଳସଚିବ ନିଜ ଅଭିମତ ରଖିଥିଲେ। ସମ୍ମିଳନୀରେ ଅତିଥିଙ୍କ ଦ୍ୱାରା ସମ୍ମିଳନୀର ସାରାଂଶ ପୁସ୍ତକ ଏବଂ ଅଧ୍ୟାପକ ଓ ଛାତ୍ରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତିନୋଟି ପୁସ୍ତକର ଉନ୍ମୋଚନ ହୋଇଥିଲା। ସମ୍ମିଳନୀର ଆୟୋଜକ ସଚିବ ଡ. ପ୍ରୀତାଭଦ୍ରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗବେଷଣା ସହଯୋଗ ପାଇଁ ଆୟୋଜିତ ସମ୍ମିଳନୀର ଗୁରୁତ୍ୱ ଉପରେ ବର୍ଣ୍ଣନା କରିଥିଲେ।ଆନ୍ଧ୍ର ପ୍ରଦେଶ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଶାନ୍ତ ମହାନ୍ତି, ଧନ୍ୟବାଦଦେଇଥିଲେ।

ସୂଚନାଯୋଗ୍ୟ ଏହି ତିନିଦିନିଆ ସମ୍ମିଳନୀରେ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇ ଜଳବାୟୁ-କୁଶଳ କୃଷି, କୃଷି ୫.୦, ସ୍ଥାୟୀ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପଦ୍ଧତି ଓ କୃଷି ଯାନ୍ତ୍ରିକିକରଣରେ ଉନ୍ନତି ଭଳି ପ୍ରମୁଖ ବିଷୟଗୁଡ଼ିକ ବିସ୍ତାରିତ କରାଯିବ। ଏହା ସହ ଜଳବାୟୁ-ସ୍ଥାପକ ପ୍ରଣାଳୀ ସୃଷ୍ଟି କରିବାରେ ପ୍ରାଣୀପାଳନ, ମତ୍ସ୍ୟପାଳନ ଏବଂ କୃଷି ବନୀକରଣ ଭଳି ସହଯୋଗୀ କ୍ଷେତ୍ରର ଭୂମିକା ଉପରେ ଆଲୋଚନା ହେବ। ଏହି ସମ୍ମିଳନୀ ଜଳବାୟୁର ସମସ୍ୟା, ମୁକାବିଲାରେ ଖାଦ୍ୟ ସୁରକ୍ଷା ଓ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସମାଧାନ ଏବଂ ରଣନୀତି ଉପରେ ଆଲୋଚନା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହେବ।

## ସଂକ୍ଷେପରେ

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରାଜା ହରିହର ମର୍ଦ୍ଦରାଜ ଜୟନ୍ତୀ

ବ୍ରହ୍ମପୁର,୨୧।୧(ସୁବାସ ଚନ୍ଦ୍ର ପାଢ଼ୀ) ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରାଜା ହରିହର ମର୍ଦ୍ଦରାଜ ଜୟନ୍ତୀ ପାଳିତ ହୋଇଯାଇଛି । ଏ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରାଯାଇଥିଲା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତଏହି ସଭାରେ ଖଲ୍ଲିକୋଟ ମହାବିଦ୍ୟାଳୟ ପ୍ରତିଷ୍ଠାରେ ରାଜା ହରିହର ମର୍ଦ୍ଦରାଜ ଙ୍କର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ବରିଷ୍ଠ ପ୍ରାଧ୍ୟାପକ ଡ. ଦୀପକ କୁମାର ମିଶ୍ର ,ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ,କୁଳସଚିବ ଶାନ୍ତି ସୁଧା ପାତ୍ର,ଅଧ୍ୟାପିକା ଡ. ସୁସ୍ମିତା ପଟ୍ଟନାୟକ, ଅଧ୍ୟାପକ ଡ ସମ୍ବିଦ ମିଶ୍ର, ଡ. ସସ୍ମିତା ବଳିୟାର ସିଂ,ଡ. ବିଭୁ ପ୍ରସାଦ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କର୍ମଚାରୀ ତାରିଣୀ ବେହେରା ,ବିଷ୍ଣୁ ପାତ୍ର, ନିହାରିକା ନାୟକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

### ମାର୍ଚ୍ଚ ୨୯ରେ ଗଞ୍ଜାମ ଓକିଲ ସଂଘର ନିର୍ବାଚନ

ବ୍ରହ୍ମପୁର, ୨୧।୧(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଓକିଲ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘ ସଭାପତି ନୟନ ମହାପାତ୍ର ଅଧକ୍ଷତା କରିଥିଲେ। ଓକିଲ ସଂଘର ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି । ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରିଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରା ଯାଇଛି । ଆୟବ୍ୟୟର ହିସାବ କରିବା ପାଇଁ ତ୍ରିପତି ସାହୁଙ୍କୁ ମଧ୍ୟ ମନୋନୀତ କରାଯାଇଛି। ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ କ୍ରମେ ରାଜ୍ୟର ୧୭୦ ଓକିଲ ସଂଘର ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସଂଘ ସଭାପତି ନୟନ ମହାପାତ୍ର ସୂଚନା ଦେଇଛନ୍ତି ।

# ଅନ୍‌ଲାଇନ ଟ୍ରେଡିଂ ନାଁରେ ୧୨ ଲକ୍ଷ ଟଙ୍କା ଠକେଇ

ବ୍ରହ୍ମପୁର,୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଅନଲାଇନ ଟ୍ରେଡିଂ ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୧୨ ଲକ୍ଷ ଟଙ୍କା ଠକେଇ ହୋଇଛି। ଏ ନେଇ ସାଇବର ଥାନାରେ ଅଭିଯୋଗ ପରେ ନଂ. ୭/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ଦିଗପହଣ୍ଡି ଅଞ୍ଚଳର ୪୫ ବର୍ଷୀୟ ଏହି ବ୍ୟକ୍ତିଙ୍କ ହ୍ୱାଟସଆପକୁ ୨୦୨୩ ନଭେମ୍ବର ମାସରେ ଏକ ମେସେଜ ଆସିଥିଲା । ଅନନ୍ୟା ନାମ୍ନୀ ଜଣେ ମହିଳା ଏହି ମେସଜେ କରିଥିବା ବେଳେ ସେ ଏକ ବିଜିନେସ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଜଣାଇଥିଲା । ଅନଲାଇନ ଟ୍ରେଡିଂ ଶିକ୍ଷା ପାଇଁ ଅନଲାଇନ କ୍ଲାସରେ ଯୋଗଦେବାକୁ ଚାହୁଁଛନ୍ତି କି ବୋଲି ପଚାରିବାରୁ ଯୁବକ ଜଣକ ରାଜି ହୋଇଥିଲେ। ପରେ ମହିଳା ଜଣଙ୍କ ତାଙ୍କ ନିକଟକୁ ଏକ ଲିଙ୍କ ପଠାଇଥିଲେ । ସେହି ଲିଙ୍କରେ କ୍ଲିକ କରିବା ପରେ ବ୍ୟକ୍ତି ଜଣଙ୍କ ଓ୍ୱେଥ ବିଲଡର ଗ୍ରୁପ ୱାଇ-୬ ନାମକ ଏକ ଟେଲିଗ୍ରାମ ଗ୍ରୁପରେ ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟା ୮ଟା ବେଳେ ଲାଇଭ କ୍ଲାସରେ ଟ୍ରେଡିଂ ଶିକ୍ଷା ପ୍ରଦାନ କରାଯାଉଥିଲା । କିଛି ଦିନ ଶିକ୍ଷା ନେବା ପରେ ସେହି ଗ୍ରୁପର ସଦସ୍ୟମାନେ ତାଙ୍କୁ ସେହି ବିଜିନେସ ସ୍କୁଲ ଜରିଆରେ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଇଥିଲେ । ପ୍ରତ୍ୟେକ ଦିନ କ୍ଲାସ ପରେ ବ୍ୟକ୍ତିଙ୍କ ନିକଟକୁ ଷ୍ଟକ ଲିମିଟ ବିଷୟରେ କହିବା ସହ କେଉଁ ଷ୍ଟକ କେତେବେଳ କିଣିବ ଓ ବିକିବ ତାହା ମଧ୍ୟ ବତାଉଥିଲେ । ତେବେ ଟ୍ରେଡିଂ ଆକାଉଣ୍ଟ ଖୋଲିଥିବାରୁ ସେ ପ୍ରଥମେ ୨୦ ହଜାର ଟଙ୍କା ନିବେଶ କରିଥିଲେ । ପରେ ୫୦ ହଜାର , କିଛି ଦିନ ପରେ ୭ ଲକ୍ଷ ନିବେଶ କରିଥିଲେ । ଏହି ସ୍କୁଲର ଶିକ୍ଷକ ଓ ଗ୍ରୁପ ଆଡମିନଙ୍କ ପରାମର୍ଶ ମାନି ସେ ବିଭିନ୍ନ କମ୍ପାନୀର ଷ୍ଟକ କିଣିବାକୁ ଲାଗିଥିଲେ । ଏହିପରି ଭାବେ ସେ ୧୫ ଦିନ ଭିତରେ ମୋଟ ୧୧ ଲକ୍ଷ ୭୩ ହଜାର ୮୧୭ ଟଙ୍କା ନିବେଶ କରିଦେଇଥିଲେ । ତେବେ ପ୍ରଥମ କିଛି ଦିନ ତାଙ୍କୁ ୫୦୦୦ ଟଙ୍କା ଉଠାଇବାକୁ କମ୍ପାନୀ ପକ୍ଷରୁ ଅନୁମତି ମିଳିଥିଲା । ହେଲେ ଏହାପରେ ତାଙ୍କୁ ଟଙ୍କା ଉଠାଣ ପାଇଁ ଅନୁମତି ମିଳିନଥିଲା । ଏ ସମ୍ପର୍କରେ ସେ ଅନଲାଇନ ଶିକ୍ଷା ଦେଇଥିବା ସମ୍ପୃକ୍ତ ବିଜିନେସ ସ୍କୁଲର ପ୍ରତିନିଧିଙ୍କ ସହ ବାରମ୍ବାର ଯୋଗାଯୋଗ କରି ବିଫଳ ହେବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

# ସାନଖେମୁଣ୍ଡି ବ୍ଲକ ଅଫିସ ସମ୍ମୁଖରେ ଧାରଣା

## ଖବରଦାତାଙ୍କୁ ପ୍ରବେଶ ମନା ପୋଷ୍ଟର ଲାଗିବା ଘଟଣା

ଦିଗପହଣ୍ଡି/ସାନଖେମୁଣ୍ଡି, ୨୧।୧(ଅଶେଷ ନାଥ ମିଶ୍ର/ ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ଖବରଦାତାଙ୍କୁ ପ୍ରବେଶ ମନା ପୋଷ୍ଟରକୁ ନେଇ ମଙ୍ଗଳବାର ସକାଳେ ବହୁସଂଖ୍ୟକ ଖବରଦାତା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ଟାରେ ଧାରଣାରେ ବସିଥିଲେ। ପରେ ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତାଗିର ଫୋନ୍ ଯୋଗେ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିବା ବ୍ଲକ ଖବରଦାତା ସଂଘ ସମ୍ପାଦକ ସତ୍ୟନାରାୟଣ ପାଢ଼ୀ କହିଛନ୍ତି।

ସୋମବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ପ୍ରକୋଷ୍ଠ କାନ୍ଥରେ ଖବରଦାତାଙ୍କୁ ପ୍ରବେଶ ମନା ପୋଷ୍ଟର ଲାଗିଥିବା ଦେଖିବାକୁ



ମିଳିଥିଲା। ଖବର ପ୍ରଚାର ହେବା ପରେ ସମସ୍ତ ଖବରଦାତା ପାଟପୁରସ୍ଥିତ ଲୋକନାଥେଶ୍ୱର ଶୈବପୀଠରେ ଏକତ୍ରିତ ହୋଇ ବୈଠକ କରିଥିଲେ। ସନ୍ଧ୍ୟାରେ ଏନେଇ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କୁ ଦସ୍ତଖତ ସମ୍ବଳିତ ପ୍ରତିବାଦ ପତ୍ର ପ୍ରଦାନ କରାଯାଇଥିଲା। ପରେ ଖବରଦାତାମାନେ ପାଟପୁର ଥାନାରେ ପହଞ୍ଚି ଗଞ୍ଜାମ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏସ୍‌ଆଇ ହିମାଂଶୁ ପାତ୍ରଙ୍କୁ ଦାବିପତ୍ର ଦେଇଥିଲେ। ମଙ୍ଗଳବାର ରାତିରେ ପୋଷ୍ଟରଗୁଡ଼ିକୁ କେହି ଚିରି ଫୋପାଡି ଦେଇଥିବା ଦେଖିବାକୁ ମିଳିଛି। ସାନଖେମୁଣ୍ଡି ବିଡିଓ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ସହ ଘଟଣା ସମ୍ପର୍କରେ ସବିଶେଷ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ଅପରପକ୍ଷରେ ଖବରଦାତା ପଦ୍ମଚରଣ ପାଣିଗ୍ରାହୀ, ସନ୍ତୋଷ ଦାସ, ପ୍ରଫୁଲ୍ଲ ସାବତ, ଶିବପ୍ରସାଦ ରଥ, ନାରାୟଣ ସେଠୀ, ଶିବରାମ ସ୍ୱାଇଁ ପ୍ରମୁଖ ସାନଖେମୁଣ୍ଡିରେ ଖବରଦାତାମାନଙ୍କୁ କାର୍ଯ୍ୟାଳୟକୁ ଏପରି ମନା କରି ପୋଷ୍ଟର ମାରିବା ଘଟଣାକୁ ନିନ୍ଦା କରିଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାର ଉତ୍ତୋଳନ ମହିଳା ଦଳକୁ ରୌପ୍ୟ ପଦକ

ବ୍ରହ୍ମପୁର,୨୧।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ପଞ୍ଜାବ ସ୍ଥିତ ଲୋଭଲି ପ୍ରଫେସନାଲ ୟୁନିଭରସିଟି ଠାରେ ସୋମବାର ଓ ମଙ୍ଗଳବାର ଉତ୍ତର-ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭାର ଉତ୍ତୋଳନ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରୌପ୍ୟ ପଦକ ହାସଲ କରିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ରିଙ୍କି ନାୟକ ୪୫ କେ.ଜି ବର୍ଗରେ ଭାଗ ନେଇଥିଲେ । ସେ ସ୍ନାଚରେ ୬୩ କେ. ଜି ଏବଂ ଜାର୍କ ରେ ୮୧ କେ. ଜି ମୋଟ ୧୪୪ କେ. ଜି ଭାର ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିବା କ୍ରୀଡ଼ା ପରିଷଦ ପକ୍ଷରୁ ସୂଚନା ମିଳିଛି ।

### ପାର୍ସଲ ସଂସ୍ଥାରେ ଚଢାଉ
### ଗଞ୍ଜେଇ ଜବତ, ଦିଲ୍ଲୀ ଚାଲାଣ ହେଉଥିଲା

ବ୍ରହ୍ମପୁର, ୨୧।୧(ସୁବାସ ଚନ୍ଦ୍ର ପାଢ଼ୀ)

କନ୍ଧମାଳ ଓ ଗଜପତିରୁ ଗଞ୍ଜେଇ ବ୍ରହ୍ମପୁର ଆସି ଏଠାରେ ମହଜୁଦ ରଖି ସୁବିଧା ସୁଯୋଗ ଦେଖି ମାଫିଆ ମାନେ ବିଭିନ୍ନ ରାଜ୍ୟକୁ ଚାଲାଣ କରୁଛନ୍ତି। ବ୍ରହ୍ମପୁରକୁ ସେମାନେ ଗଞ୍ଜେଇ ଚାଲାଣର ହବ ବନାଇଛନ୍ତି। ବୈଦ୍ୟନାଥପୁର ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୃଷ୍ଣନଗରରେ ଥିବା ଏକ ପାର୍ସଲ କାର୍ଯ୍ୟାଳୟରେ ଚଢଉ କରିଛି। ସେଠାରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଦୁଇଜଣ କର୍ମଚାରୀଙ୍କୁ ପୋଲିସ ସେଠାରୁ କାବୁ କରି ଥାନାକୁ ଆଣି ପଚରାଉଚରା କରୁଛି। ସେଠାକୁ ଗଞ୍ଜେଇ କିଏ ଆଣି ପାର୍ସଲ ଜରିଆରେ ଚାଲାଣ କରୁଥିଲା ସେ ନେଇ ପୋଲିସ ଖୋଳତାଡ କରୁଛି। ପ୍ରାଥମିକ ତଦନ୍ତରୁ ଉକ୍ତ ଗଞ୍ଜେଇ ଦିଲ୍ଲୀ ଚାଲାଣ ହେଉଥିଲା ବୋଲି ଜଣାପଡିଛି।

# ଟିପିଏସ୍‌ଓଡିଏଲର ସଡ଼କ ସୁରକ୍ଷା ସଚେତନତା

ବ୍ରହ୍ମପୁର,୨୧।୧(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ ପକ୍ଷରୁ ସଡକ ସୁରକ୍ଷା ସଚେତନତା ଅଭିଯାନ ଚାଲିଛି। ଗତ ୧ରୁ ୩୧ ତାରିଖ ଯାଏଁ ମାସ ବ୍ୟାପୀ ଅଭିଯାନ ଜାରି ରହିବ। ସଡକ ସୁରକ୍ଷା ପଦଯାତ୍ରା, ସଚେତନତା କାର୍ଯ୍ୟକ୍ରମ, ଡିଫେନ୍ସିଭ ଡ୍ରାଇଭିଂ ତାଲିମ ଓ ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ଟିପିଏସଓଡିଏଲ ରକ୍ତଦାନ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହନ କରୁଛି। ନିକଟରେ ଜୟପୁର ସ୍ଥିତ ଉପଭୋକ୍ତା ସଂପର୍କ କେନ୍ଦ୍ର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା କଂପାନୀ ପକ୍ଷରୁ ଭଞ୍ଜନଗର, ବୌଦ୍ଧ, ଫୁଲବାଣୀ ଓ ବ୍ରହ୍ମପୁରରେ ସଡକ ସୁରକ୍ଷା ପଦଯାତ୍ରା ସହ ସମସ୍ତ ୧୯ ବିଦ୍ୟୁତ ଡିଭିଜନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି ପଦକ୍ଷେପରେ ଲୋକେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ। ହେଲମେଟ ପିନ୍ଧିବା, ସିଟ ବେଲ୍ଟ ବ୍ୟବହାର ଓ ସଡକ ସୁରକ୍ଷା ନିୟମାବଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ସୁରକ୍ଷା ହେଉଛି ଜୀବନର ଏକ ପ୍ରମୁଖ ଦିଗ। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କ ପାଖରେ ପହଂଚି ସେମାନଙ୍କୁ ସଡକ ସୁରକ୍ଷା ସଂପର୍କରେ ସଚେତନତା ଓ ଦାୟିତ୍ୱବାନ ଭାବେ ଗାଡି ଚଳାଇବା ପାଇଁ ଉତ୍ସାହିତ କରାଯାଉଛି ବୋଲି ସେ କହିଛନ୍ତି।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ମୁରଲୀ



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୧।୧(ସ୍ମୃତି ରଞ୍ଜନ ମହାଲିକ)- ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ରକ୍ତଦାନ ଶିବିର ସହ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରି ଜନ୍ମଦିନ ପାଳନ କରିଛନ୍ତି। ରାଧାକୃଷ୍ଣ ବଣିକ ସଂଘ, ଫ୍ରେଣ୍ଡସ ଫର ଏଭର ଗ୍ରୁପ ଓ ଶଙ୍କର ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ତୁଳସୀ ନଗର ମୁଖ୍ୟ ରାସ୍ତାରେ ସୋମବାର ଶିବିର ଆୟୋଜିତ ହୋଇଥିଲା। ଏଥିମରେ ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର ମଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ ଜିଲା ବିଜେଡି ସଭାପତି ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, ମୁରଲୀଙ୍କ ମା ଆର ସାବିତ୍ରୀ ଓ ସମାଜସେବୀ ଅରକ୍ଷିତ ଜେନା ଯୋଗ ଦେଇଥିଲେ। ଶିବିରରେ ୩୨୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିସହ ୯୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ୧୬ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୩୮ ଜଣଙ୍କର ଅସ୍ତ୍ରୋପଚାର ପାଇଁ ଡାକ୍ତରଖାନା ପଠାଯାଇଥିଲା। ୧୫ ନଂ ୱାର୍ଡ ଅନ୍ତର୍ଗତ ଆଖପାଖ ଅଂଚଳର ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ହୃଦରୋଗ, ସ୍ନାୟୁ ରୋଗ, ଅସ୍ଥି ଶଲ୍ୟ, ମଧୁମେହ ଓ ରକ୍ତ ଚାପ ପରୀକ୍ଷା କରାଯାଇଥିଲା।



# କ୍ୟାପିଟୋଲ ଦଙ୍ଗାକାରୀଙ୍କୁ କ୍ଷମାଦେଲେ ଟ୍ରମ୍ପ୍

## ଡବ୍ଲ୍ୟୁଏଚ୍‌ଓ, ପ୍ୟାରିସ୍ ଚୁକ୍ତିରୁ ଓହରିଲା ଆମେରିକା

ୱାଶିଂଟନ,୨୧ା୧

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବାର କିଛି ଘଣ୍ଟା ପରେ ଦାୟିତ୍ୱ ଗ୍ରହଣ କରିବା ସହ କେତେଗୁଡ଼ିଏ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଏହି ନିର୍ଦ୍ଦେଶନାମାଗୁଡ଼ିକ ମଧ୍ୟରେ ରହିଛି କ୍ୟାପିଟୋଲ ଦଙ୍ଗାକାରୀଙ୍କୁ କ୍ଷମା, ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରୁ ୱାଶିଂଟନ ଦ୍ୱିତୀୟ ଥର ପାଇଁ ଓହରିବା, ଟିକ୍‌ଟକ୍ ବ୍ୟାନ୍ ସମୟସୀମାକୁ ୭୫ ଦିନ ଘୁଞ୍ଚାଇବା ଏବଂ ବାଇଡେନ୍‌ଙ୍କ ଶାସନ କାଳରେ କାର୍ଯ୍ୟକାରୀ ହୋଇଥିବା ୭୮ଟି ପଦକ୍ଷେପକୁ ରଦ୍ଦ।

ୱାଶିଂଟନ ଡିସିର କ୍ୟାପିଟାଲ ୱାନ୍ ଏରେନାରେ ସମର୍ଥକମାନଙ୍କ ସମ୍ମୁଖରେ ଟ୍ରମ୍ପ୍ ୮ଟି ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିବାବେଳେ ଓଭାଲ ଅଫିସରୁ ଫେରିବା ପରେ ଆଉ କେତେକ ଦସ୍ତାବିଜ୍‌ରେ ଦସ୍ତଖତ କରିଛନ୍ତି। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ପରାଜିତ ହେବା ପରେ ୨୦୨୧ ଜାନୁଆରୀ ୬ରେ କ୍ୟାପିଟୋଲ ହିଲ୍‌ରେ ତାଙ୍କ ସମର୍ଥକମାନେ ଦଙ୍ଗା ସୃଷ୍ଟି କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ତଥା ଦୋଷୀସାବ୍ୟସ୍ତ ୧,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟ୍ରମ୍ପ୍ କ୍ଷମା ଦେଇଛନ୍ତି। ସେମାନେ ଖୁବ୍‌ଶୀଘ୍ର ମୁକୁଳିବେ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହା ବ୍ୟତୀତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ରୁ



ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରି ସମର୍ଥକଙ୍କୁ ଦେଖାଉଛନ୍ତି।

ଆମେରିକା ଓହରିଯିବା ପାଇଁ ଏକ ନିର୍ଦ୍ଦେଶନାମାରେ ଟ୍ରମ୍ପ୍ ସ୍ୱାକ୍ଷର କରିଛନ୍ତି। ସାମରିକ ଏବଂ ଅଳ୍ପ କେତେକ ଅତ୍ୟାବଶ୍ୟକ କ୍ଷେତ୍ରରେ ନିଯୁକ୍ତିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ କ୍ଷେତ୍ରରେ ସଂଘୀୟ ନିଯୁକ୍ତିକୁ ରଦ୍ଦ କରାଯାଇଛି। ୱାର୍କ ଫ୍ରମ୍ ହୋମ୍ ବା ଘରୁ କାର୍ଯ୍ୟ କରିବା ପରମ୍ପରାକୁ ବନ୍ଦ କରାଯାଇଛି। ଏଣିକି ସଂଘୀୟ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସି ପୂର୍ଣ୍ଣକାଳୀନ କାର୍ଯ୍ୟ କରିବେ। ବ୍ୟୟ ସଙ୍କଟ ହ୍ରାସ କରିବାକୁ ପ୍ରତ୍ୟେକ ବିଭାଗ ଓ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ପ୍ରଶାସନର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ସରକାରଙ୍କୁ ଅସ୍ତ୍ର କରିବା ବ୍ୟବସ୍ଥାର ଅନ୍ତ ଘଟାଇବା ପାଇଁ ଉଦ୍ଦିଷ୍ଟ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ରାଷ୍ଟ୍ରପତି ଟ୍ରମ୍ପ୍ ସ୍ୱାକ୍ଷର କରିଛନ୍ତି।

ଆମେରିକାରେ ବେଆଇନ ଭାବେ ପ୍ରବେଶ କରି ରହିଯାଇଥିବା ପ୍ରବାସୀମାନଙ୍କ ପାଇଁ କଠୋର କଟକଣା ଘୋଷଣା କରାଯାଇଛି। ଆମେରିକା-ମେକ୍ସିକୋ ସୀମାକୁ ସୈନ୍ୟ ପଠାଯିବ। ଜନ୍ମସିଦ୍ଧ ଅଧିକାର ନାଗରିକତ୍ୱକୁ ବନ୍ଦ କରାଯିବାକୁ ଉଦ୍ୟମ ହେଉଛି। ଦକ୍ଷିଣ ସୀମାରେ ଟ୍ରମ୍ପ୍ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି।

## ଜନ୍ମସିଦ୍ଧ ଅଧିକାର ନାଗରିକତ୍ୱ ରଦ୍ଦ ହେଲେ ଭାରତୀୟ ପ୍ରଭାବିତ ହେବେ

ଆମେରିକାରେ ଜନ୍ମସିଦ୍ଧ ଅଧିକାର ନାଗରିକତ୍ୱ ରଦ୍ଦ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ବେଆଇନ ଆପ୍ରବାସନ ଏବଂ ଜନ୍ମ ପର୍ଯ୍ୟଟନ ରୋକିବା ଏହାର ଲକ୍ଷ୍ୟ। ଆମେରିକାର ନାଗରିକ ନ ଥିବା ମାଆବାପାଙ୍କଠାରୁ ଜନ୍ମିତ ପିଲାଙ୍କୁ ଆମେରିକୀୟ ନାଗରିକତ୍ୱ ମିଳୁଥିବାବେଳେ ତାହାର ଅନ୍ତ ହେବାକୁ ଯାଉଛି। ମାଆବାପାଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଆମେରିକାର ନାଗରିକ ହୋଇଥିଲେ, ଆଇନଗତ ଭାବେ ସ୍ଥାୟୀ ବାସିନ୍ଦା (ଗ୍ରୀନ୍‌କାର୍ଡ ଧାରକ) ହୋଇଥିଲେ କିମ୍ବା ଆମେରିକା ସେନାର ସଦସ୍ୟ ହୋଇଥିଲେ, ସେମାନଙ୍କଠାରୁ ଜନ୍ମିତ ପିଲାଙ୍କୁ ନାଗରିକତ୍ୱ ମିଳିବ ବୋଲି ଅର୍ଡରରେ କୁହାଯାଇଛି।। ଭାରତ ଓ ଚାଇନା ଭଳି ଦେଶରୁ ବହୁ ସଂଖ୍ୟାରେ ପ୍ରବାସୀ ଆମେରିକାରେ ରହୁଥିବାବେଳେ ସେମାନେ ନିଜର ଫାଇଦା ପାଇଁ ଜନ୍ମସିଦ୍ଧ ଅଧିକାର ବ୍ୟବସ୍ଥାର ଦୁରୁପଯୋଗ କରୁଥିବା ଟ୍ରମ୍ପ୍ ଯୁକ୍ତି ଦର୍ଶାଇଛନ୍ତି। ଫଳରେ ଆମେରିକାରେ ଜନ୍ମିତ ଅନ୍ୟ ଦେଶର ନାଗରିକଙ୍କ ପିଲାମାନଙ୍କୁ ଆଉ ଆମେରିକୀୟ ନାଗରିକତ୍ୱ ମିଳିବ ନାହିଁ। ଫଳରେ ଭାରତ ସମେତ ବିଭିନ୍ନ ଦେଶରୁ ସେଠାରେ ଥିବା ଲୋକେ ପ୍ରଭାବିତ ହେବେ ବୋଲି କୁହାଯାଉଛି। ଆମେରିକାରେ ଭାରତୀୟ-ଆମେରିକୀୟଙ୍କ ସଂଖ୍ୟା ସର୍ବାଧିକ ବଢୁଥିବାବେଳେ ଉପରୋକ୍ତ ପରିବର୍ତ୍ତନ ଦ୍ୱାରା ସେମାନେ ପ୍ରଭାବିତ ହେବେ। ୨୦୨୪ର ରିପୋର୍ଟ ଅନୁଯାୟୀ ଆମେରିକାରେ ୫୪ ଲକ୍ଷ ଭାରତୀୟ-ଆମେରିକୀୟ ରହିଛନ୍ତି, ଯାହାକି ସେଠାର ମୋଟ ଜନସଂଖ୍ୟାର ୧.୪୭ ପ୍ରତିଶତ। ସେଥିରୁ ଦୁଇ-ତୃତୀୟାଂଶ ଆପ୍ରବାସୀ ହୋଇଥିବାବେଳେ ୩୪ ପ୍ରତିଶତ ଆମେରିକାରେ ଜନ୍ମିତ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଟ୍ରମ୍ପ୍ ସ୍ୱାକ୍ଷର କରିଥିବା ନିର୍ଦ୍ଦେଶନାମା ଆଇନଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରେ। କାରଣ ସାମ୍ବିଧାନିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ, ଯାହା ଚ୍ୟାଲେଞ୍ଜ ଏବଂ କଷ୍ଟକର ହେବ। ଏଥିପାଇଁ ଉଭୟ ହାଉସ୍ ଏବଂ ସିନେଟରୁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଭୋଟ ଆବଶ୍ୟକ। ନୂଆ ସିନେଟ୍‌ରେ ଡେମୋକ୍ରାଟ୍ ସଦସ୍ୟଙ୍କ ସଂଖ୍ୟା ୪୭ ହୋଇଥିବାବେଳେ ରିପବ୍ଲିକାନ୍ ସଦସ୍ୟ ସଂଖ୍ୟା ୫୩ ରହିଛି। ସେହିପରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଡେମୋକ୍ରାଟଙ୍କ ସଂଖ୍ୟା ୨୧୫ ଏବଂ ରିପବ୍ଲିକାନ୍‌ସଦସ୍ୟଙ୍କ ସଂଖ୍ୟା ୨୨୦ ଅଛି। ସମ୍ବିଧାନ ସଂଶୋଧନ କରାଇବାରେ ଏହା ପ୍ରତିବନ୍ଧକ ସୃଷ୍ଟି କରିବ।

## ଡିଓଜିଇ ଛାଡ଼ିଲେ ବିବେକ ରାମସ୍ୱାମୀ



ୱାଶିଂଟନ,୨୧ା୧

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର କିଛି ଘଣ୍ଟା ପରେ ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗୀ ବିବେକ ରାମସ୍ୱାମୀ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ)ରୁ ଅପ୍ରତ୍ୟାଶିତ ଭାବେ ଇସ୍ତଫା ଦେଇଛନ୍ତି। ସରକାରୀ ବିଭାଗଗୁଡ଼ିକର ଦକ୍ଷତା ବଢ଼ାଇବା ପାଇଁ ଟ୍ରମ୍ପ୍ ଡିଓଜିଇ ଗଠନ କରିବା ସହ ବିଲିୟନେୟାର ଏଲନ୍ ମସ୍କ ଏବଂ ରାମସ୍ୱାମୀଙ୍କୁ ଏହାର ନେତୃତ୍ୱ ଦେଇଥିଲେ। ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ହେବାରେ ବିଫଳ ହୋଇଥିବା ୩୯ ବର୍ଷୀୟ ରାମସ୍ୱାମୀ ଓହିଓର ଗଭର୍ନର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ଯୋଜନା ରଖିଥିବା ସୂଚନା ଦେଇଛନ୍ତି। ଡିଓଜିଇ ଗଠନରେ ସହାୟତା କରିବାର ସମ୍ମାନ ମିଳିଥିଲା। ତେବେ ଏଲନ ଓ ତାଙ୍କ ଟିମ୍ ସରକାରୀ କଳକୁ ସୁଧାରିବାରେ ସଫଳ ହେବେ ବୋଲି ରାମସ୍ୱାମୀ ଦୃଢ଼ୋକ୍ତି କରିଛନ୍ତି। ଆମେରିକାକୁ ପୁଣି ଥରେ ମହାନ୍ କରିବାରେ ଆମେ ସମସ୍ତେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ସହାୟତା କରିବୁ ବୋଲି ସେ ଏକ୍ସ'ରେ ଲେଖିଛନ୍ତି।

**ସଂକ୍ଷେପରେ**

## ତାଇୱାନରେ ଭୂକମ୍ପ: ୨୭ ଆହତ

ତାଇପେଇ, ୨୧ା୧

ଦକ୍ଷିଣ ତାଇୱାନରେ ମଙ୍ଗଳବାର ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୪ ରେକର୍ଡ ହୋଇଥିବା ନେଇ ୟୁଏସ୍ ଜିଓଲୋଜିକାଲ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ତାଇୱାନର ଚିଆଇ କାଉଣ୍ଟି ହଲ୍‌ରୁ ୩୮ କିଲୋମିଟର ଦକ୍ଷିଣ ପୂର୍ବ ଦିଗରେ ୧୦ କି.ମି. ଗଭୀରତାରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ତେବେ ଏହି ଭୂକମ୍ପରେ ୨୭ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ତାଇୱାନର ଅଗ୍ନିଶମ ବିଭାଗ ସୂଚନା ଦେଇଛି। ଦେଶର ଚିଆଇ ଓ ତୈନାନ ସହରରେ ଛୋଟରୁ ମଧ୍ୟମ ଧରଣର କ୍ଷୟକ୍ଷତି ହୋଇଥିବା ନେଇ ସ୍ଥାନୀୟ ପ୍ରଶାସନ ସୂଚନା ଦେଇଛି।

## ଶମ୍ଭଲରେ ପୋଲିସ ନିର୍ଯାତନାରୁ ହାଜତ ମୃତ୍ୟୁ ଅଭିଯୋଗ

ଶମ୍ଭଲ, ୨୧ା୧

ଉତ୍ତରପ୍ରଦେଶର ଶମ୍ଭଲ ଜିଲା ରାୟା ସତ୍ତି ଥାନାରେ ପୋଲିସ ହାଜତରେ ଜଣେ ବ୍ୟକ୍ତିଙ୍କର ସନ୍ଦିଗ୍ଧ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ଜିଲାର ଖଗ୍ଗୁ ସରାୟ ନିବାସୀ ଇର୍‌ଫାନ ବୋଲି ଜଣାପଡ଼ିଛି। ତେବେ ପୋଲିସ ଔଷଧ ନେବାକୁ ଇର୍‌ଫାନଙ୍କୁ ବାରଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହାସହ ହାଜତ ମଧ୍ୟରେ ଇର୍‌ଫାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ ଶମ୍ଭଲର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) କୃଷ୍ଣ କୁମାର ନିରାଧାର ବୋଲି କହିଛନ୍ତି। ଇର୍‌ଫାନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୃଷ୍ଣ କୁମାର କହିଛନ୍ତି।

## ବେତନ କମିଶନ ସୁପାରିସ କାର୍ଯ୍ୟକାରତା କମିଟି ଗଠନ ପାଇଁ ହାଇକୋର୍ଟଙ୍କୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧ା୧

ଦ୍ୱିତୀୟ ଜାତୀୟ ବିଚାରପତି ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ନେଇ ଜିଲାର ବିଚାରବିଭାଗୀୟ ଅଧିକାରୀମାନଙ୍କ ଆପତ୍ତି ଅଭିଯୋଗର ସମାଧାନ କରିବାକୁ ତୁରନ୍ତ କମିଟି ଗଠନ କରିବା ନିମନ୍ତେ ସୁପ୍ରିମକୋର୍ଟ ମଙ୍ଗଳବାର ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷେ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ଅଧିକାଂଶ ହାଇକୋର୍ଟ କମିଟି ଗଠନ କରି ନ ଥିବା ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ଜଣାଇଥିଲେ। ଫଳରେ ଜଷ୍ଟିସ୍ ବି.ଆର୍. ଗଭାଇ, ଅଗଷ୍ଟାଇନ୍ ଜର୍ଜ ମସିହ ଏବଂ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ସମସ୍ତ ହାଇକୋର୍ଟଙ୍କୁ ୨ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଣ୍ଡାଦେଶ ବିରୋଧରେ ଅପିଲ୍ କରିପାରିବେ ପଶ୍ଚିମବଙ୍ଗ ସରକାର




**ଆର୍.ଜି. କର ମାମଲାରେ ହାଇକୋର୍ଟଙ୍କ ଅନୁମତି**

କୋଲକାତା,୨୧ା୧

ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ମହିଳା ଟ୍ରେନିଡାକ୍ତରଙ୍କୁ ବଳାତ୍କାର ଏବଂ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ସଞ୍ଜୟ ରାୟଙ୍କୁ ସିଆଲଦାର ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିବାବେଳେ ଏହାର ବିରୋଧରେ ପଶ୍ଚିମବଙ୍ଗ ସରକାର ଅପିଲ୍ କରିପାରିବେ। କୋଲ୍‌କାତା ହାଇକୋର୍ଟ ମଙ୍ଗଳବାର ଏଥିପାଇଁ ଅନୁମତି ଦେଇଛନ୍ତି। ସଞ୍ଜୟଙ୍କୁ ମୃତ୍ୟୁଦଣ୍ଡ ପାଇଁ ନିବେଦନ କରି ପିଟିଶନ ଦାଏର କରିବାକୁ ଆଡଭୋକେଟ୍ ଜେନେରାଲ କିଶୋର ଦତ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ସେ ହାଇକୋର୍ଟଙ୍କ ଅନୁମତି ଚାହିଁଥିଲେ।

ସଞ୍ଜୟଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସିବିଆଇ ପକ୍ଷରୁ ଦାବି ହୋଇଥିବାବେଳେ ମାମଲା ବିରଳରୁ ବିରଳତମ ବର୍ଗରେ ଆସୁନାହିଁ ବୋଲି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅନିର୍ବାଣ ଦାସ କହିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହିତ ୫୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୃତା ଡାକ୍ତରଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ବିଚାରପତି ପଶ୍ଚିମବଙ୍ଗ ସରକାରଙ୍କୁ କହିଥିଲେ। ଦଣ୍ଡାଦେଶକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। କୋଲକାତା ପୋଲିସଠାରୁ ଏହି ମାମଲାକୁ ଛଡ଼ାଇ ନିଆଯାଇ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ପୋଲିସ ତଦନ୍ତ କରିଥିଲେ, ଅପରାଧୀଙ୍କୁ ନିଶ୍ଚୟ ଫାଶୀଦଣ୍ଡ ମିଳିଥାନ୍ତା ବୋଲି ମମତା କହିଥିଲେ। ସିଆଲଦା କୋର୍ଟଙ୍କ ରାୟକୁ ରାଜ୍ୟ ସରକାର କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ସେ ସୂଚନା ଦେଇଥିଲେ।

## 'ଏଆଇ ଯୋଗୁ ଭାରତର ୨୬% ଶ୍ରମଶକ୍ତି ପ୍ରଭାବିତ ହେବ'

ଡାଭୋସ୍,୨୧ା୧

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଯୋଗୁ ଭାରତର ସମସ୍ତ ଶିଳ୍ପ ଏବଂ ସେକ୍ଟରଗୁଡ଼ିକରେ ନିୟୋଜିତ ଶ୍ରମଶକ୍ତିର ପ୍ରାୟ ୨୬ ପ୍ରତିଶତ ନିଯୁକ୍ତି ହରାଇବା ସମ୍ଭାବନା ରହିଛି। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ଚାଲିଥିବା ବିଶ୍ୱ ଅର୍ଥନୀତି ଫୋରମ୍‌ରେ ଯୋଗଦେବା ଅବସରରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ଉପପରିଚାଳନା ନିର୍ଦ୍ଦେଶିକା ଗୀତା ଗୋପୀନାଥ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଏହା କହିଛନ୍ତି। ଏଆଇ ଉପଯୋଗ ଦ୍ୱାରା ଶ୍ରମବଜାର ନିଶ୍ଚିତ ପ୍ରଭାବିତ ହେବ। ତେବେ ଏହାକୁ ସମ୍ପୂର୍ଣ୍ଣ ଭାବେ ନିରାଶା ଏବଂ ଅନିଷ୍ଟ ବୋଲି କୁହାଯାଇପାରିବ ନାହିଁ। କାରଣ ଏଆଇ ଉପଯୋଗ ଦ୍ୱାରା ଉକ୍ତ ନିଯୁକ୍ତିର ୧୪ ପ୍ରତିଶତ ଉପକୃତ ହେବେ। ତେଣୁ କେବଳ ୧୨ ପ୍ରତିଶତ ଛଟେଇ ଦ୍ୱାରା ପ୍ରଭାବିତ ହେବେ ବୋଲି ଗୋପୀନାଥ କହିଛନ୍ତି।



ଗୀତା ଗୋପୀନାଥ

## ହୋଟେଲରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ନୌ, ୨୧ା୧

ଲକ୍ଷ୍ନୌର ଚିନ୍‌ହଟ୍‌ସ୍ଥିତ ଏକ ହୋଟେଲରୁ ମଙ୍ଗଳବାର ନିଲେଶ ଭଣ୍ଡାରୀ ନାମକ ଜଣେ ବ୍ୟବସାୟୀଙ୍କ ମୃତଦେହ ଜବତ ହୋଇଛି। ନିଲେଶ ରାଜସ୍ଥାନର ମୂଳ ନିବାସୀ ହୋଇଥିବାବେଳେ ସେ ବେଙ୍ଗାଲୁରୁରେ ରହି ବ୍ୟବସାୟ କରୁଥିଲେ। ୨ ଦିନ ତଳେ ସେ ନିଜ ଗର୍ଲଫ୍ରେଣ୍ଡଙ୍କ ସହ ଉକ୍ତ ହୋଟେଲକୁ ଆସି ରହିଥିଲେ।

## ୬ ଦିନ ପରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ସୈଫ୍

ମୁମ୍ବାଇ, ୨୧ା୧

ମୁମ୍ବାଇର ବାନ୍ଦ୍ରାସ୍ଥିତ ନିଜ ଘରେ ଛୁରି ଆକ୍ରମଣର ଶିକାର ହେବାର ୬ ଦିନ ପରେ ଅଭିନେତା ସୈଫ୍ ଅଲୀ ଖାନ୍ ମୁମ୍ବାଇର ଲୀଳାବତି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ତାଙ୍କୁ ଘରକୁ ଆଣିବା ପାଇଁ ସ୍ତ୍ରୀ ତଥା ଅଭିନେତ୍ରୀ କରୀନା କପୁର ଖାନ୍ ଲୀଳାବତି ହସ୍ପିଟାଲରେ ପହଞ୍ଚିଥିଲେ। ମଙ୍ଗଳବାର ଅପରାହ୍ନ ୪ଟା ୪୫ ସମୟରେ ହସ୍ପିଟାଲରୁ ବାନ୍ଦ୍ରାସ୍ଥିତ ନିଜ ବାସଭବନ ଅଭିମୁଖେ ସୈଫ୍ ବାହାରିଥିଲେ। ତାଙ୍କ ବାମହାତରେ ଏକ କଳା ବ୍ୟାଣ୍ଡ ବନ୍ଧା ହୋଇଥିଲା। କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ସୈଫ୍‌ଙ୍କୁ ତାଙ୍କ ଘରକୁ ଅଣାଯାଇଥିଲା। ତେବେ ସୈଫ୍‌ଙ୍କୁ ଆହୁରି ସପ୍ତାହେ ଯାଏ ବିଶ୍ରାମ କରିବାକୁ ପଡ଼ିବ ବୋଲି ଡାକ୍ତର କହିଛନ୍ତି। ସୈଫ ଘରେ ପହଞ୍ଚିବା ପରେ ତାଙ୍କ ବାସଭବନର ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ସେଠାରେ ସିସିଟିଭି କ୍ୟାମେରା ଲଗାଯାଇଛି।



ସୈଫ୍‌ଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମଙ୍ଗଳବାର ସକାଳେ ମୁମ୍ବାଇ ପୋଲିସ ସୈଫ୍‌ଙ୍କ ଘରେ ସିନ୍ ରି-କ୍ରିଏଟ୍ କରିଥିଲା। ଅନ୍ୟପକ୍ଷରେ ସୈଫ୍‌ଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରିମାଣ୍ଡରେ ଥିବା ବାଂଲାଦେଶୀ ନାଗରିକ ଶରୀଫୁଲ ଇସ୍‌ଲାମ ଶହଜାଦ(୩୦) ୭ ମାସ ତଳେ ବାଂଲାଦେଶରୁ ଭାରତକୁ ବେଆଇନ ଭାବେ ଦାଓକୀ ନଦୀ ଦେଇ ଆସିଥିଲେ ବୋଲି ମଙ୍ଗଳବାର ମୁମ୍ବାଇ ପୋଲିସ ସୂଚନା ଦେଇଛି। ଶରୀଫୁଲ ପଶ୍ଚିମବଙ୍ଗରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଆଧାର କାର୍ଡକୁ ବ୍ୟବହାର କରି ନିଜ ପାଇଁ ସିମ୍ କିଣିଥିବା ପୋଲିସ କହିଛି।

**ଫୁରସତ୍**

## କୋଟିପତି ସଫେଇ କର୍ମଚାରୀ

ଲଣ୍ଡନ

ବ୍ରିଟେନ୍‌ର କାର୍ଲିସ୍ଲେରେ ରହୁଥିବା ଜେମ୍ସ କ୍ଲାର୍କସନ(୨୦) ୭.୫ ମିଲିୟନ ପାଉଣ୍ଡ (ପ୍ରାୟ ୮୦ କୋଟି ଟଙ୍କା)ର ଲଟେରି ଜ୍ୟାକ୍‌ପଟ ଜିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଗତ କ୍ରିସ୍‌ମସ୍ ସମୟରେ ନ୍ୟାଶନାଲ ଲଟେରିରେ ଜେମ୍ସ ୧୨୦ ପାଉଣ୍ଡ (୧୨,୬୭୬ ଟଙ୍କା) ଜିତିଥିଲେ ଏବଂ ଉକ୍ତ ଅର୍ଥରେ ସେ ଆଉ ଏକ ଲଟେରି ଟିକେଟ କିଣି ୮୦ କୋଟି ଟଙ୍କା ହାତେଇଛନ୍ତି। ତେବେ ୮୦ କୋଟି ଟଙ୍କାର ମାଲିକ ହେବା ପରେ ମଧ ଜେମ୍ସ ନିଜ ବୃତ୍ତିକୁ ଭୁଲିନାହାନ୍ତି ଏବଂ ପୂର୍ବପରି ସେ ପ୍ରତିଦିନ ସକାଳେ ନିଜର ଡ୍ରେନ୍ ସଫା କାର୍ଯ୍ୟକୁ ଜାରି ରଖିଛନ୍ତି।

ଜେମ୍ସ କହିଛନ୍ତି, ଯେତେବେଳେ ସେ ୮୦ କୋଟି ଟଙ୍କାର ଲଟେରି ଜିତିଛନ୍ତି ବୋଲି ଜାଣିଲେ ତାଙ୍କୁ ପ୍ରଥମେ ବିଶ୍ୱାସ ହୋଇ ନ ଥିଲା। ଏହା ତାଙ୍କ ପାଇଁ ଏକ ସ୍ୱପ୍ନ ସଦୃଶ ଥିଲା ବୋଲି ଜେମ୍ସ କହିଛନ୍ତି। ସେ ଏହାପରେ ନିଜ ପରିବାର ଓ ଗର୍ଲଫ୍ରେଣ୍ଡଙ୍କୁ ଏହି ଖୁସିଖବର ଜଣାଇଥିଲେ। କୋଟିପତି ହୋଇଥିବା ଖୁସିରେ ତାଙ୍କ ଘରେ ଭୋଜିର ଆୟୋଜନ ହୋଇଥିଲା ବୋଲି ଜେମ୍ସ କହିଛନ୍ତି।


ତେବେ ସମ୍ପ୍ରତି ଡ୍ରେନ୍ ସଫେଇ କର୍ମଚାରୀ ଭାବେ ସେ ନିଜ ବୃତ୍ତିକୁ ଛାଡ଼ିବେ ନାହିଁ ବୋଲି ଜେମ୍ସ କହିଛନ୍ତି। ଏବେ ତାଙ୍କର ବୟସ ଖୁବ୍ କମ୍। ଲଟେରି ଜିତି କୋଟିପତି ହେବାର ଅର୍ଥ ନୁହେଁ, ସେ ତାଙ୍କ କାମ ଛାଡ଼ିଦେବେ ବୋଲି ଜେମ୍ସ କହିଛନ୍ତି। ୮୦ କୋଟି ଟଙ୍କାର ଲଟେରି ଜିତିବାର ଠିକ୍ ପରଦିନ ସେ ଶୀତରେ ଠିଆ ହୋଇ ଡ୍ରେନ୍ ସଫା କରୁଥିବାର ନଜରକୁ ଆସିଥିଲେ। ଜଣେ ସଫେଇ କର୍ମଚାରୀ ଭାବେ ସହରକୁ ସଫାସୁତୁରା ରଖିବା ହେଉଛି ତାଙ୍କର ବାସ୍ତବତା। ସେ ଏହି ବାସ୍ତବତାକୁ ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ ବୋଲି ଜେମ୍ସ କହିଛନ୍ତି। ଏହି ନମ୍ର ଏବଂ ପରିଶ୍ରମୀ ସ୍ୱଭାବ ଯୋଗୁ ଜେମ୍ସଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।




## ମହାରାଣୀ ୟେଶୁବାଈଙ୍କ ଭୂମିକାରେ ରଶ୍ମିକା

ମୁମ୍ବାଇ

ଆସନ୍ତା ଫେବୃଆରୀ ୧୪ରେ ମରାଠା ଶାସକ ଛତ୍ରପତି ସମ୍ଭାଜି ମହାରାଜଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଥିବା 'ଛାବା' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଫିଲ୍ମରେ ଛତ୍ରପତି ସମ୍ଭାଜି ମହାରାଜଙ୍କ ଭୂମିକାରେ ଅଭିନେତା ଭିକି କୌଶଲ ନଜରକୁ ଆସିବେ। ସେହିପରି ଛତ୍ରପତି ସମ୍ଭାଜି ମହାରାଜଙ୍କ ସ୍ତ୍ରୀ ମହାରାଣୀ ୟେଶୁବାଈ ଭୋଁସଲେଙ୍କ ଭୂମିକାରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଦେଖିବାକୁ ମିଳିବ। 'ଛାବା' ଫିଲ୍ମର ନିର୍ମାଣ କରିଥିବା ପ୍ରଡକ୍ସନ କମ୍ପାନୀ 'ମେଡକ୍ ଫିଲ୍ମସ୍' ପକ୍ଷରୁ ମଙ୍ଗଳବାର ଫିଲ୍ମରେ ମହାରାଣୀ ୟେଶୁବାଈ ଭାବେ ରଶ୍ମିକାଙ୍କର ପ୍ରଥମ ଲୁକ୍‌ର ୨ଟି ପୋଷ୍ଟରକୁ ଜାରି କରାଯାଇଛି। ପ୍ରଥମ ପୋଷ୍ଟରରେ ରଶ୍ମିକା ଭାରି ଅଳଙ୍କାର ସହ ଶାଢ଼ି ପିନ୍ଧିଛନ୍ତି। ସେହିପରି ରଶ୍ମିକା ମୁଣ୍ଡରେ ଓଢ଼ଣା ପକାଇଥିବା ସହ ହସୁଥିବାର ନଜରକୁ ଆସୁଛନ୍ତି। ଦ୍ୱିତୀୟ ପୋଷ୍ଟରରେ ରଶ୍ମିକାଙ୍କୁ ଗମ୍ଭୀର ମୁଦ୍ରାରେ ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ମେଡକ୍ ଫିଲ୍ମସ୍ ପକ୍ଷରୁ ଲେଖାଯାଇଛି, " ପ୍ରତ୍ୟେକ ମହାନ୍ ରାଜାଙ୍କ ସଫଳତା ପଛରେ ଜଣେ ରାଣୀ ଅଦୃଶ୍ୟ ଶକ୍ତି ଭାବରେ ଛିଡ଼ାହୋଇ ରହିଥାନ୍ତି। ବୁଧବାର 'ଛାବା' ଫିଲ୍ମର ଟ୍ରେଲର ରିଲିଜ୍ ହେବ।" ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ ଏବଂ ଦିନେଶ ଭିଜାନଙ୍କ ନିର୍ମିତ 'ଛାବା' ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଅକ୍ଷୟ ଖାନ୍ନା, ଆଶୁତୋଷ ରାଣା, ଅଭିନେତ୍ରୀ ଦିବ୍ୟା ଦତ୍ତା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।



# ଟ୍ରେନ୍ ଉପରକୁ ଚଢ଼ିଗଲେ ବୃଦ୍ଧ, ବିଦ୍ୟୁତ୍ ଆଘାତରେ ମୃତ୍ୟୁ

ରାୟଗଡ଼ା,୨୧।୧ (ଆଶିଷ ରଞ୍ଜନ ପଣ୍ଡା)



ଟ୍ରେନ୍ ଉପରେ ଚଢ଼ିଥିବା ବ୍ୟକ୍ତି।

ରାୟଗଡ଼ା ରେଳ ଷ୍ଟେଶନରେ ଅଟକି ରହିଥିବା ମାଲବାହୀ ଟ୍ରେନ୍ ଉପରକୁ ଜଣେ ବୃଦ୍ଧ ଚଢ଼ିଯାଇଥିବାବେଳେ ୨୫ ହଜାର କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ନୂଆପଡ଼ା ଜିଲା ରାଜଖରିଆର ଥାନା ଅନ୍ତର୍ଗତ ବଡ଼ମୂଳା ଗ୍ରାମର ନରସିଂହ କାଣ୍ଡ (୬୪)। ମୃତକ ଜଣେ ମାନସିକ ରୋଗୀ ବୋଲି ଅନୁମାନ କରାଯାଉଛି। ଏ ନେଇ ଆରପିଏଫ୍ ତରଫରୁ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ନରସିଂହ ମଙ୍ଗଳବାର ସକାଳେ ସିକନ୍ଦରାବାଦରୁ ଟ୍ରେନ୍ ଯୋଗେ ଆସି ରାୟଗଡ଼ାରେ ପହଞ୍ଚିଥିଲେ। ପରେ ଷ୍ଟେଶନ ପରିସରରେ ଉତ୍ପାତ ମଚାଇଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଚାନକ ଷ୍ଟେଶନରେ ଛିଡ଼ା ହୋଇଥିବା ମାଲବାହୀ ଟ୍ରେନ୍ ଉପରକୁ ଚଢ଼ିଯାଇ ବିଦ୍ୟୁତ୍ ତାରକୁ ୨ ହାତରେ ଧରି ପକାଇଥିଲେ। ଫଳରେ ତତ୍କ୍ଷଣାତ ସେଠାରେ ସେ ଜଳି ଟଳିପଡ଼ିଥିଲେ। ଏହାପରେ ରେଳ କର୍ମଚାରୀ ଓ ରେଲୱେ ପୋଲିସ ତାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ରେଲୱେ ପୋଲିସ ପକ୍ଷରୁ ନରସିଂହଙ୍କ ପୁଅ ରାମକାଣ୍ଡଙ୍କୁ ବାପାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏଏସ୍ଆଇ ମାଣିକ ଗୌଡ଼ ସୂଚନା ଦେଇଛନ୍ତି।

# ମଧ୍ୟାହ୍ନଭୋଜନ ତରକାରିରେ ପୋକ

## ଡୁଡୁକା ପଲ୍ଲିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

ଲୋଇସିଂହା,୨୧।୧ (ସୁଶାନ୍ତ ବାରିକ)



ମଧ୍ୟାହ୍ନଭୋଜନରେ ପୋକ ବାହାରିଛି। ବିଦ୍ୟାଳୟର ଛାତ୍ରୀଛାତ୍ର।

ମଙ୍ଗଳବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଡୁଡୁକା ପଲ୍ଲିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଥିବା ମଧ୍ୟାହ୍ନଭୋଜନ ତରକାରିରେ ପୋକ ବାହାରିବା ଦେଖିବାକୁ ମିଳିଛି। ସୋୟାବିନ ତରକାରିରେ ପୋକ ବାହାରିବା ଦେଖି ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଖବର ପାଇ ଶିକ୍ଷା କମିଟି ସଭାପତି ଅଶୋକ ପଟେଲ ଓ ଅଭିଭାବକ ସ୍କୁଲକୁ ଆସି ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁଙ୍କୁ ଜଣାଇବା ସହ କ୍ଷୋଭ ପ୍ରକାଶ କରିଥିଲେ। ପରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୁଭଶ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକାରୀ ସ୍କୁଲରେ ପହଞ୍ଚି ସ୍ଥିତି ପରଖିବା ସହିତ ଛାତ୍ରୀଛାତ୍ରଙ୍କୁ ଏ ନେଇ ପଚାରି ବୁଝିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀକୁ ତାଗିଦ କରିଥିଲେ। ଏହି ଅବସରରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦାୟିତ୍ୱରେ ଥିବା ଏସ୍ଏଚ୍‌ଜିକୁ ହଟାଇବାକୁ ବିଇଓଙ୍କ ନିକଟରେ ଦାବି କରାଯାଇଥିଲା। ଅପରପକ୍ଷେ ପୋକ ବାହାରିବା ଜଣାପଡିବା ପରେ ସେହି ଖାଦ୍ୟକୁ ଫୋପାଡ଼ି ଛାତ୍ରୀଛାତ୍ରଙ୍କୁ ଜଳଖିଆ ଦିଆଯାଇଥିବା ପ୍ରଧାନ ଶିକ୍ଷକ ସାହୁ ପ୍ରକାଶ କରିଛନ୍ତି।

# କମିଲା ଶୀତ, ବଢ଼ିଲା ତାପମାତ୍ରା

## ୨୪ ପର୍ଯ୍ୟନ୍ତ ଘନ କୁହୁଡ଼ି

ଭୁବନେଶ୍ୱର,୨୧।୧ (ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇଛି। ଆସନ୍ତା ୨୪ ଘଣ୍ଟା ପରେ ରାତି ତାପମାତ୍ରା ମଧ ବଢ଼ିବାର ସମ୍ଭାବନା ରହିଛି। ପଶ୍ଚିମା ଝଡ଼ର ସକ୍ରିୟ ପ୍ରଭାବରେ ଓଡ଼ିଶାକୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରିବ। ଫଳରେ ରାଜ୍ୟରେ ତାପମାତ୍ରା ଉପରମୁହାଁ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆସନ୍ତା ୪ ଦିନରେ ଉଭୟ ସର୍ବନିମ୍ନ ଓ ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର ସବୁ ଜିଲାରେ ତାପମାତ୍ରା ବଢ଼ିବ। ତାତି ବଢ଼ିବା ସହ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୪ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ ଓ ଖୋର୍ଦ୍ଧା ଜିଲା ରହିଛି। ୨୪ ତାରିଖରେ ଘନ କୁହୁଡ଼ି ନେଇ କଟକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ନେଇ ସତର୍କ କରାଯାଇଛି। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଏବଂ କଳାହାଣ୍ଡିରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ ହେବ।


**OFFICE OF THE PANCHAYAT SAMITI JEYPORE, DISTRICT-KORAPUT**

Letter No.212/2025 Dated. 16.01.2025

**E-TENDER CALL NOTICE**

**No.i-431:** Sealed tenders are invited from Registered Contractor from State PWD/ M.I./ Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http//www.koraput.nic.in.

The date and time of apply & receive of Tender Paper is from date. 20.01.2025 to 28.01.2025 upto 17.30 Hrs. through in the www.tendersorissa.gov.in website only.

Tender will be opened on 29.01.2025 at 11.00 Hrs onwards in the Office of the Panchayat Samiti, Jeypore, Dist- Koraput.

OIPR-19065/11/0003/2425 Sd./- Block Development Officer, Jeypore

**Government of Odisha General Administration & Public Grievance Department**

**QUOTATION CALL NOTICE**

**No.T-119:** Sealed quotations in letter pad are invited from the intending Registered Firms/ Suppliers located at Bhubaneswar having valid GSTIN under OGST Act-2017 and Income Tax Clearance Certificate for supply of Stationery articles for official use of G.A. & P.G. Department. Last date for submission of quotation is 01.02.2025 by 2.00 PM. For details please visit state Government website at https://ga.odisha.gov.in/tenders-advertisement.

Sd./-Under Secretary to Government

OIPR-09014/11/0052/2425

**ODISHA HYDRO POWER CORPORATION LTD.**
**(A Government of Odisha Undertaking)**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO- BARINIPUT, DIST-KORAPUT - 764006,
PHONE:(06854)242001, FAX:(06854) 242038. E-mail:sgmel.ukhep@gmail.com
No.OHPC:SGM:UKHEP:Tech/319 / Dated, Bariniput the 17.1.2025

**NOTICE INVITING TENDER No.30/24-25, Date 17.01.25**

**No.CAD-2213:** Sealed tenders in duplicate are invited from the Registered Travel Agencies/Vehicle Owners for the work mentioned below.

| Sl. No. | Description of Materials | Cost of Tender Paper (Non- re-fundable) | EMD in Rs. (Refund-able) |
|---|---|---|---|
| 1 | **Hiring of One No. of Mahindra Bolero Maxx Pick up/Bolero Camper/ Tata Youdha 1500 pick-up/ Mahindra Imperio or equivalent vehicle for Four (04) years under UKHEP, Bariniput** | Rs.7080/- (Rs.6000/-+ 18% GST) | Rs.25,000/- |

Sale of tender paper : From **24.01.25 to 11.00 Hrs. of 11.02.2025**
Last date of submission of tender : Upto **12.00 Hrs. of 11.02.2025**
Date & Time of opening of tender : At **12.30 Hrs. of 11.02.2025**
For details of the tender documents, terms and conditions please visit our website www.ohpcltd.com

OIPR-04002/11/0051/2425 Sd./- C & P Head, UKHEP, Bariniput

**OFFICE OF THE SUPERINTENDENT, CHC, SINAPALI**
At - Ps - Sinapali, Dist. - Nuapada
Telefax : 06671 - 236160, E-mail : bpmsusinapali@gmail.com
BLOCK PROGRAMME MANAGEMENT SUPPORTING UNIT
Letter No. : 51/NHM Date : 20.01.2025

**TENDER CALL NOTICE**

**No.E-694** : Sealed quotations are invited in the prescribe from Travel agencies/ Private Organization/individual for hiring vehicle (SCORPIO / BOLERO PLUS/ INNOVA / TAVERA etc) withA/c on monthly rental basis for engagement / empanelment of vehicle for **BPMU** CHC, Sinapali. Interested travel agencies/ Private Organization/Individual may apply in Prescribe format. The details term, condition and formats will be available at district website **www.nuapada.nic.in** from the Date - **21.01.2025 to 04.02.2025** till **05.00 P.M.** The complete quotations should reach at O/o the Medical officer I/c CHC, Sinapali on or before 04.02.2025 by 05.00 PM through **Speed Post/Regd. Post /office drop box** only.The sealed quotation will be opened on **07.02.2025 at 11.00 A.M.** in the office Meeting Hall of the undersigned. The Quotation should be super scribed as "Tender for hiring of vehicle under **BPMU** CHC, Sinapali for engagement in CHC, Sinapali.

The undersigned reserve the right to reject any or all the quotations without assigning any reason thereof.

Sd./- Medical Officer Incharge CHC, Sinapali

OIPR-10162/11/0001/2425

**DISTRICT PROJECT OFFICE SAMAGRA SHIKSHA {S. S.}**
MALKANGIRI-764048
(06861)-230481 (Off)
E-mail : dpcmalkanssa.opepa@nic.in, stc.malkangiri@gmail.com
Letter No.388/Civil/2025 Date : 18.01.2025

**TENDER CALL NOTICE**

**No.n-190** : Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with Detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of Building works as mentioned below from eligible Contractors registered with the State Government and contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website **https://malkangiri.odisha.gov.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building & Dining Hall in different area of Malkangiri District under SETU 2023-24 |
| No. Of Works | : | 12 Nos (Twelve) Nos |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper cost | : | As laid down in the DTCN |
| E.M.D Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of Tender papers | : | The Bid documents can be downloaded from the Govt. Web site https://malkangiri.odisha.gov.in only from 22.01.2025 to 04.02.2025 |
| Date of receipt of Tender paper | : | From 22.01.2025 to 04.02.2025 up to 5.00 P.M. (in working days) through Registered Post/Speed Post only. No tender paper will receive by hand or Courier services |
| Date of opening of Tender papers | : | At 11.00 A.M. on 05.02.2025 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

**N.B - if the last date of sale/receipt of tender paper turns out be a holiday, it will automatically be extended to next working day**. The amendment in safe of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

By order of Collector
Sd./- District Project Coordinator
Samagra Shiksha, Malkangiri

OIPR-27064/11/0003/2425

**OFFICE OF THE BALASORE MUNICIPALITY, BALASORE**
Notification No-326/Dt.20.01.2025

No.C-1508: The details can be download from official website of Balasore District, http://baleswar.nic.in.

Sd./- Executive Officer Balasore Municipality

OIPR-13154/11/0025/2425

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM**
CENTRAL STORE, BRAHAMAPUR
Letter No.1303 /CS/2025 Brahmapur Dated : 20.01.2025

**TENDER NOTICE**

**No.E-693** : Sealed tenders in prescribed format are invited from the Manufacturers/ Firms/ Companies/ Authorized Distributors/ Agents for supply of Medicines, Medical Consumables, Surgical Sutures, Laboratory Reagents, Laboratory Consumables, Instrument's, Equipment's, Furniture & Fixtures for Ganjam District out of 10% Fund, District Mineral Foundation Fund (DMF), NHM Fund, State Budget Fund, MP-LADS Fund, MLA-LADS Fund, XV-FC, AMA Hospital & Other Funds.

The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately for Ganjam District. The list of all the items with detail specification, eligibility criteria and Tender Terms and Conditions may be downloaded from District website www.ganjam.nic.in.

The sealed tender will be received through Speed Post/ Reg. Post only on or before 20.02.2025 till 5:00 P.M. by CDM&PHO, Ganjam, Brahmapur and the said tender will be opened on 21.02.2025 at 11.00 A.M. in presence of bidders or their Authorized Representatives in the office of CDM&PHO, Ganjam and absence of any of them will not be bar to open the quotation. Tenders received incomplete or after the scheduled date & time shall be rejected.

Rate should be quoted for each item in F.O.R destination including all incidental charges, GST.

The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of Law situated at Brahmapur, Ganjam, Odisha only.

Sd./- Chief District Medical & Public Health Officer
Ganjam, Brahmapur

OIPR-10041/11/0010/2425

**GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**
At - Chandikhole, PO - Sunguda, Dist. Jajpur - 754296,
E-mail id : serwkpd@yahoo.com

**Repair and Maintenance of Rural Roads Under PMGSY**
e-Procurement Notice
Lr No.62 Dtd.16.01.2025

**No.O-1298** : The Chief Construction Engineer, R. W. Circle, KENDRAPARA - JAJPUR on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **KENDRAPARA-JAJPUR for 2 (Two)** number of packages with estimated cost totaling to **Rs 3.14** Cr including maintenance for five year from the eligible contractors registered with **State PWD/CPWD/ MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement dtd. 27.01.2025 (dd/mm/yyyy)

**Availability of Bid Documents and mode of submission :** The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **C.C.E., R. W. Circle, KENDRAPARA-JAJPUR**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement** : 10.02.2025 (dd/mm/yyyy) up to 5.00 PM (time)
For further details please log on to http://www.pmgsytenders.gov.in.

Sd./-
Chief Construction Engineer
R.W. Circle, Kendrapara-Jajpur

OIPR-25129/11/0025/2425

**OFFICE OF THE NOTIFIED AREA COUNCIL, ODAGAON**
At/Po-Odagaon, Dist.-Nayagarh, Pin-752081
Phone:06753-260062, Email:nacodagaon@gmail.com
Letter No.69/ Date: 20.01.2025

**Expression of Interest**

**No.C-1510:** Odagaon NAC invites Expression of Interest in Double cover system (Technical & Financial) in the prescribed format from interested individuals / firms / entrepreneurs for **"Out Sourcing of Boating Facility at Sagar Pokhari, Odagaon"**. The EOI may be obtained from Office of the Notified Area Council, Odagaon, Dist. Nayagarh on any working days from 21.01.2025 to 03.02.2025 during Official hour on payment of cost of bid document of Rs. 2000.00 and EMD of Rs. 3600.00 in shape of Cash Deposit Receipt of Odagaon NAC / Bank Draft / Pay Order, drawn on any Nationalized Bank, in favour of Executive Officer, N.A.C., Odagaon, payable at Odagaon. All bid documents are to be received in the office of the undersigned during office hour on or before 04.02.2025 up to 01.00P.M. through **Registered Post / Speed Post/ by hand** and will be opened by the undersigned or authorized officials on date **04.02.2025 at 03.00 P.M.** in presence of the Bidders or their authorized representative who wishes to remain present at that time. Other terms and conditions can be seen in the EOI documents.

The authority reserves the right to reject any or all the bid documents/ EOI without assigning any reason thereof.

Sd./- Executive Officer, N.A.C., Odagaon

OIPR-13142/11/0010/2425

**OFFICE OF THE MUNICIPAL COUNCIL, UMERKOTE**
E-Procurement Notice
Bid Identification No:06/UKT-MUN/2024-25
Letter No.108 Date. 18.01.2025

**No.C-1505** : Name of the work for which e-Tender invited – Supply of Sanitation worker, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. 1 to 14 of Umerkote Municipality area for the F.Y. 2024-25.

1. Estimated cost of work (Annually) – **Rs. 2,71,36,827/-**
2. Eligible Intending Registered & Financially Sound Sanitation Service Provider Agencies/Firms/Trusts/ N.G.Os having similar nature of work experience of at least Three years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e. http://www.tendersodisha.gov.in from **11.00 A.M. of 19.01.2025 to 5.00 P.M. of 26.01.2025** for online bidding.
4. Bid identification No.**03/UKT-MUN/2024-25**.
5. Last date & time of receipt of Bid through online : **26.01.2025 of 5.00 P.M.**
6. Deposit original Technical/Financial documents online : **11.00 A.M. of 19.01.2025 up to 26.01.2025 of 5.00 P.M.**
7. Opening of Bid on **27.01.2025 at 11:00 Hrs** at Umerkote Municipality.
8. The bidder has to participate in online bidding only.
9. For further detail information any one can visit the-procurement portal of the Govt. of Odisha i.e. http://www.tendersodisha.gov.in.

Sd./- Executive Officer
Umerkote Municipality

OIPR-13180/11/0007/2425

GOVERNMENT OF ODISHA
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, GAJAPATI & GUNUPUR**
AT : ELECTRICAL COLONY, SIRIGUDA, PO: J.S.CO(SF), RAYAGADA - 765002 E-mail Id-deigajapati-od@gov.in
No. : 54/ Dated : 18.01.2025

**Tender Call Notice for hiring of Vehicle**

**No.AA-33** : Sealed tenders are invited from interested reputed Travel Agencies having valid GST Registration for providing 1 no. of BS-VI emission compliant A.C. vehicle-TUV300/Bolero/ Ertiga etc. (Diesel/Petrol) driven vehicle having sitting capacity not more than 10 seater including driver on monthly hiring basis for official use in office of the Superintending Engineer-Cum-Deputy Electrical Inspector, Gajapati & Gunupur on monthly rent basis.

The details of the Tender Call Notice, Proforma and its terms and conditions are available with the office of the Superintending Engineer-Cum- Deputy Electrical Inspector, Gajapati&Gunupur, At - Electrical Colony, Siriguda, Dist. - Rayagada. All future addendum/corrigendum, if any shall be hoisted on the notice board of the undersigned only.

Last date of receipt of tender is 03:00 P.M. of Dt. 04.02.2025.

Sd./- S.E.-cum-Dy. Electrical Inspector, Gajapati & Gunupur

OIPR-04084/11/0001/2425

**GOVERNMENT OF ODISHA OFFICE OF THE PANCHAYAT SAMITI BANGRIPOSI, MAYURBHANJ**
Email- ori-bangriposi@nic.in
Bid Identification No.:-02/2024-25/BANGRIPOSI BLOCK

**No.i-426:** The **OFFICE OF THE PANCHAYAT SAMITI BANGRIPOSI, MAYURBHANJ,** Odisha on behalf of Governor of Odisha invites **Percentage Rate Bids** through in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in **Panchayat Samiti, Bangriposi**. The bid should be submitted Off-line only in **Panchayat Samiti, Bangriposi** the by eligible class of contractors.

| | | |
|---|---|---|
| 1 | Name of the Works: - | Construction of Additional Classroom at- Elementary & Secondary School, Block Resource Centre, GPLF Building |
| 2 | No. of Works: - | 12 |
| 3 | Estimated Cost (in Rs.): - | 15.47 Lakhs to 40.00 Lakhs |
| 4 | Period Of Completion: - | 90 Days |
| 5 | Date and Time of availability of Bid Documents in the Panchayat Samiti Bangriposi | 20.01.2025 From 10 AM to 31.01.2025 Upto 5 PM |
| 6 | Last Date/Time of receipt of Bids in the Panchayat Samiti, Bangriposi | 01.02.2025 Upto 5 PM |
| 7 | Date of Opening of Bids: - | 03.02.2025 11 AM Onwards |
| 8 | Name and Address of the OIT: - | OFFICE OF THE PANCHAYAT SAMITI, BANGRIPOSI |

Sd./- BLOCK DEVELOPMENT OFFICER, BANGRIPOSI

OIPR-19078/11/0003/2425


See Career Appointment on every Wednesday & Saturday


**GOVT. OF ODISHA** No.i-425:
**DEPARTMENT OF PANCHAYATI RAJ & DRINKING WATER**
**OFFICE OF THE PANCHAYAT SAMITI, RAJGANGPUR**
DISTRICT- SUNDARGARH
Phone:06624-220312, E-mail:ori-rajgangpur@gramsat.nic.in
Notice No.04/ Date:- 18.01.2025

| Sl. No. | Name of the Work | Tender Cost | Class of Contractor | Period of Completion |
|---|---|---|---|---|
| 01 | Construction of New Office Building & Godown of 50 MT at Rajgangpur | 2272535 | "B&C" Class Contractor | Six (06) Calendar Months |
| 02 | Construction of New Office Building & Godown of 50 MT at Laing, Laing GP | 2205441 | "B&C" Class Contractor | Six (06) Calendar Months |

Date and Time of availability of bid documents in the portal- **20.01.2025 to 05.02.2025**
Last Date/Time for receipt of bids at the block office- **05.02.2025 (05.30 PM)**
Date and Time of opening of Bid - **06.02.2025 (11.00 AM)**
Name and address of the Officer Inviting Bid - **Block Development Officer, Rajgangpur, Sundargarh, PIN 770017**

The detailed terms and conditions can be downloaded from the District website **www.sundargarh.odisha.gov.in.**

OIPR-19332/11/0003/2425 Sd./- Block Development Officer, Rajgangpur

GOVERNMENT OF ODISHA,
**OFFICE OF THE PANCHAYAT SAMITI, GANJAM**
Letter No : 171 Dated : 17.01.2025

**Invitation of Tender Call Notice - No.01/2024-25**

**No.i-424** : Sealed tenders (Percentage rate) in conformity with DTCN are invited from the "B" / "C" class contractors registered with the State Govt. for execution of Civil works under Panchayat Samiti, Ganjam. The detailed Notification is available at official website **(http://www.ganjam.nic.in)** from **20.1.2025** & the bidders can also download the tender documents from the respective website on 20.1.2025 or available in the Office of the Panchyat Samiti, Ganjam. The last date & time for receiving bid is **5.2.2025** upto **5.00 P.M.** through Registered / Speed post only. The detailed tender work as follows :

| Sl. No. | Name of work | Value of work (In Rs.) (Excluding GST 18%) | Bid Security @1% (In Rs.) | Cost of Tender Paper (In Rs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of GPLF Building with Market Complex at poirasi under Poirasi G.P. | 23,74,487 | 23745 | 6000/- | Class - 'B' & 'C' | 6 (Six) Calendar Months |
| 2 | Construction of GPLF Building with Market Complex at Mallada under Mallada G.P. | 24,01,318 | 24013 | 6000/- | Class - 'B' & 'C' | 6 (Six) Calendar Months |
| 3 | Construction of GPLF Building with Market Complex at Palanga under Palanga G.P. | 23,84,863 | 23849 | 6000/- | Class - 'B' & 'C' | 6 (Six) Calendar Months |
| 4 | Construction of GPLF Building with Market Complex at Khandadeuli under Khandadeuli G.P. | 23,80,877 | 23809 | 6000/- | Class - 'B' & 'C' | 6 (Six) Calendar Months |

Sd./- Block Development Officer, Ganjam

OIPR-19102/11/0004/2425

# ପ୍ରମୁଖ ରାଜନୈତିକ ଦଳଙ୍କ ବଢୁଛି ଅଡୁଆ

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

## ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗ

ବଲାଙ୍ଗୀର ଓ ବରଗଡ଼ ମଧ୍ୟରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପାହାଡ଼ ଜୈବବିବିଧତାରେ ପରିପୂର୍ଣ୍ଣ। ହେଲେ ଶିଳ୍ପସଂସ୍ଥାଗୁଡ଼ିକର ଦୃଷ୍ଟି ସେଠାରେ ଥିବା ପ୍ରାକୃତିକ ସମ୍ବଳ ଉପରେ ନିବଦ୍ଧ। ନିର୍ଦ୍ଦିଷ୍ଟ ଶିଳ୍ପ ସଂସ୍ଥା ସେଠାରେ ଜମି କିଣିବା ପରେ ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ଗତ ବର୍ଷ ଶେଷ ଆଡ଼କୁ ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ଫଳରେ ସ୍ଥାନୀୟ ଅଧିବାସୀ ଓ ସାମାଜିକ କର୍ମକର୍ତ୍ତା ଗଣଧାରଣା ଦେଇଥିଲେ। ପ୍ରସଙ୍ଗ ବଡ଼ ଆକାର ଧାରଣ କରିବାରୁ ତାହାକୁ ନେଇ ରାଜନୀତି ଆରମ୍ଭ ହୋଇଥିଲେ ମଧ୍ୟ ପ୍ରମୁଖ ରାଜନୈତିକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଉଛି।

ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ତିନି ଦଳ ଭାଜପା, ବିଜେଡି ଓ କଂଗ୍ରେସର ଗତିବିଧି ଉପରେ ଲୋକଙ୍କ ନଜର ରହିଛି। ଗତ ରବିବାର ଖପ୍ରାଖୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ନେଇ ପଶ୍ଚିମ ଓଡ଼ିଶା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଶିଷ୍ଟ ପରିବେଶବିତ୍, ସାମାଜିକ କର୍ମୀ, ଚାଷୀନେତା, ରାଜନେତା, କୋଶଳବାଦୀ ନେତା, ବିଭିନ୍ନ ଜନଆନ୍ଦୋଳନର ପ୍ରତିନିଧି ଏବଂ ଜନସାଧାରଣ ଯୋଗ ଦେଇଥିଲେ। ବିଜେଡି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ରୀତା ସାହୁ, ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ଓ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ହେଲେ ମହାସମାବେଶରେ ବିଜେଡି ନେତାଙ୍କୁ କିଛି ଲୋକ ବିରୋଧ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ସ୍ଲୋଗାନ ମଧ୍ୟ ଦେଇଥିଲେ। ଶାସନ କ୍ଷମତାରେ ଥିଲା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା ନ କହି ଏବେ କାହିଁକି ଆସିଛ ବୋଲି କହି ସେମାନେ ପ୍ରଶ୍ନ କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ଛୁରିଆ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରୁଛୁ କହି ଲୋକଙ୍କ ଯାହା ବି ଦାବି ରହିଛି ନବୀନ ବାବୁଙ୍କୁ ଜଣାଇ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବୁ ବୋଲି କହିଥିଲେ। ମହାସମାବେଶରେ ବିରୋଧର ସମ୍ମୁଖୀନ ହୋଇଥିଲେ ମଧ୍ୟ ବିଜେଡି ନେତାମାନେ ସାହସ ଜୁଟାଇଥିବା ଦେଖିବାକୁ ମିଳିଥିଲା। ମାତ୍ର କଂଗ୍ରେସ କିମ୍ବା ଭାଜପାରୁ କେହି ଆସି ନ ଥିବାରୁ ଦୁଇ ଦଳକୁ ସମାଲୋଚନା କରାଯାଇଛି।

ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଥିଲେ, ଜଣେ ଉପମୁଖ୍ୟମନ୍ତ୍ରୀ ଓ ବରଗଡ ଏମ୍‌ପି ଗନ୍ଧମାର୍ଦ୍ଦନ ସୁରକ୍ଷା କଥା କହୁଥିଲେ ହେଁ ମୁଖ୍ୟମନ୍ତ୍ରୀ ଅଦ୍ୟାବଧି ଏହା ଉପରେ କିଛି ମନ୍ତବ୍ୟ ଦେଇନାହାନ୍ତି। ସରକାର ପ୍ରକୃତରେ ଯଦି ଗନ୍ଧମାର୍ଦ୍ଦନ ସୁରକ୍ଷା ଚାହୁଁଛନ୍ତି ତେବେ ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରି ଉକ୍ତ ଅଞ୍ଚଳକୁ ନୋ ମାଇନିଂ ଜୋନ୍ ଘୋଷଣା କରନ୍ତୁ ବୋଲି ସାମନ୍ତରା କହିଥିଲେ। ଚାଷୀନେତା ଲିଙ୍ଗରାଜ କହିଥିଲେ, ଅଶୀ ଦଶକରେ କଂଗ୍ରେସ, ନବେ ଦଶକରେ ଜନତା ଦଳ ଏବଂ ପରେ ବିଜେଡି–ଭାଜପା ମେଣ୍ଟ ସରକାର ଗନ୍ଧମାର୍ଦ୍ଦନରେ ବକ୍ସାଇଟ୍ ଖନନ ଉଦ୍ୟମ କରିଛନ୍ତି। ଏଣୁ ଲୋକେ କୌଣସି ରାଜନୈତିକ ଦଳକୁ ଆଉ ବିଶ୍ୱାସ କରୁନାହାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବାକୁ ହେଲେ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କରାଯାଉ ଏବଂ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ଅଣାଯାଉ ବୋଲି ଲିଙ୍ଗରାଜ ଆହ୍ୱାନ ଦେଇଛନ୍ତି। କୋଶଳବାଦୀ ନେତା ପ୍ରମୋଦ ମିଶ୍ର କହିଥିଲେ, ସବୁ ପ୍ରମୁଖ ରାଜନୈତିକ ଦଳ ଗନ୍ଧମାର୍ଦ୍ଦନକୁ ଧ୍ୱଂସ କରିବାକୁ ଉଦ୍ୟମ କରୁଛନ୍ତି। ଏଣୁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ହେଲେ ଆମେ ଗନ୍ଧମାର୍ଦ୍ଦନକୁ ସୁରକ୍ଷା ଦେଇପାରିବୁ ବୋଲି ସେ କହିଛନ୍ତି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା କହିଥିଲେ, ତିନି ପ୍ରମୁଖ ରାଜନୈତିକ ଦଳ ପୂର୍ବରୁ ଗନ୍ଧମାର୍ଦ୍ଦନରେ ଖଣିଖନନ ଉଦ୍ୟମ କରିଛନ୍ତି। ଏଭଳି ପରିପ୍ରେକ୍ଷୀରେ ଆଗାମୀ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କରାଯାଇ ଭବିଷ୍ୟତରେ ଯେଭଳି ଏଠାରେ ଖଣିଖନନ ନ ହେବ ସେ ନେଇ ଆଇନ ଅଣାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଜନଆନ୍ଦୋଳନକୁ ବ୍ୟାପକ ଓ ସମ୍ପ୍ରସାରିତ କରିବା ଲକ୍ଷ୍ୟରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ୫୭ ଦିନର ଗଣଧାରଣାକୁ ୨୦ ଜାନୁଆରୀରେ ସାମୟିକ ସ୍ଥଗିତ ଘୋଷଣା କରିଛି। ଯେଉଁଭଳି ଭାବେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ବଢ଼ିବାରେ ଲାଗିଛି ଠିକଣା ସମୟରେ ତିନି ପ୍ରମୁଖ ରାଜନୈତିକ ଦଳ ଉଚିତ ପଦକ୍ଷେପ ନ ନେଲେ ସେମାନଙ୍କ ଅଡୁଆ ବଢ଼ିବ ବୋଲି ଆଲୋଚନା ହେଲାଣି।


ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଭାଜପା ପକ୍ଷରୁ ମଙ୍ଗଳବାର ସଙ୍କଳ୍ପପତ୍ରର ୨ୟ ଭାଗକୁ ଉନ୍ମୋଚନ କରୁଛନ୍ତି ଏମ୍‌ପି ଅନୁରାଗ ଠାକୁର, ଭାଜପା ନେତା ରାମଭୀର୍ ସିଂ ବିଧୁରୀ, ଦଳର ଦିଲ୍ଲୀ ସଭାପତି ବୀରେନ୍ଦ୍ର ସଚ୍ଚଦେବା ଓ ବିଜେନ୍ଦ୍ର ଗୁପ୍ତା।

# କୋଲ୍ ବ୍ଲକ୍‌ରୁ ଦୂରେଇରହିବାକୁ ତତ୍କାଳୀନ ଜିଲାପାଳ,ଏସ୍‌ପି ନବଙ୍କୁ କହିଥିଲେ: ସାଲୁଜା

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

## ତଦନ୍ତକାରୀ ଦଳକୁ ସାଲୁଜା ଏହା ଜଣାନ୍ତୁ: ଆଇନ ମନ୍ତ୍ରୀ

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ନବ ଦାସଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ କରାଇବା ଲାଗି ବହୁ ଲୋକ ଦାବି ଉଠାଇବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ବିଭିନ୍ନ ରାଜନୈତିକ ଦଳରେ ନେତାମାନେ ମଧ୍ୟ ଭିନ୍ନ ଭିନ୍ନ ମତ ରଖିବାରେ ଲାଗିଛନ୍ତି। ଏପରି ସ୍ଥଳେ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ମନ୍ତବ୍ୟ ହଇଚଇ ସୃଷ୍ଟି କରିଛି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମେ ଗୋଟେ ଖାଇବା ଟେବୁଲରେ ବସିଥିଲୁ। ସେତେବେଳେ ନବ ତାଙ୍କୁ କହିଥିଲେ, ଝାରସୁଗୁଡ଼ାର ଏକ କୋଲ୍ ବ୍ଲକ୍‌ର ଏକ ଟ୍ରାନ୍ସପୋର୍ଟେଶନରୁ ଦୂରେଇ ରହିବାକୁ ଉପରୁ କୁହାଯାଇଥିଲା। ତତ୍କାଳୀନ ଏସ୍‌ପି ଓ ଜିଲାପାଳ ତାଙ୍କୁ ଏହା କହିଥିଲେ। ହେଲେ ନବ ତାଙ୍କୁ କହିଦେଇଥିଲେ, ଏ କଥାରେ ମୁଣ୍ଡ ନ ପୂରାଇବା ଲାଗି। ୨୯ ଜିଲାର ଦାୟିତ୍ୱ ସରକାର ବା ଦଳ ବୁଝନ୍ତୁ ହେଲେ ଝାରସୁଗୁଡ଼ା ଜିଲାରେ ମୁଣ୍ଡ ନ ପୂରାଇବାକୁ ଉପରେ ସେ ଜଣାଇ ଦେଇଥିବା ଏସ୍‌ପି ଓ ଜିଲାପାଳଙ୍କୁ କହିଥିବା କଥା କହିଲେ। ଏହାର କିଛିଦିନ ପରେ ନବ ଦାସଙ୍କୁ ହତ୍ୟା କରାଯାଇଥିଲା। ହେଲେ ଏହା କହିବା ଲାଗି ଜିଲାପାଳ ଏବଂ ଏସ୍‌ପିଙ୍କ ଉପରେ କିଏ ଚାପ ପକାଇଥିଲେ ସେମାନେ ୨ ଜଣ ହିଁ କହିପାରିବେ। ନବଙ୍କ ହତ୍ୟାର ଷଡ଼ଯନ୍ତ୍ର ପଛରେ କିଏ, ସିବିଆଇ ତଦନ୍ତକଲେ ଜଣାପଡିବ। ପୂର୍ବରୁ ବିଧାନସଭାରେ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି ହୋଇଥିଲା। ଏବେ ବି ସିବିଆଇ ତଦନ୍ତ କରାଗଲେ ଷଡ଼ଯନ୍ତ୍ର ପଦାକୁ ଆସିପାରିବ। ଗୋପାଳ ହତ୍ୟା କରିଥିଲେ ନା କରାଯାଇଥିଲା ତାହା ଜଣାପଡ଼ିବ ବୋଲି ସାଲୁଜା କହିଛନ୍ତି।

ସାଲୁଜାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସ୍ୱର୍ଗତ ନବ ଦାସ ତାଙ୍କ ସହ କଥା ହୋଇଥିଲେ ବୋଲି ଯଦି ସେ କହୁଛନ୍ତି, ଏହାକୁ ସେ ତଦନ୍ତକାରୀ ଦଳକୁ ଦେବା କଥା। ଆଶା କରିବି ତଦନ୍ତ ପ୍ରକ୍ରିୟାରେ ସାଲୁଜା ସହଯୋଗ କରିବେ। ଯଦି ଏ ବାବଦରେ ତଦନ୍ତକାରୀ ଦଳ ଆଗରେ ସାଲୁଜା ନିଜର ପ୍ରତିକ୍ରିୟା ରଖିବେ ତେବେ ତଦନ୍ତ କରିବେ। ସମସ୍ତଙ୍କ ମନରେ ଯେଉଁ ଗୋଟିଏ ସନ୍ଦେହ ରହୁଛି ତାହା ଆଗକୁ ସ୍ପଷ୍ଟ ହେବା ଦରକାର। ତାଙ୍କ ପରିବାର ଲୋକେ ମଧ୍ୟ ସିବିଆଇ ତଦନ୍ତ କଥା କହିଛନ୍ତି। ସେମାନେ କହିଛନ୍ତି, ତାଙ୍କ ପରିବାର ଭିତରେ ଚର୍ଚ୍ଚା, ଆଲୋଚନା ଚାଲିଛି ଏହାପରେ ସେମାନେ ଜଣାଇବେ। ମୁଖ୍ୟମନ୍ତ୍ରୀଙ୍କୁ ଲେଖିକି ଅଧିକ ତଦନ୍ତ ହେଉ ବୋଲି ଲେଖିବେ କହିଛନ୍ତି। ଏହି ଘଟଣାରେ ଯେଉଁସବୁ ନୂଆ ତଥ୍ୟ ଆସୁଛି, ତଦନ୍ତରେ ବହୁ କଥା ମିସିଙ୍ଗ୍ ଅଛି ବୋଲି କୁହାଯାଉଛି। ତେଣୁ ଅନେକ କଥା ପ୍ରଶ୍ନବାଚୀରେ ରହିଛି। ଏ ପ୍ରଶ୍ନବାଚୀଗୁଡିକର ଉତ୍ତର ଧୀରେ ଧୀରେ ଆସିବା ଆରମ୍ଭ କରିବ ବୋଲି ପୃଥ୍ୱୀରାଜ କହିଛନ୍ତି।

# ୧୦ ଲକ୍ଷ କ୍ଷତିପୂରଣ ଦାବିକଲା ବିଜେଡି

## ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୨୧।୧(ଅନିଲ ଦାସ)


ଶଙ୍ଖଭବନଠାରେ ବିଜେଡି ନେତା ଉମାକାନ୍ତ ସାମନ୍ତରାୟ ଓ ଲେନିନ୍ ମହାନ୍ତି।

ପୁରୀ ଜିଲାର କଣାସ ଅଞ୍ଚଳରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପାଇଁ ବିଜେଡି ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ମଙ୍ଗଳବାର ଶଙ୍ଖ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟ ସରକାର ତାହାକୁ ନିୟନ୍ତ୍ରଣରେ ଆଣିବା ପାଇଁ କୌଣସି ପ୍ରକାରର ତତ୍ପରତା ଦେଖାଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସାମନ୍ତରାୟ କହିଛନ୍ତି, କଣାସ ଅଞ୍ଚଳର ବାସିନ୍ଦାମାନେ ଗତ ୧୦ ଦିନ ହେବ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରତିନିଧି ତ ଦୂରର କଥା, ସ୍ଥାନୀୟ ବିଧାୟକ ଏବଂ ଏମ୍‌ପି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ସୋମବାର ସନ୍ଧ୍ୟାରେ ସେମାନେ ପହଞ୍ଚିବା ପରେ ଲୋକଙ୍କ ରୋଷର ଶିକାର ହୋଇଛନ୍ତି। ତେଣୁ ରାଜ୍ୟ ସରକାର ଆକ୍ରାନ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରନ୍ତୁ ଓ ଝାଡ଼ାବାନ୍ତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ସାମନ୍ତରାୟ ଦାବି କରିଛନ୍ତି।

## Business

# ଆର୍ଥିକ ଏକୀକରଣ ଉପରେ ଧ୍ୟାନଦେବା ଆବଶ୍ୟକ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)


ନିର୍ମଳା ସୀତାରାମନ

## ବଜେଟ ଉପରେ ଇଣ୍ଡିଆ ରେଟିଂର ପରାମର୍ଶ

ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟରେ ଉପଭୋକ୍ତା ଚାହିଦା ଏବଂ ପୁଞ୍ଜି ବ୍ୟୟକୁ ପ୍ରୋତ୍ସାହିତକରି ଆର୍ଥିକ ଏକୀକରଣ ଢାଞ୍ଚା ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ୨୦୨୧–୨୨ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟରେ, କେନ୍ଦ୍ର ୨୦୨୫–୨୬ ଆର୍ଥିକ ବର୍ଷ ସୁଦ୍ଧା ଆର୍ଥିକ ସ୍ଥିତିକୁ ମଜଭୁତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାସହ ଆର୍ଥିକ ନିଅଣ୍ଟକୁ ମୋଟ ଘରୋଇ ଉତ୍ପାଦ (ଜିଡିପି) ର ୪.୫ ପ୍ରତିଶତକୁ ଆଣିବା ଲକ୍ଷ୍ୟ ରହିଛି। ଇଣ୍ଡିଆ ରେଟିଂ କହିଛି ବିଭିନ୍ନ ବର୍ଗ ବିଶେଷକରି ନିବେଶକମାନଙ୍କ ପାଇଁ ଅର୍ଥନୀତିର ଆର୍ଥିକ ସ୍ଥିତିକୁ ଆକଳନ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ମଧ୍ୟ ମୁଦ୍ରାସ୍ଫୀତି ହ୍ରାସ କରିବାରେ ସାହାଯ୍ୟକରେ ଯାହା ଆର୍ଥିକ ବର୍ଷରେ ୨୦୨୪–୨୫ ମଧ୍ୟରେ ରହିଥାଏ। ଏହା ଅର୍ଥନୀତିରେ ଦୁର୍ବଳ ବ୍ୟବହାର ଚାହିଦା ମଧ୍ୟରୁ ଏକ କାରଣ ଯାହାକି ବ୍ୟକ୍ତିଗତ ନିବେଶକୁ ୱାଚ୍–ୱେଟ୍ ପରିସ୍ଥିତିରେ ରଖିଛି। ଏଣୁ ଆୟକର ରିଲିଫ ମାଧ୍ୟମରେ ଅର୍ଥନୀତିରେ ଉପଭୋକ୍ତା ଚାହିଦାକୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ଆଗାମୀ ବଜେଟରେ ଘୋଷଣା କରାଯାଇପାରେ ବୋଲି ଆଶା କରାଯାଉଛି।

ଗତ ୩ ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ମଧ୍ୟରେ ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀ କାର୍ଯ୍ୟସୂଚୀ ଉପରେ ଧ୍ୟାନ ଦେବ ବୋଲି ଆକଳନ କରାଯାଉଛି। ଏଥିରେ ଏକ ଆର୍ଥିକ ଏକୀକରଣ ସଡ଼କ ମାନଚିତ୍ର, ସଂଶୋଧିତ ଆର୍ଥିକ ସଡ଼କ ମାନଚିତ୍ର, ଉପଭୋକ୍ତା ଚାହିଦା ଏବଂ ଭିତ୍ତିଭୂମି ବୃଦ୍ଧି ଏବଂ ପୁଞ୍ଜି ଖର୍ଚ୍ଚ ଉତ୍ପାଦନ ଅନ୍ତର୍ଭୁକ୍ତ ରହିଛି। ଆର୍ଥିକବର୍ଷ ୨୦୨୧–୨୨ ପରେ, କେନ୍ଦ୍ର ସରକାର ଭିତ୍ତିଭୂମି କ୍ଷେତ୍ର ଉପରେ ଧ୍ୟାନ ଦେଉଛନ୍ତି ଯାହା ଯୋଗାଣ–ପାର୍ଶ୍ୱ ପ୍ରତିବନ୍ଧକକୁ ଦୂରକରିବାରେ ସାହାଯ୍ୟ କରିବ। ଇଣ୍ଡିଆ ରେଟିଂ ଆଶା କରୁଛି, ୨୦୨୫–୨୬ ବଜେଟରେ ମଧ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯିବ। ସୂଚନା ଥାଉକି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ୧ରେ ୨୦୨୫–୨୬ ପାଇଁ ବଜେଟ ଉପସ୍ଥାପନ କରିବେ। ୨୦୨୪–୨୫ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ଏବଂ ୨୦୨୫–୨୬ ଆର୍ଥିକ ବର୍ଷରେ ସାମାନ୍ୟ ପୁନରୁଦ୍ଧାର ସତ୍ତ୍ୱେ ଇଣ୍ଡିଆ ରେଟିଂ ଆଶା କରୁଛି ଯେ ଆର୍ଥିକ ଏକୀକରଣ ଢାଞ୍ଚାକୁ ପାଳନ କରିବ। ରେଟିଂ ଏଜେନ୍ସି କହିଛି , ୨୦୨୫–୨୬ ଆର୍ଥିକ ବର୍ଷରେ ବଜାର ମୂଲ୍ୟରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ହାର ୧୦.୨% ହେବ। ଇଣ୍ଡିଆ ରେଟିଂରେ ମୁଖ୍ୟ ଅର୍ଥନୀତିଜ୍ଞ ତଥା ଜନ ଫାଇନାନ୍ସର ମୁଖ୍ୟ ଦେବେନ୍ଦ୍ର କୁମାର ପନ୍ତ କହିଛନ୍ତି, ୨୦୨୫–୨୬ ଆର୍ଥିକ ବର୍ଷରେ ସରକାର ଆର୍ଥିକ ନିଅଣ୍ଟ ଲକ୍ଷ୍ୟକୁ ୪.୫%ରୁ କମ୍ ରଖିପାରନ୍ତି।

# ଜେକେସିଏଲ୍ ନୂତନ ଉତ୍ପାଦ ଶୃଙ୍ଖଳ

ନୂଆଦିଲ୍ଲୀ,୨୧।୧

ଜେକେ ସିମେଣ୍ଟ ଲିମିଟେଡ୍ (ଜେକେସିଏଲ୍)ର ନୂତନ ଅତ୍ୟାଧୁନିକ ଉତ୍ପାଦ ଶୃଙ୍ଖଳର ଶୁଭାରମ୍ଭ ଓଡ଼ିଶା ବଜାରରେ ହୋଇଯାଇଛି, ଯାହାକି ଦେଶର ପୂର୍ବାଞ୍ଚଳରେ କମ୍ପାନୀର ସ୍ଥିତିକୁ ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପକୁ ଚିହ୍ନିତ କରୁଛି। ଏହି ନୂତନ ଉତ୍ପାଦ ଶୃଙ୍ଖଳାରେ ଜେକେ ସୁପର ଷ୍ଟ୍ରଙ୍ଗ୍ ଓ ଜେକେ ସୁପର୍ ଆଦି ସାମିଲ ରହିଛି, ଯାହାକୁ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟରେ ଉନ୍ନତ ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଶୁଭାରମ୍ଭ ଓଡ଼ିଶାରେ ନିର୍ମାଣ ଶିଳ୍ପର ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଉଚ୍ଚମାନର ନିର୍ମାଣ ସାମଗ୍ରୀ ପ୍ରଦାନ କରିବା ପ୍ରତି ଜେକେସିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଜେକେସିଏଲ୍ ଗ୍ରୁପ୍‌ର ଅଧ୍ୟକ୍ଷ ଅମିତ କୋଠାରି କହିଛନ୍ତି, ଓଡ଼ିଶା ଆମ ପାଇଁ ଏକ ପ୍ରମୁଖ ବଜାର ହୋଇଥିଲାବେଳେ ଏଠାରେ ଆମର ଉତ୍ପାଦଗୁଡିକର ଅତ୍ୟାଧୁନିକ ଶୃଙ୍ଖଳର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ।

# ବିଶ୍ୱସ୍ତରୀୟ ଇଭି ଉତ୍କର୍ଷ କେନ୍ଦ୍ର ହେବ ଭାରତ

ନୂଆଦିଲ୍ଲୀ,୨୧।୧


ପାର୍ଥୋ ବାନାର୍ଜୀ

ବର୍ତ୍ତମାନର ପରିବେଶ ଓ ବଜାର ଚାହିଦାକୁ ଆଖିଆଗରେ ରଖି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍ଏସ୍ଆଇଏଲ) ମଧ୍ୟ ଇଲେକ୍ଟ୍ରିକ୍ ଭେଇକଲ ବା ଇଭି ଉତ୍ପାଦନରେ ମନୋନିବେଶ କରିଛି। ଏପରିକି ଭାରତକୁ ଇଭି ଉତ୍ପାଦନର ଏକ ବିଶ୍ୱସ୍ତରୀୟ ହବ୍ ବା ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ବ୍ରାଣ୍ଡ ପ୍ରୟାସ ଆରମ୍ଭ କରିଛି ବୋଲି ଏମ୍ଏସ୍ଆଇଏଲର ଏସ୍ଇଓ (ବିକ୍ରି ଏବଂ ବିପଣନ) ପାର୍ଥୋ ବାନାର୍ଜୀ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍ଏସ୍ଆଇଏଲ)ର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ୍ ଭେଇକଲ ବା ବି–ଇଭି ଏସ୍‌ୟୁଭି 'ଇ ଭିଟାରା'ର ଅନାବରଣ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ–୨୦୨୫ରେ ହୋଇଯାଇଛି। ଏପରିକି ଏଥିରେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବ୍ୟାପକ ପ୍ରିମିୟମ ସୁବିଧା ଏବଂ 'ଇ ଫର୍ ମି' ଇକୋ ସଲ୍ୟୁଶନ୍ସର ଫିଚର ଏହି ଯାନର ଚାହିଦା ଓ ଡିଜାଇନ୍‌କୁ ଆକର୍ଷିତ କରାଇଛି। ସେହିଭଳି ଅଲ ନ୍ୟୁ ହାର୍ଟଟେକ୍ଟ–ଇ ପ୍ଲାଟ୍‌ଫର୍ମରେ ନିର୍ମିତ ଏହି ମଡେଲ (ଇ ଭିଟାରା)କୁ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଉତ୍କୃଷ୍ଟ ପରିସୀମା ପ୍ରଦାନ କରିଥାଏ, ଯେଉଁଥିରେ ଅତୁଳନୀୟ ଆରାମ ଏବଂ ସୁରକ୍ଷା ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏପରିକି ନିରାପତ୍ତା ଓ ଜ୍ଞାନକୌଶଳ ଦୃଷ୍ଟିରୁ ଏଥିରେ ୭ଟି ଏୟାର ବ୍ୟାଗ୍ ଏବଂ ୨ସ୍ତରୀୟ ଏଡିଏଏସ୍ (ଆଡ୍‌ଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ସାମିଲ ରହିଛି। ସେହିପରି ଦେଶବ୍ୟାପୀ ନେକ୍ସା ଡିଲରଶିପ୍ ମାଧ୍ୟମରେ ଏହି ମଡେଲକୁ ପର୍ଯ୍ୟାୟକ୍ରମେ ରୋଲ୍‌ଆଉଟ ସହ ପ୍ରଦର୍ଶିତ କରାଯିବ। ଏପରିକି ବ୍ରାଣ୍ଡର ସମର୍ପଣ ଭାବକୁ ଦୋହରାଇ ଇ ଭିଟାରା ଜାପାନ ଏବଂ ୟୁରୋପ ଭଳି ବଜାର ସମେତ ୧୦୦ରୁ ଅଧିକ ଦେଶକୁ ମଧ୍ୟ ରପ୍ତାନି କରାଯିବ ବୋଲି ବାନାର୍ଜୀ ପ୍ରକାଶ କରିଛନ୍ତି।

# ଆଜିଠାରୁ ଫୁଲ୍ ପଇସା ଅସୁଲ ସେଲ୍




ମୁମ୍ବାଇ,୨୧।୧: ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ଅଫର 'ଫୁଲ୍ ପଇସା ଅସୁଲ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବର୍ତ୍ତମାନର ଏହି ଦରଦାମ ବୃଦ୍ଧି (ମେହେଙ୍ଗାଇକା ମିଟର) ସମୟରେ ଗ୍ରାହକଙ୍କୁ କିଛି ପରିମାଣର ରିହାତି ମିଳିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟକୁ ଏହି ଅଫର ବିଶେଷ ଭାବେ ସୁଲଭ କରିଥାଏ। ଏହି ଅଫର ୨୦୨୫ ଜାନୁୟାରୀ ୨୨ରୁ ୨୬ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବଜାରରେ ଉପଲବ୍ଧ ରହିଛି। ଏହି ୫ ଦିନିଆ ସେଲ ମାଧ୍ୟମରେ ଗ୍ରାହକ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣିରେ ଆକର୍ଷଣୀୟ ରିହାତି ପାଇପାରିବେ। ସେହିଭଳି ରିଲାଏନ୍ସ ସ୍ମାର୍ଟ ବଜାରର ସମସ୍ତ ଷ୍ଟୋରରେ ଗ୍ରାହକ ୫କେଜି ଚାଉଳ ଏବଂ ୩ ଲିଟର ଖାଇବା ତେଲ ମାତ୍ର ୭୯୯ ଟଙ୍କାରେ କ୍ରୟ କରିପାରିବେ। ଏପରିକି ୩ଟି ଅଣ୍ଡାଜାତୀୟ ଉତ୍ପାଦ (କୋଲ୍ଡ୍ରିଙ୍କ୍ସ) କିଣିଲେ ଆଉ ଗୋଟିଏ ଅଣ୍ଡା ସମ୍ପୂର୍ଣ୍ଣ ମାଗଣା (ବାଏ ୩ ଗେଟ ୧ ଫ୍ରି) ପାଇପାରୁଥିଲାବେଳେ ୨ଟି ବିସ୍କୁଟ କିଣିଲେ ଗୋଟିଏ ବିସ୍କୁଟ ସମ୍ପୂର୍ଣ୍ଣ ମାଗଣା (ବାଏ ୨ ଗେଟ ୧ ଫ୍ରି) ଏବଂ ଡିଟରଜେଣ୍ଟ ଉପରେ ୩୩%ର ଆକର୍ଷଣୀୟ ରିହାତି ସମ୍ପୃକ୍ତ ଷ୍ଟୋର ପକ୍ଷରୁ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ଭାରତରେ ସ୍ମାର୍ଟ ବଜାରର ୯୦୦ରୁ ଅଧିକ ଆଉଟଲେଟ ରହିଛି। ଏହି ଆଉଟଲେଟଗୁଡ଼ିକରେ ଦୈନନ୍ଦିନ ଜୀବନର ଆବଶ୍ୟକ ସମସ୍ତ ପ୍ରକାରର ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ।

# ଟାଟା ପାୱାର ସହ ଓରେଡାର ବୁଝାମଣା

ଭୁବନେଶ୍ୱର,୨୧।୧ (ଅଭୟ ଦାଶ)




ଟାଟା ପାୱାର ଏବଂ ଓରେଡା ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଟାଟା ପାୱାରର ସହାୟକ କମ୍ପାନୀ ଟାଟା ପାୱାର ରିନ୍ୟୁଏବଲ ଏନର୍ଜି ଲିମିଟେଡ୍ ବା ଟିପିଆର୍‌ଇଏଲ୍ ଆବାସିକ ଗ୍ରାହକଙ୍କ ମଧ୍ୟରେ ରୁଫ୍‌ଟପ୍ ସୋଲାର ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଅକ୍ଷୟ ଶକ୍ତି ଲାଗି ରାଜ୍ୟର ନୋଡାଲ ଏଜେନ୍ସି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଓରେଡା ଲିମିଟେଡ୍) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଏହି ବୁଝାମଣା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା (ପିଏମ୍‌ଏସ୍‌ଜିୱାଇ)ର କାର୍ଯ୍ୟକାରୀ କରି ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମିଳିତ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଅପରପକ୍ଷରେ ଟାଟା ପାୱାର ୪ଟି ଡିସ୍‌କମ୍ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପରିଚାଳନା କରୁଛି। ଏହି ଡିସ୍‌କମ୍‌ଗୁଡିକ ଜରିଆରେ ସରକାର ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରାଇବେ। ଏହା ଘରେ ଘରେ ସୌର ଶକ୍ତି ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଓରେଡା ଲିମିଟେଡ୍‌ର ସିଇଓ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏବଂ ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡ. ପ୍ରବୀର ସିହ୍ନା ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ।

ଏ ନେଇ ସିହ୍ନା କହିଛନ୍ତି, ଓରେଡା ସହ ଦ୍ୱିପାକ୍ଷିକ ବୁଝାମଣା ରାଜ୍ୟର ଜନସାଧାରଣଙ୍କ ପ୍ରତି ଟାଟା ପାୱାରର ସ୍ଥାୟୀ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ଆମେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାକୁ ସମର୍ଥନକରି ଗର୍ବ ଅନୁଭବ କରୁଛୁ ଏବଂ ସୌର ଶକ୍ତିକୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ସହ ଯୋଡ଼ି ହୋଇଛୁ। ସେହିଭଳି ପ୍ରଧାନ କହିଛନ୍ତି, ଓଡ଼ିଶାରେ ବିପୁଳ ସୌର ଶକ୍ତିର ସମ୍ଭାବନା ରହିଛି, ଯାହାକୁ ରାଜ୍ୟର ବଢୁଥିବା ଶକ୍ତି ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ପାଇଁ ପ୍ରଭାବଶାଳୀ ଭାବେ ଉପଯୋଗ କରାଯିବା ଆବଶ୍ୟକ ରହିଛି।

# ୩ୟ ତ୍ରୈମାସିକରେ ନେଟ୍ ଲାଭ ୧୯୦୮ କୋଟି

ନୂଆଦିଲ୍ଲୀ,୨୧।୧

ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ଓ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ୨୦୨୪–୨୫ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ବ୍ୟାଙ୍କର ନେଟ୍ ପ୍ରଫିଟ ୧୯୦୮ କୋଟି ଟଙ୍କା ରହିଛି, ଯାହା ବାର୍ଷିକ ଆଧାରରେ ୩୧%ର ଏକ ମଜଭୁତ ଅଭିବୃଦ୍ଧି ହାସଲ କରିଛି। ଏହି ଅବଧି ମଧ୍ୟରେ ବ୍ୟାଙ୍କର ପରିଚାଳନାଗତ ଲାଭ ୨୮୦୨ କୋଟି ଟଙ୍କା ଏବଂ ସୁଧ ମାର୍ଜିନ ବା ଏନ୍ଆଇଏମ୍ ୫.୧୭% ଓ ନେଟ୍ ସୁଧ ଆୟ ବାର୍ଷିକ ୨୩% ବୃଦ୍ଧି ହୋଇ ୪୨୨୮ କୋଟି ଟଙ୍କା ରହିଛି। ସେହିଭଳି ଏହି ତ୍ରୈମାସିକରେ କଷ୍ଟ ଅଫ୍ ଡିପୋଜିଟ ୪.୬୩% ରହିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୪.୩୪% ଥିଲା। ଏପରିକି ଏହାର ସିଆର୍ଏଆର୍ ବାର୍ଷିକ ୧୬୬ ବିପିଏସ୍ ବୃଦ୍ଧି ହୋଇ ୨୧.୯୮% ରହିଛି। ଏହାଛଡା ରିଟର୍ନ ଅନ୍ ଆସେଟ୍ସ (ଆର୍‌ଓଏ) ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ୨୯ ବିପିଏସ୍‌ରେ ୧.୯୯% ରେକର୍ଡ କରାଯାଇଛି,ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧.୭୦% ରହିଥିଲା। ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) ବାର୍ଷିକ ୫୬ ବିପିଏସ୍ ବୃଦ୍ଧିହୋଇ ୨୦.୧୩% ରହିଛି। ସେହିପରି ୩ୟ ତ୍ରୈମାସିକରେ ଶୁଦ୍ଧ ଏନ୍‌ପିଏ ୦.୧୮% ରହିଛି, ଯାହା ୨୦୨୩ ଡିସେମ୍ବର ୩୧ରେ ୦.୩୪% ଥିଲା। ମୋଟ ଏନ୍‌ପିଏ ୨୦୨୩ ଡିସେମ୍ବର ୩୧ରେ ୪.୬୯%ରୁ ହ୍ରାସ ପାଇ ୩.୫୭% ରହିଛି।

# କେନ୍ଦୁଝରରୁ ନେଇ ଭୁବନେଶ୍ୱରରେ ଦେହ ବ୍ୟବସାୟ

## ପିତୃମାତୃହୀନ ନାବାଳିକା ଉଦ୍ଧାର ପରେ ପର୍ଦ୍ଦାଫାଶ ହେଲା ଘଟଣା

କେନ୍ଦୁଝର,୨୧।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଜଣେ ୧୬ ବର୍ଷ ବୟସ୍କା ପିତୃମାତୃହୀନ ନାବାଳିକାଙ୍କୁ ଭୁବନେଶ୍ୱର ଚାଲାଣ କରି ଦେହ ବ୍ୟବସାୟରେ ଲଗାଯାଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କାଉନସେଲିଂ ବେଳେ ନାବାଳିକା ଏଭଳି ବୟାନ ଦେଇଥିବା ଜଣାପଡ଼ିଛି। କେନ୍ଦୁଝର ଶିଶୁ ମଙ୍ଗଳ କମିଟିର ହସ୍ତକ୍ଷେପ ପରେ ନାବାଳିକାଙ୍କୁ କେନ୍ଦୁଝରସ୍ଥିତ ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଯାଇଛି। ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ସେମାନେ ହେଲେ ରଞ୍ଜିତ ସାହୁ ଓ ସୁଶୀଳା ପାତ୍ର। ଜିଲାରେ ନାବାଳିକା ଚାଲାଣ ଓ ଦେହ ବ୍ୟବସାୟ ଘଟଣା ଏବେ ଆଲୋଡ଼ନ ସୃଷ୍ଟି କରିଛି। ଏହାର ଠିକ୍ ତଦନ୍ତ ହେଲେ ମାନବ ଚାଲାଣ ଓ ଦେହ ବ୍ୟବସାୟରେ ନିୟୋଜନ ଘଟଣା ପଦାକୁ ଆସିପାରିବ ବୋଲି ମତପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଏକ ବର୍ଷ ପୂର୍ବେ କେନ୍ଦୁଝର ଜିଲା ଗୁରୁମୁଣ୍ଡା ଥାନା କିଆପଡ଼ା ଗ୍ରାମର ରଞ୍ଜିତ ଓ ସୁଶୀଳା ନାବାଳିକାଙ୍କ ଆଈଙ୍କୁ ଭେଟିଥିଲେ। ଘର କାମରେ ସାହାଯ୍ୟ କରିବାକୁ କହି ନାବାଳିକାଙ୍କୁ ଡାକି ନେଇଥିଲେ। ନାବାଳିକାଙ୍କୁ ପ୍ରଥମେ କେନ୍ଦୁଝର ସହର ସ୍ୱଚ୍ଛ କଲୋନୀରେ ଏକ ଭଡ଼ାଘରେ ରଞ୍ଜିତଙ୍କ ପାଖରେ ରଖାଯାଇଥିଲା। ସେଠାରେ ସୁଶୀଳା ଓ ତାଙ୍କ ଝିଅ, ପୁଅ ମଧ୍ୟ ରହୁଥିଲେ। ପରେ ରଞ୍ଜିତ ବକଦେବେଜାଓ କଲୋନୀରେ ଏକ ଭଡ଼ା ଘରକୁ ଯିବାପରେ ସେଠାରେ ନାବାଳିକା ତାଙ୍କ ସହିତ ରହିଥିଲେ। ରଞ୍ଜିତ ବିଭିନ୍ନ ଲୋକଙ୍କୁ ଘରକୁ ଡାକି ଆଣିଥି। ଉକ୍ତ ବ୍ୟକ୍ତିମାନେ ନାବାଳିକାଙ୍କ ସହ ଯୌନସମ୍ପର୍କ ରଖିଥିଲେ। ଏଭଳି ଦିନକୁ ୫ରୁ ୬ ଜଣ ଲୋକ ଆସନ୍ତି, ଏନେଇ ବାରଣ କଲେ ଧମକ ଦିଆଯାଉଥିବା ନାବାଳିକା କହିଛନ୍ତି। କିଛିଦିନ ପରେ ଭୁବନେଶ୍ୱରରୁ ଡଲି ସ୍ୱାଇଁ ନାମ୍ନୀ ମହିଳା ମିଲୁ ନାମକ ଯୁବକଙ୍କ ସହ ବକଦେବେଜାଓ କଲୋନୀ ଆସିଥିଲେ। ନାବାଳିକାଙ୍କୁ ବୋହୂ କରିବାକୁ କହି ଡଲି ସାଙ୍ଗରେ ଭୁବନେଶ୍ୱର ନେଇଯାଇଥିଲେ। ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ଏକ ବସ୍ତିରେ ରଖିଥିଲେ। ଡଲିଙ୍କ ଘରେ ଆଉ ୩ଜଣ ଝିଅ ଥିଲେ। ସେଠାରେ ମିଲୁ ନାବାଳିକାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖୁଥିଲେ। ପରେ ଡଲି ଓ ମିଲୁ ଅନ୍ୟ ଲୋକଙ୍କୁ ଡକାଇ ଯୌନ ନିର୍ଯାତନା ଦେଉଥିଲେ। ସେଠାରେ ମଧ୍ୟ ଦିନକୁ ୫ରୁ ୬ ଜଣ ଲୋକ ଆସି ଶାରୀରିକ ସମ୍ପର୍କ ରଖୁଥିଲେ। ଏପରିକି ନାବାଳିକାଙ୍କ ୨ ଥର ଗର୍ଭପାତ କରାଯାଇଛି। ସେଠାରୁ ଜଣେ ଝିଅ ଖସିଯାଇ ପୋଲିସକୁ ସୂଚନା ଦେବା ପରେ ଡିସେମ୍ବର ୧୨ରେ ଖଣ୍ଡଗିରି ପୋଲିସ ଚଢ଼ାଉ କରି ନାବାଳିକାଙ୍କ ସମେତ ଅନ୍ୟ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେଠାରେ ଏକ ଓପନ ସେଲ୍ଟରରେ ରଖାଯାଇଥିଲା। ନାବାଳିକାଙ୍କ ଘର କେନ୍ଦୁଝର ହୋଇଥିବାରୁ ଆଇନଗତ ପଦକ୍ଷେପ ନେବାକୁ ଖଣ୍ଡଗିରି ପୋଲିସ କେନ୍ଦୁଝରକୁ ସ୍ଥାନାନ୍ତରିତ କରିଥିଲା। କେନ୍ଦୁଝର ଶିଶୁ ମଙ୍ଗଳ କମିଟିର ହସ୍ତକ୍ଷେପ ପରେ ନାବାଳିକାଙ୍କୁ ଜିଲା ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଯାଇଥିଲା। ଏପରିକି ମୁକ୍ତାଶ୍ରୟ କେନ୍ଦ୍ରରୁ ଉକ୍ତ ନାବାଳିକାଙ୍କୁ ନେଇଯିବାକୁ ଅଭିଯୁକ୍ତମାନେ ବହୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୋମବାର ମୁକ୍ତାଶ୍ରୟ କେନ୍ଦ୍ର ପକ୍ଷରୁ କାଉନ୍ସେଲିଂ ବେଳେ ନାବାଳିକା ଉପରୋକ୍ତ କଥା କାହାଣୀ ବଖାଣିଥିଲେ। ନାବାଳିକାଙ୍କ ବୟାନକୁ ଭିତ୍ତିକରି ମୁକ୍ତାଶ୍ରୟ କେନ୍ଦ୍ର ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା(ନଂ. ୪୩/୨୦୨୫) ରୁଜୁ କରିଛି। ଘଟଣାରେ ସମ୍ପୃକ୍ତ ୨ ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ଓ ସୁଶୀଳାଙ୍କୁ ସୋମବାର ରାତିରେ ଗିରଫ କରାଯାଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଘଟଣାରେ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ତଦନ୍ତ ପରେ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନାବାଳିକାଙ୍କୁ ବଳାତ୍କାର, ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୨୧।୧ (ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

୧୪ ବର୍ଷର ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତ ପଣ୍ଡାପଡ଼ା ଥାନା ସାରିଆ ଗ୍ରାମର ମକୁରୁ ଜୁଆଙ୍ଗ (୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ୨୦୧୯ ଫେବୃଆରୀ ୧ରେ ଆଶ୍ରମ ସ୍କୁଲରେ ରହି ପଢୁଥିଲେ। ଅଭିଯୁକ୍ତ ନାବାଳିକାଙ୍କୁ ତାଙ୍କୁ ଭାଉଜଙ୍କ ସହାୟତାରେ ଆଶ୍ରମ ସ୍କୁଲରୁ ନେଇ ଆସିଥିଲେ। ଭାଉଜଙ୍କୁ ଘରେ ଛାଡ଼ିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଭାଇ ପାଖକୁ ଯିବାକୁ କହି ନେଇଯାଇଥିଲେ। ବାଟରେ ଏକ ଜଙ୍ଗଲରେ ତାଙ୍କୁ ବଳାତ୍କାର କରିଥିଲେ। ପରେ ନିଜ ଘରକୁ ନେଇ ଭାଇ ଧାର ନେଇଥିବା ଟଙ୍କା ଫେରସ୍ତ ନ କଲେ ଛାଡ଼ିବେ ନାହିଁ ବୋଲି କହିଥିଲେ। ନାବାଳିକାଙ୍କ ମା'ବାପା ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଜଣାଇବା ସହ ପଣ୍ଡାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଏକ ମାମଲା(ନଂ. ୮/୧୯)ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ବିଚାରପତି ୨୧ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ କରିଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ୨୮କୁ ଘୁଞ୍ଚିଲା ହଂସିତାଙ୍କ ଜାମିନ ଶୁଣାଣି

ଭୁବନେଶ୍ୱର,୨୧।୧
(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହଂସିତା ଅଭୀଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦଙ୍କ ଜାମିନ ଆବେଦନର ଶୁଣାଣି ୨୮ତାରିଖକୁ ଘୁଞ୍ଚିଛି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍-୨ଙ୍କ କୋର୍ଟରେ ହଂସିତାଙ୍କ ଜାମିନ ଆବେଦନ ଶୁଣାଣି ଥିଲା। ତେବେ କୋର୍ଟ ଏହି ପିଟିଶନ୍‌ର ଶୁଣାଣିକୁ ପୁଣି ଘୁଞ୍ଚାଇ ଦେଇଛନ୍ତି। ମାମଲାରେ ବିଭିନ୍ନ ଦସ୍ତାବିଜ ସଂଗ୍ରହ କରି କୋର୍ଟଙ୍କ ନିକଟରେ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀ ସମୟ ନେଇଛନ୍ତି। ହଂସିତାଙ୍କ ନାଁରେ ପାସପୋର୍ଟ ଜାଲିଆତି ଓ ଯୁବତୀ ଚାଲାଣ ନେଇ ଇନ୍‌ଫୋସିଟି ଥାନାରେ ଆଉ ଦୁଇଟି ମାମଲା ରୁଜୁ ହୋଇଥିବାରୁ ତାଙ୍କ ପାଇଁ ଏହା ଅଡୁଆ ସୃଷ୍ଟି କରିପାରେ। ଏପରିକି ହଂସିତାଙ୍କୁ ଜାମିନ ମିଳିବା ଅଧିକ ବିଳମ୍ବ ହୋଇପାରେ ବୋଲି ସୂଚନା ମିଳିଛି। ହଂସିତା ଓ ଅନିଲ ମହାନ୍ତି ତାଙ୍କ ଅତିଥିମାନଙ୍କୁ କଲ୍ ଗର୍ଲ ଯୋଗାଉଥିବା ମାମଲାରେ ପୋଲିସ ଅଧିକ ତଦନ୍ତ କରୁଛି। ଏପରିକି ମୋବାଇଲ ଚାର୍ଟରେ ଥିବା ଗ୍ରାହକ ଓ ଯୁବତୀମାନଙ୍କୁ ପୋଲିସ ଯୋଗାଯୋଗ କରି ଅଧିକ ତଥ୍ୟ ଯୋଗାଡ କରୁଛି। ପ୍ରକାଶ ଯେ, ସ୍ୱାମୀ ସରୋଜ ସାହୁଙ୍କ ଦେହ ଅସୁସ୍ଥ ଦର୍ଶାଇ ହଂସିତା ଜାମିନ ଆବେଦନ କରିଥିଲେ ସୁଦ୍ଧା ଜେଲରୁ ଶୀଘ୍ର ମୁକୁଳିବା ତାଙ୍କ ପାଇଁ ସମ୍ଭବ ହୋଇପାରିନାହିଁ।

# ପିତୃହନ୍ତାଙ୍କୁ ୭ ବର୍ଷ ଜେଲ

କେନ୍ଦୁଝର,୨୧।୧(ନରେଶ ଚନ୍ଦ୍ର
ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲାଜଜ୍ ମମିତା ଦାସଙ୍କ କୋର୍ଟରେ ଏକ ହତ୍ୟା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ବାପାଙ୍କୁ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସଦରଥାନା କାଠବାରିର ପ୍ରଶାନ୍ତ ମହାକୁଡ଼ (୩୮)ଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ୧୫ ତାରିଖ ସନ୍ଧ୍ୟା ୫ଟାରେ ଅଭିଯୁକ୍ତ ତାଙ୍କ ବାପା ଅନୁରୋଧ ମହାକୁଡ଼ଙ୍କୁ ଗୋଇଠା ମାରିଥିଲେ। ଅନୁରୋଧ ଅଚେତ ହୋଇଯାଇଥିବାବେଳେ ୧୬ ତାରିଖ ଦିନ ତାଙ୍କୁ ମେଡିକାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୩୯୪/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୧୨ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

# ଟିଟିଲାଗଡ଼ରୁ ମୁଖ୍ୟ ଅଭିଯୁକ୍ତ ଗିରଫ, ସହଯୋଗୀ କୋର୍ଟ ଚାଲାଣ

## ନିଖୋଜ ଯୁବତୀ ଜଙ୍ଗଲରୁ ଉଦ୍ଧାର ଘଟଣା

ବରଗଡ଼,୨୧।୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରାରୁ ନିଖୋଜ ଯୁବତୀଙ୍କୁ ଜଙ୍ଗଲକୁ ଅପହରଣ କରି ନେଇ ବଳାତ୍କାର, ହତ୍ୟା ଉଦ୍ୟମ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟା ୬ଟା ୩୦ରେ ପୋଲିସ ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଷ୍ଟେଶନରୁ ଗିରଫ କରିଛି। ସେ ହେଲେ ରାକେଶ ଓନସନା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଗଠିତ ପୋଲିସର ସ୍ୱତନ୍ତ୍ର ଟିମ୍ ହାତରେ ରାକେଶ ଧରାପଡ଼ିଥିଲେ। ସେଠାରୁ ତାଙ୍କୁ ବରଗଡ଼ ଅଣାଯାଉଛି ବୋଲି ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ସୂଚନା ଦେଇଛନ୍ତି।

ସେହିପରି ଉକ୍ତ ମାମଲାରେ ସୋମବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର୍ କରାଇବାରେ ସହଯୋଗ କରିଥିବା ୩ଜଣଙ୍କୁ କୋର୍ଟଚାଲାଣ କରିଥିବାବେଳେ ମଙ୍ଗଳବାର ଆଉଜଣେ ସହଯୋଗୀଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ, ବରଗଡ଼ ବ୍ଲକ ଖଣ୍ଡହଥା ନିକଟ ମାଲିପାଲି ଗ୍ରାମର ରାହୁଲ ଭୋସାଗର। ପୀଡ଼ିତାଙ୍କ ମା'ଙ୍କ ଏତଲାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦଫା ୬୪(୧), ୧୧୫(୨), ୧୧୮(୧), ୧୦୯(୧), ୬୨ବିଏନଏସ୍ ଏବଂ ୩ଏସ୍‌ସି, ଏସ୍‌ଟି ପି.ଏ ଆକ୍ଟରେ ଏକ ମାମଲା(ନଂ-୨୫/୨୦୨୫) ରୁଜୁ କରିଛି।

ପ୍ରକାଶ ଯେ, ଗତ ୧୨ତାରିଖରେ ପୀଡ଼ିତା ଧନୁଯାତ୍ରା ଦେଖିବାକୁ ଆସି ଆଉ ଘରକୁ ଫେରି ନ ଥିଲେ। ନିଖୋଜ ହେବାର ୪୮ ଘଣ୍ଟା ପରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବରଗଡ଼ ସହର ଉପକଣ୍ଠ କୁର୍ଲା ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ଭିମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ପୀଡ଼ିତାଙ୍କୁ ଅପହରଣ ପରେ ବଳାତ୍କାର ଏବଂ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ତାଙ୍କ ମା' ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲା। ଫଳରେ ମଙ୍ଗଳବାର ବରଗଡ଼ ନାଗରିକ କମିଟି ୧୨ଘଣ୍ଟିଆ ବରଗଡ଼ ବନ୍ଦ ଡାକରା ଦେଇଥିଲା। ସନ୍ଧ୍ୟା ୬ଟାରେ ବନ୍ଦ ପାଳନ ସରିବା ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିଥିବା ଜଣାପଡ଼ିଥିଲା।

# ବିକଟାଳ ଶବ୍ଦ କରୁଥିବା ଶତାଧିକ ବାଇକ୍ ଜବତ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କମିଶନରେଟ ପୋଲିସର ଚଢ଼ାଉ

ଭୁବନେଶ୍ୱର,୨୧।୧
(ସୂର୍ଯ୍ୟକାନ୍ତ ବେହେରା)


ଜବତ ସାଇଲେନ୍ସର।

ବେଆଇନ ଭାବେ ଗାଡ଼ିରେ ଭଳିକି ଭଳି ମଡିଫାଏଡ୍ ସାଇଲେନ୍ସର ଲଗାଇ ରାସ୍ତାରେ ଭୟଙ୍କର ଶବ୍ଦ ସୃଷ୍ଟି କରୁଥିବା ବାଇକ୍ ଚାଳକଙ୍କୁ ଆଉ ତ୍ରାହି ନାହିଁ। ବିକଟାଳ ଶବ୍ଦ ତଥା ବାଣ ଫୁଟାଇଲା ଭଳି ସାଉଣ୍ଡ କରି ରାଜଧାନୀ ରାସ୍ତାରେ ପଥଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଥିବା ଚାଳକଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କମିଶନରେଟ ପୋଲିସ ଏକ ସ୍ପେଶାଲ ଡ୍ରାଇଭ ଅଭିଯାନ ଆରମ୍ଭ କରିଛି। ସହରସାରା ଚଢ଼ାଉ କରି ୧୦୦ ରୁ ଅଧିକ ବାଇକ୍ ଧରିଥିଲେ। ଏହାସହ ଧରାଯାଇଥିବା ଗାଡ଼ିଗୁଡ଼ିକରୁ ସାଇଲେନ୍ସର ବାହାର କରାଯାଇ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

ଘଟଣାକୁ ନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ଏହି ଚଢ଼ାଉ ଜାରି ରହିବ। ସେହିପରି ଯଦି କୌଣସି ବ୍ୟକ୍ତି ଟ୍ରାଫିକ୍ ନିୟମ ଉଲଂଘନ କରିବା ସହ ଅଧିକ ବିଶୃଙ୍ଖଳା ସୃଷ୍ଟି କରିବେ ତାହାଲେ ଆଇନ ଅନୁଯାୟୀ ଉକ୍ତ ବ୍ୟକ୍ତିଙ୍କୁ ଗିରଫ ମଧ୍ୟ କରାଯିବ। ଏହାସହ ସହରରେ ଯଦି ଲୋକେ ବିକଟାଳ ଶବ୍ଦ କରି କିଏ ଗାଡ଼ି ଚଲାଉଥିବେ ତା'ହେଲେ ୧୧୨କୁ କଲ୍ କରି ଜଣାଇବାକୁ ରାଜଧାନୀବାସୀଙ୍କୁ ଡିସିପି ମିଶ୍ର ନିବେଦନ କରିଛନ୍ତି। ଅନ୍ୟପଟେ ଜବତ ମୋଟରସାଇକେଲ ମଧ୍ୟରୁ ବୁଲେଟ ଗାଡ଼ି ଅଧିକାଂଶ ଥିବା ଜଣାପଡ଼ିଛି। ଯୁବପିଢ଼ିମାନେ ନିଜ ସଉକ ପାଇଁ ରାସ୍ତାରେ ଏଭଳି ଉତ୍ପାତ କରୁଥିବା ପୋଲିସ ଜାଣିବାକୁ ପାଇଛି।

# ହଂସମଠରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଘମାରୀ, ୨୧।୧
(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ଅତ୍ରିସ୍ଥିତ ହଂସମଠରୁ ଆଜି ସକାଳେ ଅନ୍ତେବାସୀ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର କରି ପୁଲିସ ।ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।ସୂଚନା ମୁତାବକ ନାଚୁଣୀ- ଜଗବନ୍ଧୁପୁର ଶାସନର ବସନ୍ତ କୁମାର ରଣାଙ୍କ ପୁଅ ପ୍ରଶାନ୍ତ ରଣା ଓରଫ ମୁନା (୨୯) ଟଙ୍କାପଇସା ପାଇଁ ମାନସିକ ଚାପରେ ଥିଲା ।ଏବେ କିଛିଦିନ ହେଲା ହଂସମଠରେ ମାନସିକ ଶାନ୍ତି ପାଇଁ ରହି ଆସୁଥିଲା ।ଆଜି ସକାଳେ ମଠର ଅନ୍ତେବାସିନୀ ଅର୍ଣ୍ଣପୂର୍ଣ୍ଣା ଦାସ ମୁନା ରସିରେ ଝୁଲୁଥିବା ଦେଖି ସମସ୍ତଙ୍କୁ ଜଣାଇଥିଲେ ।ପୁଲିସ ପହଁଚି ଶବ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ତେବାସିନୀ ଅର୍ଣ୍ଣପୂର୍ଣ୍ଣାଙ୍କ ଅଭିଯୋଗ ମୁତାବକ ୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।ଘଟଣାର ତଦନ୍ତକାରୀ ଅଧିକାରୀ ଥାନା ଏଏସଆଇ ରଞ୍ଜିତ କୁମାର ନାୟକ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ୨ ଅଟୋ ଚାଳକଙ୍କୁ ଆଜୀବନ ଜେଲଦଣ୍ଡ

## ଡିସିପି ଅଫିସ ସାମ୍ନାରେ ପାନଦୋକାନୀଙ୍କୁ ହତ୍ୟା ଘଟଣା


ଅଶୋକ ଦାସ


ମନୋଜ ଦାସ

ଭୁବନେଶ୍ୱର,୨୧।୧
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ବାଣୀବିହାର ଛକସ୍ଥିତ ଡିସିପି ଅଫିସ ସମ୍ମୁଖ ମେଟ୍ରୋ ହାଉସ ପାର୍ଶ୍ୱରେ ପାନଦୋକାନୀ ସୌମ୍ୟରଞ୍ଜନ କୁଣ୍ଡାଙ୍କୁ ହତ୍ୟା ଘଟଣାର ୨ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟର ବିଚାରପତି ନିଶିତ୍ ନିସାଙ୍କ ମାମଲାର ବିଚାର କରି ହତ୍ୟାକାଣ୍ଡ ଘଟାଇଥିବା ୨ ଅଟୋ ଚାଳକଙ୍କୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିରେ ରହୁଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ମମ୍ବୁଲା ଗ୍ରାମର କାବୁ ଓରଫ ଅଶୋକ ଦାସ ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୋବୁକୁଟି ବସ୍ତିରେ ରହୁଥିବା ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ପାପୁନି ଓରଫ ମନୋଜ ଦାସ। ଉଭୟଙ୍କୁ ଆଜୀବନ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ମୃତକ ସୌମ୍ୟରଞ୍ଜନ ବାଣୀବିହାର ଛକ ନିକଟସ୍ଥ ମେଟ୍ରୋ ବିଲ୍ଡିଂ ନିକଟବର୍ତ୍ତୀ ସ୍ଥାନରେ ଏକ ପାନ ଦୋକାନ କରି ପରିବାର ଚଳାଉଥିଲେ। ସାନ ଭାଇ ସାଗର ମଧ୍ୟ ବଡ଼ ଭାଇଙ୍କ ପାନ ଦୋକାନ ନିକଟରେ ଏକ ହୋଟେଲ ବ୍ୟବସାୟ କରୁଥିଲେ। କାବୁ ଓ ପାପୁନି ବ୍ରାଉନସୁଗାର ସେବନ କରିବା ସହ ସ୍ଥାନୀୟ ଦୋକାନୀଙ୍କଠୁ ବଟି ମାଗିଥାନ୍ତି। ସେମାନେ ଅଟୋ ଚଳାଇ ସେଠାରେ ପାର୍କିଂ କରିବା ସହ ନିଜର ଉପସ୍ଥିତି ଜାହିର କରୁଥିଲେ। ସୌମ୍ୟରଞ୍ଜନଙ୍କୁ ଅଭିଯୁକ୍ତଦ୍ୱୟ ବଟି ମାଗିବାକୁ ନେଇ ପୂର୍ବରୁ ବିବାଦ ଥିଲା। ଏପରିକି ସାଗରଙ୍କ ହୋଟେଲରେ ଅଭିଯୁକ୍ତଦ୍ୱୟ ବଳପୂର୍ବକ ଆମିଷ ଆଣି ଖାଉଥିବାରୁ ଝଗଡ଼ା ହେଉଥିଲା। ଏହାକୁ କେନ୍ଦ୍ର କରି ସୌମ୍ୟରଞ୍ଜନଙ୍କୁ ହତ୍ୟା କରିବାକୁ ଅଭିଯୁକ୍ତଦ୍ୱୟ ଷଡ଼ଯନ୍ତ୍ର କରିଥିଲେ। ୨୦୨୨ ଅଗଷ୍ଟ ୩୧ ରାତି ପ୍ରାୟ ୨ଟା ବେଳେ ସୌମ୍ୟରଞ୍ଜନଙ୍କୁ କାବୁ ଓ ପାପୁନି ଚାପଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ସୌମ୍ୟରଞ୍ଜନଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସ ନିଆଯାଇଥିଲା। ଏମ୍ସରେ ସୌମ୍ୟରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାନଭାଇ ସାଗରଙ୍କ ଏତଲାକ୍ରମେ ଶହୀଦନଗର ଥାନା ପୋଲିସ ଏନେଇ ମାମଲା (ନଂ.୪୧୮/୨୦୨୨) ରୁଜୁ କରି ତଦନ୍ତ କରି କାବୁ ଓ ପାପୁନିଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ପବ୍ଲିକ୍ ପ୍ରସିକ୍ୟୁଟର ଶରତ ଚନ୍ଦ୍ର ସାମନ୍ତ ଓ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରଶ୍ମୀରଞ୍ଜନ ବ୍ରହ୍ମା ପରିଚାଳନା କରୁଥିଲେ। ୧୮ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ରାୟ ଶୁଣାଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଢୋକେ ପିଇ
ଦଣ୍ଡେ ଜିଇ।**

ଅବସ୍ଥା ଚକ୍ରରେ ଆଶ୍ୱାସନା ଲଭିବାର ସୂତ୍ର। ଗରିବ ହେଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼େ। ଦୁଃଖୀ ଅଭାବୀ ମଣିଷଙ୍କ ପକ୍ଷେ ଜୀବନଟା ବୋଝ ପାଲଟିଯାଉଥିବା ବେଳେ କଷ୍ଟେମଷ୍ଟେ ସମୟ ଅତିବାହିତ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତମାଖୁ, ଗୁଡ଼ାଖୁ, ମଇଦା
ଯେତେ ରଗଡ଼ିବୁ ରଗଡଲୋ ମା'
ସବୁଠୁ ମିଳିବ ଫାଇଦା।**

ତମାଖୁ ଓ ଗୁଡ଼ାଖୁ ବହୁ ସମୟ ଧରି ରଗଡ଼ିବା ଫଳରେ ଏହାର ଉପାଦେୟତା ବା ସ୍ୱାଦ ଅଧିକ ମିଳିଥାଏ। ସେହିପରି ମଇଦାକୁ ଅଧିକ ଚକଟିବା ଫଳରେ ତାହା ଅଧିକ ନରମ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉଠାଯାଇଥିବା ପାଣିପାଗର ଚିତ୍ର।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

No. O-1300 E-mail: eerw_kuchinda@yahoo.com

**"e" Procurement Notice for Building Works**

Identification No. Online Tender/11/RWD, Kuchinda/2024-25

1. Name of the Work : Building Works
2. Total Number of Works : 3 Nos.
3. Class of Contractor : "C" & "D" Class of Contractor
4. Period of Completion : 01 Calendar Months
5. Availability of Tender Online for Bidding : Dt.27.01.2025 to Dt.06.02.2025
6. Last date & time of seeking tender clarification : Dt.05.02.2025 at 5.00 A.M.
7. Date & time of opening of Tender : Dt.07.02.2025 at 11.00 A.M.

- Other details can be seen from Detailed notice inviting tenders, available in website **www.tenderodisha.gov.in**.
- Corrigendum if any shall only be published in the above website.

Sd./- Addl. Chief Engineer (I/C)
R.W. Division, Kuchinda
OIPR-25151/11/0021/2425

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O. THE SUPERINTENDING ENGINEER**
**ANGUL IRRIGATION DIVISION, ANGUL**
e-Mail Id: eeangulirrigation@gmail.com

**'e' Procurement Notice No. SE-AID-9/2024-25**

No. A-916: The Superintending Engineer, Angul Irrigation Division, Angul on behalf of the Governor of Odisha invites online percentage rate basis bid in Double Cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 01 (One) No. Flood Protection Work |
| 2 | Cost of work put to tender | : | Approximately Rs.88.06 Lakh |
| 3 | Tender Paper Cost | : | Rs.10,000/- (Non Refundable) |
| 4 | Class of Contractor | : | 'B' |
| 5 | Period of Completion | : | 120 Days |
| 6 | Availability of Bid Documents and receipt of bid through online | : | From 10.00 A.M. of 24.01.2025 to 5.00 P.M. of 07.02.2025 in the website (www.tendersodisha.gov.in) |
| 7 | Date, time & place for opening of online tenders | : | Dtd.10.02.2025 at 11.00 A.M. and onwards in the O/o. the SE, Angul Irrigation Division, Angul |
| 8 | Date, time & place for finalization of tender through transparent lottery system (if required) | : | To be intimated after evaluation of Technical Bid |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/P.O.: Hakimpada, Dist.: Angul, Odisha. e-mail Id: eeangulirrigation@gmail.com |

Further details can be seen from the e-procurement portal of Government of Odisha at www.tendersodisha.gov.in.

Sd./- Superintending Engineer
Angul Irrigation Division, Angul
OIPR-32049/11/0015/2425

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଉପ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ନିର୍ମାଣ), ରାଉରକେଲା, ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ଅନୁଯାୟୀ ଟେଣ୍ଡର ଆହ୍ୱାନ କରୁଛନ୍ତି: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.:** ୦୫-ଟେଣ୍ଡର-ଇଏଲ୍-ସିଓଏନ୍-ସିକେପି-୨୪-୨୫; **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଚକ୍ରଧରପୁର ଡିଭିଜନରେ ଏମ୍‌ଏସ୍‌ଏଲ୍‌ଠାରେ ଆର୍‌ଓଏଚ୍ ଶେଡ୍‌ର ସମ୍ପ୍ରସାରଣ ନିମନ୍ତେ ସାଧାରଣ ସେବା ଏବଂ ୨୫ କେଭି ଓଏଚ୍‌ଇ କାର୍ଯ୍ୟର ଯୋଗାଣ, ଉତ୍ଥାନ, ପରୀକ୍ଷଣ, କମିଶନିଂ ଏବଂ ଟାଟାସ୍ଥିତ ସି ଆଣ୍ଡ ଡବ୍ଲ୍ୟୁ ୟାର୍ଡଠାରେ ରେକ୍ ପରୀକ୍ଷା ସୁବିଧାର ଉନ୍ନତୀକରଣ ତଥା ଆଦିତ୍ୟପୁରଠାରେ ନୂଆ ସିକ୍ ଲାଇନ୍ ସୁବିଧାର ନିର୍ମାଣ; **ବ୍ୟୟ:** ₹୨,୩୬,୨୬,୧୮୦.୫୦; **ବିଡ୍ ଅମାନତ:** ₹୨,୬୮,୧୦୦.୦୦; **ସମାପ୍ତି ଅବଧି:** ୧୨ ମାସ; **ଧାର୍ଯ୍ୟ ତାରିଖ:** ୨୧।୦୨।୨୦୨୫ । ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିକର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବିଦ୍ର:** ଅନ୍ୟ ସମସ୍ତ ଟେଣ୍ଡରରେ ଭାଗ ନେବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1040)

**ଭାରତ ସରକାର**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦**
**ଇମେଲ୍: roc.cpace@mca.gov.in**

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE),**
**IICA Building, 7th Floor,**
**Plot P- 6, 7, 8, Sector-5,**
**IMT Manesar,**
**Gurgaon, Haryana - 122050**
**Email: roc.cpace@mca.gov.in**

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୫୯୨ ତାରିଖ:- ୩୧।୧୨।୨୦୨୪

ସନ୍ଦର୍ଭ:
(୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୧)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୧୪୪୬୧୯ | ୟୁ୭୪୯୯୯ଓଆର୍୨୦୨୦ପିଟିସି୦୩୨୮୫୧ | ଇକ୍ ଟ୍ରିପ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ତିରିଶ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କାନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0672/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶୁଟ୍‌ଆଉଟରେ ଜିତିଲା ଓଡ଼ିଶା ୱାରିୟର୍ସ


ମଙ୍ଗଳବାର ଓଡ଼ିଶା ୱାରିୟର୍ସ ଓ ସୁର୍‌ମା ହକି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ମହିଳା ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ମଙ୍ଗଳବାର ଓଡ଼ିଶା ୱାରିୟର୍ସ ଶୁଟ୍‌ଆଉଟ ୨-୦ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ୱାରିୟର୍ସ ପକ୍ଷରୁ ସୋନିକା ଓ କାଟଲିନ ନବ୍ସ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ଲିଲି ଷ୍ଟୋଫେଲସ୍ମା ଓ ମୋଏସ ଫ୍ରେଙ୍କ୍ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ସୁର୍‌ମା ପକ୍ଷରୁ ଷ୍ଟାପେନହର୍ଷ୍ଟ ଚାର୍ଲୋଟ, ଦୀପିକା ସୋରେଙ୍ଗ, ମାରିଆ ଭର୍ସଚୁର ଓ ଇଙ୍ଗଲେବର୍ଟ ଚାର୍ଲୋଟ ଫେଲ୍ ମାରିଥିଲେ। ଓଡ଼ିଶା ୱାରିୟର୍ସ ଗୋଲକିପର ଜୋସେଲିନ ବାର୍ଟରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୫ ମ୍ୟାଚରୁ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହ ୱାରିୟର୍ସ ୧୦ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ସୁରମା ୫ ମ୍ୟାଚରୁ ୩ ବିଜୟ, ୧ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହିତ ୧୦ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଶୀର୍ଷସ୍ଥାନ ଅଧିକାର କରିଛି।

# ଆଜିଠୁ ଭାରତ-ଇଂଲଣ୍ଡ ଟି୨୦

**କୋଲକାତା, ୨୧।୧ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏହି ସିରିଜ ଖେଳିବାକୁ ଯାଉଥିବା ଭାରତୀୟ ଦଳରେ ପ୍ରତ୍ୟାବର୍ତ୍ତନକାରୀ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ଉପରେ ନଜର ରହିବ। ଆସନ୍ତା ମାସରେ ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବ। ତେଣୁ ତା' ପୂର୍ବରୁ ଇଂଲଣ୍ଡ ବିପକ୍ଷ ଏହି ଟି୨୦ ସିରିଜ ଏବଂ ଏହାପରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୩ ଦିନିକିଆ ବିଶ୍ୱକପରେ ଶାମି ୪ଟି ମ୍ୟାଚ ଖେଳିପାରି ନ ଥିଲେ ହେଁ ଭାରତର ଟପ୍ ଉଇକେଟ ହାସଲକାରୀ ବିବେଚିତ ହୋଇଥିଲେ। ସେ ମୋଟ ୨୪ଟି ଉଇକେଟ ହାସଲ କରିଥିଲେ। ଏହା ମଧ୍ୟରେ ୱାଙ୍ଖେଡେ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ୭/୫୭ ସଫଳତା ସାମିଲ। ଟି୨୦ ସିରିଜରେ ତାଙ୍କ ଫିଟ୍‌ନେସର ଉପଯୁକ୍ତ ପ୍ରମାଣ ମଧ୍ୟ ମିଳିବ। ୨୦୨୩ ନଭେମ୍ବର ୧୯ରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରିବା ପରଠାରୁ ଶାମି ଆଉ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନାହାନ୍ତି। ସେ ପାଦରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଥିଲା। ସେଥିରୁ ସୁସ୍ଥ ହେବା ପରେ ସେ ଘରୋଇ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ବାମ ଆଣ୍ଠୁ ଫୁଲିବା ଯୋଗୁ ଅନ୍ତର୍ଜାତୀୟ କ୍ରିକେଟକୁ ତାଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବ ହୋଇଥିଲା। ଏବେ ସେ ଇଂଲଣ୍ଡ ବିପକ୍ଷ ସିରିଜ ଓ ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି।

ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ପିଠିରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ଚାମ୍ପିୟନ୍ସ ଟ୍ରଫିରେ ଖେଳିବା ନେଇ ସନ୍ଦେହ ରହିଛି। ଏପରିସ୍ଥଳେ ଶାମିଙ୍କ ପ୍ରତ୍ୟାବର୍ତ୍ତନ ଭାରତ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ୩୪ ବର୍ଷୀୟ ଏହି ବୋଲର ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟକୁ ଫେରି ରଣଜୀ ଟ୍ରଫିରେ ୭ ଉଇକେଟ ନେଇ ଚଳିତ ସିଜନରେ ବେଙ୍ଗଲକୁ ପ୍ରଥମ ବିଜୟ ସ୍ୱାଦ ଚଖାଇଛନ୍ତି। ଏହା ବ୍ୟତୀତ ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ୧୧ ଓ ବିଜୟ ହଜାରେ ଟ୍ରଫିରେ ୫ ଉଇକେଟ ହାସଲ କରିଛନ୍ତି।

ଟି୨୦ ଫର୍ମାଟରେ ଅକ୍ଷର ପଟେଲ ପ୍ରଥମଥର ପାଇଁ ଭାରତୀୟ ଦଳର ଉପ-ଅଧିନାୟକ ହୋଇଛନ୍ତି। ଗତବର୍ଷ କାରିବିୟାନ ମାଟିରେ ଭାରତର ଟି୨୦ ବିଶ୍ୱକପ ବିଜୟରେ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନର ପୁରସ୍କାର ସ୍ୱରୂପ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ସେ ୩୧ ବଲ୍‌ରୁ ମୂଲ୍ୟବାନ ୪୭ ରନର ଇନିଂସ ଖେଳିଥିଲେ। ଏହା ବ୍ୟତୀତ ସେ ୧୯.୨୨ ଆଭରେଜରେ ୯ ଉଇକେଟ ମଧ୍ୟ ହାସଲ କରିଥିଲେ। ତାଙ୍କ ଉପସ୍ଥିତି ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ସନ୍ତୁଳିତ କରିଛି। ସଞ୍ଜୁ ସାମସନଙ୍କ କ୍ୟାରିୟର ପାଇଁ ମଧ୍ୟ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ନୀତୀଶ କୁମାର ରେଡ୍ଡୀଙ୍କ ଉପସ୍ଥିତି ଭାରତ ପାଇଁ ପେସ୍-ବୋଲିଂ- ଅଲ୍ ରାଉଣ୍ଡରର ବିକଳ୍ପ ରଖିଛି।

ଟି୨୦ ବିଶ୍ୱକପ ପରେ ମାଥ୍ୟୁ ମୋଟ୍ସଙ୍କ ଇସ୍ତଫା ପରେ ନୂଆ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି। ଟେଷ୍ଟ କ୍ରିକେଟରେ ଆକ୍ରମଣାତ୍ମକ 'ବାଜ୍‌ବଲ୍' ପଦ୍ଧତି ଆପଣେଇ ଚର୍ଚ୍ଚାରେ ରହିଥିବା ମ୍ୟାକକୁଲମଙ୍କ ପାଇଁ ତାହାକୁ ସୀମିତ ଓଭର କ୍ରିକେଟରେ ପ୍ରତିଫଳିତ କରିବାର ସମୟ ଆସିଛି। ଇଂଲଣ୍ଡ ରିଶି ଟୋପ୍‌ଲେ, ସାମ୍ କୁରାନ ଓ ୱିଲ ଜ୍ୟାକ୍ସଙ୍କ ପରି କେତେଜଣ ତାରକା ଖେଳାଳିଙ୍କ ଅନୁପସ୍ଥିତି ଅନୁଭବ କରିବ। ଗତବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ୨୧ ବର୍ଷୀୟ ଜ୍ୟାକବ ବେଥେଲଙ୍କ ଉପରେ ନଜର ରହିବ। ବେଥେଲ ୭ଟି ଟି୨୦ ଅନ୍ତର୍ଜାତୀୟ କ୍ୟାରିୟରରେ ୫୭.୬୬ ଆଭରେଜ ଏବଂ ୧୬୭.୯୬ ଷ୍ଟ୍ରାଇକ ହାର ରଖିଛନ୍ତି। ଭାରତର ଶାମିଙ୍କ ପରି ଇଂଲଣ୍ଡ ଦଳକୁ ଜୋଫ୍ରା ଆର୍ଚର ଫେରିଛନ୍ତି। ତେଣୁ ବଟଲରଙ୍କ ଦଳ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। କୋଲକାତା ମ୍ୟାଚ ପରେ ଅବଶିଷ୍ଟ ୪ ମ୍ୟାଚ ୨୫ରେ ଚେନ୍ନାଇ, ୨୮ରେ ରାଜକୋଟ, ୩୧ରେ ପୁଣେ ଓ ଫେବୃଆରୀ ୨ରେ ମୁମ୍ବାଇରେ ଖେଳାଯିବ।

### ଖେଳାଳି ତାଲିକା

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅକ୍ଷର ପଟେଲ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଅର୍ଶଦୀପ ସିଂ, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ।

ଇଂଲଣ୍ଡ ଦଳ: ଜୋସ ବଟଲର (ଅଧିନାୟକ), ହାରି ବ୍ରୁକ୍, ଫିଲ୍ ସଲ୍ଟ, ଜ୍ୟାକବ ବେଥେଲ, ଲିଆମ ଲିଭିଂଷ୍ଟୋନ, ଜୋଫ୍ରା ଆର୍ଚର, ଗୁସ ଆଟକିନସନ, ବେନ୍ ଡକେଟ, ଜେମି ଓଭର୍ଟନ, ଆଦିଲ ରଶିଦ, ମାର୍କ ଉଡ୍।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା।**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**


ଅଭ୍ୟାସ ଅବସରରେ ମହମ୍ମଦ ଶାମି ଓ ଅର୍ଶଦୀପ ସିଂ।

### ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସାତ୍ୱିକ-ଚିରାଗ ଦ୍ୱିତୀୟ ରାଉଣ୍ଡରେ

**ଜାକର୍ତ୍ତା, ୨୧।୧ (ପି.ଟି.):** ଭାରତର ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ୪୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ଏହି ଯୋଡ଼ି ଗତ ଦୁଇ ସପ୍ତାହରେ ପଛକୁ ପଛ ମାଲେସିଆ ସୁପର ୧୦୦୦ ଓ ଭାରତ ସୁପର ୭୫୦ରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମାନେ ଓପନିଂ ମ୍ୟାଚରେ ୩୮ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ତାଇପେର ଚେନ୍ ଝି ରେ' ଏବଂ ଲିନ୍ ୟୁ ଚିହ୍‌ଙ୍କୁ ୨୧-୧୬, ୨୧-୧୫ରେ ହରାଇ ଦେଇଛନ୍ତି। ସେହିପରି ମହିଳା ଡବଲ୍ସ ଓପନିଂ ରାଉଣ୍ଡରେ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ମହିଳା ଡବଲ୍ସ ଓପନିଂ ରାଉଣ୍ଡରେ ସେମାନଙ୍କ ଆଧିପତ୍ୟ ବିସ୍ତାରକରି ଥାଇଲାଣ୍ଡ ଯୋଡ଼ି ଓର୍ନିଚା ଜଙ୍ଗସାଥାପର୍ନ ଓ ସୁକିତ୍ତା ସୁୱାଚାଇଙ୍କୁ ୨୧-୬, ୨୧-୧୪ରେ ହରାଇ ଦେଇଛନ୍ତି। ବିଶ୍ୱର ପୂର୍ବତନ ନମ୍ବର ୱାନ୍ ସାତ୍ୱିକ ଓ ଚିରାଗ ବର୍ତ୍ତମାନ ଇଣ୍ଡୋନେସିଆର ରେମଣ୍ଡ ଇନ୍‌ରା ଓ ପାଟ୍ରା ହାରାପାନ ରିଣ୍ଡୋରିଣ୍ଡୋ ଏବଂ ଥାଇଲାଣ୍ଡର କିଟିନୁପଙ୍ଗ କେଡ୍ରେନ୍ ଓ ଡେଚାପଲ ପୁଆଭାରାନୁକ୍ରୋଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଗତମାସରେ ଗୁଆହାଟୀ ମାଷ୍ଟର୍ସ ସୁପର ୧୦୦ ଟାଇଟଲ ଜିତିଥିବା ଅଶ୍ୱିନୀ ଓ ତନିଶା ମାଲେସିଆର ପେଇ କି ଗୋ ଓ ମେଇ ଜିଙ୍ଗ୍ ତିଓଙ୍କ ସହିତ ମୁକାବିଲା କରିବେ।

# Classified Everyday
**0674-2580101, 9692975378**


**REAL ESTATE**

**SALE**

**G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746.** D-2653

**3/4 BHK Two Stored building for sale at- Jagatpur, Cuttack- Ph No.- 7008321705.** D-2656

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-2662

**ACCOMMODATION**

Free accommodation for senior citizens and mentally ill person & Drug addicted person with all facilities. Contact- 9337160036, 7325991853, 9439928693. D-2589


**CONSTRUCTION**

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630




Newly open health benefits spa by experience lady therapist. 7750040475 D-76188

Newly open health benefits SPA special Offer @ 799 Bapujinagar. 8018429809. D-76189

**AFFIDAVIT**

I, Benudhar Behera, At- Basantapur Sasan, P.S.- Dhauli, Dist.- Khurda, I have changed my daughter's name from Sony Behera to Roni Behera. Henceforth my daughter shall be known as Roni Behera for all future purpose. D-2665

By virtue of an affidavit sworn before the Executive Magistrate, Patnagarh, Bolangir, I Arpita Priyadarshinee Behera declare that I have changed my name from ARPITA PRIYADARSHINEE BEHERA to ARPITA PRIYADARSHNEE DASH due to wrong publish in my husband's service document. That both the names ARPITA PRIYADARSHINEE BEHERA and ARPITA PRIYADARSHNEE DASH is one and same person. Henceforth, I shall be known as ARPITA PRIYADARSHNEE DASH for all future purposes. D-2664

By virtue of an affidavit dt-18.01.2025, before the Executive Magistrate, Kamakhyanagar, I Hemant Raut, S/o- Late Basudeb Raut, Vill- Khokasa, P.O.- Motta, P.S.- Kamakhyanagar, Dist.- Dhenkanal, have changed my name from Haladhar Das to Hemanta Raut. Henceforth, I shall be known as Hemanta Raut for all purposes. D-2650

By virtue of an affidavit sworn before Executive Magistrare, Banki, dated-13.01.2025, I Chinmaya Jagadev Singh, resident of Vill- Singhanathpur, P.O.- Patapur, P.S.- Banki, Dist.- Cuttack, Odisha, 754008, declare that I have changed my name from Gopal Singh to Chinmaya Jagadev Singh. Henceforth, I shall be known as Chinmaya Jagadev Singh for all purposes. Chinmaya Jagadev Singh D-2649

By virtue of an affidavit sworn before Notary, Bhubaneswar dated 20.01.2025, I, SATARUPA ROY of Uttarmundmuhan, Janla, P.S.- Infocity, Bhubaneswar- 752054 declare that I have changed my name from SATYARUPA ROY to SATARUPA ROY. Henceforth, I shall be known as SATARUPA ROY for all purposes. D-2651

By virtue of an affidavit sworn before the Executive Magistrate, Bhubaneswar, dated 15.01.2025, I, Sabita Baral, Address- Bidurpur, P.O.- Jenapur, Sripurusottampur, P.S.- Delanga, Dist.- Puri, PIN-752016 declare that I have changed my name from Sabita Behera to Sabita Baral. Henceforth, I shall be known as Sabita Baral for all purposes. Sabita Baral D-2652

By virtue of an affidavit sworn before Mrs. Manisha Gupta, OAS-A (JB) dated 21.01.2025, I, Muna Mahapatra, At- Puania, P.O.- Gambharidihi, P.S.- Sarankul, Dist.- Nayagarh, PIN- 752070 declare that I have changed my name from Suna Mohapatra to Muna Mahapatra. Henceforth, I shall be known as Muna Mahapatra for all purposes. D-2657

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit before Executive Magistrate, Puri, I, Susanta Kumar Debata (50), S/o- Late Rama Chandra Debata (as per Aadhaar Card). At- Utkalini Nivas, Senapati Bagicha, P.O.- Baliguali, P.S.- Talabania, Dist.- Puri state that my name wrongly recorded in my daughter Riddhi Priyadarshini's Birth Certificate Regd. No.- 3619/2006 as Susanta Ku. Debata and her Secondary School Examination 2022 year's Roll No.- 12163409, Regn. No- B122/15521/0021 as Suasanta Kumar Debata. Both Susanta Ku. Debata and Suasanta Kumar Debata and Susanta Kumar Debata, S/o- Late Rama Chandra Debata are one and same person. D-2663

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com**ରେ ଇମେଲ୍ କରନ୍ତୁ।

# ମନ୍ଧାନା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

### ଆଇସିସି ମହିଳା ର୍‍ୟାଙ୍କିଙ୍ଗ

**ଦୁବାଇ, ୨୧।୧ (ପି.ଟି.)**

ଆୟର୍ଲାଣ୍ଡ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତ ଓପନର ସ୍ମୃତି ମନ୍ଧାନା ମହିଳା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମନ୍ଧାନା ଏକମାତ୍ର ଭାରତୀୟ ଭାବେ ଟପ୍ ୧୦ରେ ପ୍ରବେଶ କରିଛନ୍ତି। ସେ ଆୟର୍ଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ୧୩୫ ରନ କରିଥିବା ବେଳେ ଓପନିଂ ଓ ଦ୍ୱିତୀୟ ଗେମ୍‌ରେ ୪୧ ଓ ୭୩ ରନ କରିଥିଲେ। ଏହି ୨୮ ବର୍ଷୀୟା କ୍ରିକେଟରଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟ ବର୍ତ୍ତମାନ ୭୩୮ ରହିଛି। ଦକ୍ଷିଣ ଆଫ୍ରିକାର ଲାଉରା ଓଲଭାର୍ଡ଼ଟ(୭୭୩ ପଏଣ୍ଟ) ତାଲିକାର ଶୀର୍ଷରେ ରହିଛନ୍ତି। ଶ୍ରୀଲଙ୍କାର ଚାମରି ଆଥାପାଥଥୁ (୭୩୩) ତୃତୀୟ ସ୍ଥାନରେ ରହିଛି। ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ତାଙ୍କର ପ୍ରଥମ ଶତକ ହାସଲ କରିଥିବା ଜେମିମା ରୋଡ୍ରିଗ୍ସ ୨ ସ୍ଥାନ ପଦୋନ୍ନତି ପାଇ ୧୭ତମ ସ୍ଥାନରେ ରହିଥିବା ବେଳେ ସିରିଜରେ ଖେଳି ନ ଥିବା ଅଧିନାୟିକା ହରମନପ୍ରୀତ କୌର ୧୫ତମ ସ୍ଥାନରେ ଅଛନ୍ତି। ୩୪୪ ପଏଣ୍ଟ ଅର୍ଜନ କରିଥିବା ଦୀପ୍ତି ଶର୍ମା ଅଲ୍‌ରାଉଣ୍ଡର ତାଲିକାରେ ୬ଷ୍ଠ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ଆସ୍‌ଲ ଗାର୍ଡନର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଶେସରେ ସେ ୪ ଉଇକେଟ ନେଇଥିବା ବେଳେ ୧୪୬ ରନ ସ୍କୋର କରିଛନ୍ତି। ସେ ଦକ୍ଷିଣ ଆଫ୍ରିକାର ଭେଟେରାନ ମାରିଜେନ୍ କାପ୍‌ଙ୍କଠାରୁ ପ୍ରଥମ ସ୍ଥାନ ଛଡ଼ାଇ ନେଇଛନ୍ତି। ବୋଲିଂ ର୍‍ୟାଙ୍କିଙ୍ଗରେ ସୋଫି ଏକ୍ଲେଷ୍ଟୋନ୍ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୀପ୍ତି ଗୋଟିଏ ସ୍ଥାନ ଉପରକୁ ଉଠି ୬୮୦ ପଏଣ୍ଟ ସହ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।

# ବେଙ୍ଗାଲୁରୁ ମୁକାବିଲା ପାଇଁ ଓଏଫ୍‌ସି ପ୍ରସ୍ତୁତ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

ଚଳିତ ଇଣ୍ଡିଆନ ସୁପରଲିଗ୍‌ରେ ଓଡ଼ିଶା ଏଫ୍‌ସିର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବେଙ୍ଗାଲୁରୁ ଏଫ୍‌ସି। ମ୍ୟାଚଟି ବୁଧବାର ବେଙ୍ଗାଲୁରୁର ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦୁଇ ଦଳ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ଗତ ଡିସେମ୍ବରରେ ହୋଇଥିଲା। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ୪-୨ ଗୋଲରେ ବିଜୟୀ ହୋଇଥିଲା। ସସପେଣ୍ଡ ଥିବାରୁ କାର୍ଲୋସ ଡେଲଗାଡୋ ଆଗାମୀ ମ୍ୟାଚ ପାଇଁ ଉପଲବ୍ଧ ହେବେନାହିଁ। କେରଳ ବ୍ଲାଷ୍ଟର୍ସ ବିପକ୍ଷ ପୂର୍ବ ମ୍ୟାଚରେ ସେ ରେଡ୍‌କାର୍ଡ ପାଇଥିଲେ। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି ଏହାର ପୂର୍ବ ୨ ମ୍ୟାଚରେ ମହମ୍ମଡାନ ସ୍ପୋର୍ଟିଂ ନିକଟରୁ ୦-୧ ପରାଜୟ ଓ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ୧-୧ ଡ୍ର ପରେ ଓଡ଼ିଶା ଏଫ୍‌ସିକୁ ଭେଟିବାକୁ ଯାଉଛି। ବେଙ୍ଗାଲୁରୁ ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୧୬ ମ୍ୟାଚରୁ ୮ ବିଜୟ, ୪ ପରାଜୟ ଓ ୪ ଡ୍ର ସହ ୨୮ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୧୬ ମ୍ୟାଚରୁ ୫ ବିଜୟ, ୬ ଡ୍ର ଓ ୫ ପରାଜୟ ସହିତ ୨୧ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ''ବେଙ୍ଗାଲୁରୁ ଏଫ୍‌ସି ଘରୋଇ ପରିବେଶରେ ସବୁବେଳେ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱି ବିବେଚିତ ହୋଇଥାଏ। ଗତ ମ୍ୟାଚରେ ଏହି ଦଳ ମହମ୍ମଡାନ ସ୍ପୋର୍ଟିଂ ନିକଟରୁ ହାରିଥିଲେ ମଧ୍ୟ ଏକ ଶକ୍ତିଶାଳୀ ଦଳ। ଆମେ ନିଜର ଦକ୍ଷତା ମୁତାବକ ଖେଳି ଶ୍ରେଷ୍ଠ ପ୍ରଦର୍ଶନ କରିବାର ଅଛି। ଆଗାମୀ ମୁକାବିଲା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ'' ବୋଲି ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଥିଲେ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଡାକ୍ତର ବିଜୟ କୁମାର ସାହୁ**
**ବୟାଳିଶବାଟି, ଗୋପ, ପୁରୀ**

ଆବିର୍ଭାବ: ତା୦୫।୦୨।୧୯୫୬
ତିରୋଧାନ: ତା୧୩।୦୧।୨୦୨୫

ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ। ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଆପଣଙ୍କର ଶୋକସନ୍ତପ୍ତ ପରିବାର**

ଧ-୨୬୫୪

# ସୋରିଷ ଫସଲରେ ରୋଗପୋକ ପରିଚାଳନା



ଡ. ପରେଶ କୁମାର ପଣ୍ଡା

'ସୋରିଷ ଗଛ ବହଳିଆ ହୋଇଥିଲେ ଛୋଟ ଛୁଇଁ ମିଳିଥାଏ। ପ୍ରାରମ୍ଭିକ ଅବସ୍ଥାରେ ସୋରିଷଗଛର ଅଗ ଛିଡ଼ାଇ ଦେଲେ ଅଧିକ ଶାଖା ଆସିଥାଏ। ସୋରିଷଗଛ ବଢ଼ିବାର ୩ ସପ୍ତାହ ମଧ୍ୟରେ ଘାସ ବାଛିଦେବା ଭଲ। ନଚେତ୍ ଏକର ପ୍ରତି ଘାସମରା ଔଷଧ ଆଇସୋପ୍ରୋଟ୍ୟୁରନ୍ ୫୦ ପ୍ରତିଶତ, ଡବ୍ଲ୍ୟୁପି ୬୪୦ ଗ୍ରାମ ବୁଣିବାର ୩ ଦିନ ମଧ୍ୟରେ କୁଇଜାଲୋଫସ୍ ଇଥାଇଲ ୫ ପ୍ରତିଶତ ଇସି ୪୦୦ ମିଲି, ବୁଣିବାର ୧୫ଦିନ ବେଳକୁ ୨୦୦ ଲିଟର ପାଣିରେ ଗୋଳାଇ ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ସୋରିଷ ଚାଷରେ ଘାସ ନିୟନ୍ତ୍ରଣ କରାଯାଇଥାଏ।'

ସୋରିଷକୁ ସବୁବେଳେ ଧାଡ଼ିରେ ବୁଣିବା ଉଚିତ। ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୧୦ସେ.ମି. ଦୂରତାରେ ବୁଣିଲେ ଭଲ। ସୋରିଷ ଧାଡ଼ିକୁ ଉତ୍ତର-ଦକ୍ଷିଣ ଭାବେ ବୁଣିବା ଦରକାର। ଏହାଦ୍ୱାରା ଏଥିରେ ସୂର୍ଯ୍ୟାଲୋକର ଉପଯୋଗ ଠିକ୍ ହୁଏ। ତା'ସହ ଅମଳ ମଧ୍ୟ ବୃଦ୍ଧି ପାଏ। ଅଣଜଳସେଚିତ ତୋରିଆ ଫସଲରେ ଏକର ପ୍ରତି ୧୬:୮:୮ ଅର୍ଥାତ୍, ଡିଏପି ୧୮ କି.ଗ୍ରା., ୟୁରିଆ ୨୮ କି.ଗ୍ରା. ଏବଂ ପଟାସ ସାର ୧୩ କି.ଗ୍ରା. ପ୍ରୟୋଗ କରିବା ଦରକାର। ଏହାବ୍ୟତୀତ ଜଳସେଚିତ ତୋରିଆ ତଥା ଅଣଜଳସେଚିତ ରାଇ ଫସଲରେ ୨୦:୧୦:୨୦ (ଡିଏପି ୨୨ କି.ଗ୍ରା., ୟୁରିଆ ୩୫ କି.ଗ୍ରା. ଓ ପଟାସ ୩୩ କି.ଗ୍ରା.) ଏବଂ ଜଳସେଚିତ ରାଇ ଫସଲରେ ୩୨: ୩୬:୧୬ ହିସାବରେ ସାର ପ୍ରୟୋଗ କରନ୍ତୁ।

ଅଣଜଳସେଚିତ ଫସଲରେ ସମସ୍ତ ସାର, ମଞ୍ଜି ବୁଣିବା ପୂର୍ବରୁ ପ୍ରୟୋଗ ହୁଏ। ମାତ୍ର ଜଳସେଚିତ କ୍ଷେତ୍ରରେ ୫୦ ଭାଗ ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ସାରକୁ ମୂଳସାର ଭାବେ ଏବଂ ଅବଶିଷ୍ଟ ୫୦ ଭାଗ ଯବକ୍ଷାରଜାନ ବୁଣିବାର ୩ ସପ୍ତାହ ପରେ ଘାସ ବାଛି ପ୍ରୟୋଗ କରିବା ଉଚିତ। ମୃତ୍ତିକା ପରୀକ୍ଷା ଭିତ୍ତିରେ ଯେଉଁ ମାଟିରେ ଦସ୍ତା ଓ ବୋରନ୍ (ଟାଙ୍ଗଣା)ର ଅଭାବ ଅଛି, ସେଠାରେ ଏକର ପ୍ରତି ଯଥାକ୍ରମେ ୫-୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ଓ ୪-୫ କି.ଗ୍ରା. ବୋରାକ୍ସ ପ୍ରୟୋଗ କରିବା ଉଚିତ।

**ଅନ୍ତଃଚାଷ, ଜଳସେଚନ ଓ ରୋଗପୋକ ପରିଚାଳନା**

ସୋରିଷ ଗଛ ବହଳିଆ ହୋଇଥିଲେ ଛୋଟ ଛୁଇଁ ମିଳିଥାଏ। ପ୍ରାରମ୍ଭିକ ଅବସ୍ଥାରେ ସୋରିଷଗଛର ଅଗ ଛିଡ଼ାଇ ଦେଲେ ଅଧିକ ଶାଖା ଆସିଥାଏ। ସୋରିଷଗଛ ବଢ଼ିବାର ୩ ସପ୍ତାହ ମଧ୍ୟରେ ଘାସ ବାଛିଦେବା ଭଲ। ନଚେତ୍ ଏକର ପ୍ରତି ଘାସମରା ଔଷଧ ଆଇସୋପ୍ରୋଟ୍ୟୁରନ୍ ୫୦ ପ୍ରତିଶତ, ଡବ୍ଲ୍ୟୁପି ୬୪୦ ଗ୍ରାମ ବୁଣିବାର ୩ ଦିନ ମଧ୍ୟରେ କୁଇଜାଲୋଫସ୍ ଇଥାଇଲ ୫ ପ୍ରତିଶତ ଇସି ୪୦୦ ମିଲି, ବୁଣିବାର ୧୫ଦିନ ବେଳକୁ ୨୦୦ ଲିଟର ପାଣିରେ ଗୋଳାଇ ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ସୋରିଷ ଚାଷରେ ଘାସ ନିୟନ୍ତ୍ରଣ କରାଯାଇଥାଏ। ଗଛ ଉଠିବାର ୨୫ ଦିନ ପରେ ପ୍ରଥମ ଏବଂ ଫଳ ଧରିବା (୫୫-୬୦ଦିନ ବେଳକୁ) ଅବସ୍ଥାରେ ଦ୍ୱିତୀୟ ଥର ହାଲୁକା ପାଣି ମଡ଼ାନ୍ତୁ। ଏହାଦ୍ୱାରା ସୋରିଷ ଗଛରେ ଡାଳ ଅଧିକ ହୋଇ ଫୁଲ, ଫଳ ଭଲ ହୁଏ।



**ରୋଗପୋକ ପରିଚାଳନା**

ସୋରିଷ ଚାଷ କରୁଥିଲେ ସେଥିରେ ରୋଗପୋକ ପରିଚାଳନା ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିବା ଦରକାର।

**ପାଉଁଶିଆ ରୋଗ**

ସୋରିଷ ଚାଷରେ ପାଉଁଶିଆ ରୋଗ ହେଲେ ସଲ୍‌ଫର ୮୦ ପ୍ରତିଶତ ଡବ୍ଲୁପିର ୪୦ ଗ୍ରାମ/ପ୍ରୋପିକୋନାଜଲ୍ ୨୫ ପ୍ରତିଶତ ଇ.ସି.ର ୧୦ ମି.ଲି. ପ୍ରୟୋଗ କରନ୍ତୁ।

**ନିମ୍ନମୁଖୀ ପାଉଁଶିଆ ଓ ଧଳା କଳଙ୍କ ରୋଗ**

ସୋରିଷ ଚାଷରେ ନିମ୍ନମୁଖୀ ପାଉଁଶିଆ ଓ ଧଳା କଳଙ୍କ ରୋଗ ହେଲେ ମେଟାଲାକ୍ସିଲ-ଏମ୍. ୩୧.୮ ପ୍ରତିଶତ ଇ.ଏସ୍. ୩୫ ମି.ଲି. ପ୍ରୟୋଗ କରନ୍ତୁ।

**କାଣ୍ଡପଚା ଓ ପତ୍ରପୋଡ଼ା ରୋଗ**

ସୋରିଷ ଚାଷରେ କାଣ୍ଡପଚା ଓ ପତ୍ରପୋଡ଼ା ରୋଗ ଦେଖାଦେଲେ ଏହାକୁ ଦମନ କରିବା ପାଇଁ ମାନ୍‌କୋଜେବ୍ ୭.୫ ପ୍ରତିଶତ, ଡବ୍ଲ୍ୟୁପି ୩୦ ଗ୍ରାମ/କାର୍ବେଜାଣ୍ଡିମ୍ ୫୦ ପ୍ରତିଶତ ଡବ୍ଲୁପିର ୧୫ ଗ୍ରାମକୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଜଉ, ଚିତ୍ରିତ ବଗ୍ ପୋକ ଦମନ**

ସୋରିଷ ଚାଷରେ ଜଉ ଏବଂ ଚିତ୍ରିତ ବଗ୍ ପୋକ ଦମନ ପାଇଁ ଇମିଡାକ୍ଲୋପ୍ରିଡ୍ ୧୭.୮ପ୍ରତିଶତ ଏସ୍‌ଏଲ ୨.୮ ମିଲି/ଥାୟୋମେଥୋକାମ୍ ୨୫ ପ୍ରତିଶତ ଡବ୍ଲୁଜି ୨ ଗ୍ରାମ ପ୍ରୟୋଗ କରନ୍ତୁ।

**ପତ୍ର ବୁଢ଼ିଆଣୀ ଓ ଠିକିରିଆପିଠିଆ ମଥ୍ ଦମନ**

ସୋରିଷ ଚାଷରେ ପତ୍ର ବୁଣିଆଣୀ ଠିକିରିଆପିଠିଆ ମଥ୍ ଦମନ ପାଇଁ ଫିପ୍ରୋନିଲ୍ ୫ ପ୍ରତିଶତ ଇ.ସି. ୨୦ ମିଲି/ଇଥୋଫେନ୍‌ପ୍ରକ୍ସ ୧୦ ପ୍ରତିଶତ ଇ.ସି. ୧୦ ମି.ଲି. ପ୍ରୟୋଗ କରନ୍ତୁ।

**କରତିଆ ମାଛି, କୋବି ପ୍ରଜାପତି ଓ ବିହାରୀ ଲାଲ ଶୁଁବାଳୁଆ**

ସୋରିଷ ଚାଷରେ କରତିଆ ମାଛି, କୋବି ପ୍ରଜାପତି ଓ ବିହାରୀ ଲାଲ ଶୁଁବାଳୁଆର ପ୍ରାଦୁର୍ଭାବ ଦେଖାଦେଲେ ଏଗୁଡ଼ିକୁ ଦମନ ପାଇଁ କୁଇନାଲଫସ୍ ୨୫ ପ୍ରତିଶତ ଇ.ସି. ୨୮ ମି.ଲି./ଆସିଫେଟ୍ ୭୫ ପ୍ରତିଶତ ଏସ୍‌ପି ୧୦ ଗ୍ରାମ ପ୍ରୟୋଗ କରନ୍ତୁ।

**ଫ୍ଲି ମାଛି ଓ ଉଇ**


ଏହି ଚାଷରେ ଫ୍ଲି ମାଛି ଓ ଉଇ ନିୟନ୍ତ୍ରଣ କ୍ଲୋରୋପାଇରିଫସ୍ ୨୦ ପ୍ରତିଶତ ଇସିର ୨୦-୪୦ ମି.ଲି./ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍‌ସି ୨୦-୩୦ ମି.ଲି. ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅନ୍ୟପକ୍ଷରେ ମହୁମାଛି ମାନଙ୍କ ଚଳପ୍ରଚଳରେ ବାଧା ନ ଉପୁଜିବା ପାଇଁ ଅପରାହ୍ନରେ କୀଟନାଶକ ପ୍ରୟୋଗ କରିବା ପ୍ରୟୋଜନ।

**ଅମଳ ଓ ସାଇତା**

ସୋରିଷ ଗଛରେ ଛୁଇଁଗୁଡ଼ିକ ହଳଦିଆ ପଡ଼ି ପତ୍ର ଝଡ଼ିବା ଅବସ୍ଥାରେ ଗଛ କାଟିବା ଦରକାର। ବିହନ ମଧ୍ୟରେ ଜଳୀୟ ଅଂଶ ୮ ପ୍ରତିଶତରୁ ଅଧିକ ରହିବା ଉଚିତ ନୁହେଁ। ଏଥିପାଇଁ ସୋରିଷ ଗଛ କାଟି ସାରି ବିଡ଼ା ବାନ୍ଧି ଭଲ ଭାବରେ ଖରାରେ କିଛିଦିନ ଶୁଖାଇ ଅମଳ କରାଯାଏ। ଅମଳ ସୋରିଷକୁ ଉଡ଼ାଇବା ପରେ ପୁଣି ଥରେ ଖରାରେ ଶୁଖାଇ ବିହନ ହିସାବରେ ସାଇତି ରଖାଯାଏ। ତୋରିଆ ସୋରିଷ ହାରାହାରି ଏକରରୁ ୪-୬ କୁଇଣ୍ଟାଲ ଅମଳ ମିଳିଥାଏ। ରାଇ ସୋରିଷ ଅମଳ ତୋରିଆ ସୋରିଷଠାରୁ ଅଧିକ ବା ୫-୮ କୁଇଣ୍ଟାଲ ହୋଇଥାଏ।

-ରାଜ୍ୟ ଜୈବ ରସାୟନବିତ୍, ଭୁବନେଶ୍ୱର
ମୋ : ୯୪୩୭୧୧୨୭୦୪

## ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ...



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେରହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟାକଲମୀ କିମ୍ବା ଗୁଟିକଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।

## ଗେଣ୍ଡୁ ଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ୍ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୨/୨୦୨୫ Bhubaneswar, Wednesday, January 22/ 2025



ଶଟ୍ ଖେଳିବା ଅବସରରେ ନୋଭାକ୍ ଜୋକୋଭିଚ୍।

# ସେମିରେ ଜୋକୋଭିଚ୍ ଜର୍ସିରେ ପାକିସ୍ତାନ ଲେଖାକୁ ନେଇ ବିବାଦ

**ମେଲବୋର୍ନ, ୨୧।୧ (ଏପି)**

ସର୍ବୀୟ ଷ୍ଟାର ଖେଳାଳି ନୋଭାକ ଜୋକୋଭିଚ୍, ଜର୍ମାନୀର ଆଲେଜାଣ୍ଡର ଜେଭରେଭ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ସ୍ପେନର ପାଉଲା ବଦୋସା ଓ ବେଲାରୁଷର ଆରିନା ସାବାଲେଙ୍କା ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଜୋକୋଭିଚ୍ ୪-୬, ୬-୪, ୬-୩, ୬-୪ ସେଟ୍‌ରେ କାର୍ଲୋସ ଅଲ୍‌କାରାଜଙ୍କୁ ହରାଇ ଦେଇଛନ୍ତି। ଏଠାରେ ଏହା ହେଉଛି ତାଙ୍କର ୧୨ତମ ସେମିଫାଇନାଲ। ମାର୍ଗାରେଟ୍ କୋର୍ଟଙ୍କ ରେକର୍ଡ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡକୁ ଭଙ୍ଗ କରିବା ଲାଗି ଏହି ଖେଳାଳିଙ୍କର ଏକ ସ୍ୱପ୍ନ ରହିଛି। ୨୭ବର୍ଷୀୟ ଜେଭେରେଭ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆମେରିକାର ଟମି ପଲ୍‌ଙ୍କୁ ୭-୬ (୭-୧), ୭-୬ (୭-୦), ୨-୬, ୬-୧ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବଦୋସା କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହିଥିବା ଆମେରିକାର କୋକୋ ଗଫ୍‌ଙ୍କ ବିପକ୍ଷରେ ୭-୫, ୬-୪ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ସେହିପରି କ୍ରମାଗତ ତୃତୀୟ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନଶିପ୍ ଟାଇଟଲ ଲକ୍ଷ୍ୟରେ ଥିବା ନମ୍ବର ୱାନ ଖେଳାଳି ସାବାଲେଙ୍କା ଆନାସ୍ତାସିଆ ପାଭଲୁଚେଙ୍କୋଭାଙ୍କୁ ୨୬, ୬-୨, ୬-୩ ସେଟରେ ହରାଇ ଦେଇଛନ୍ତି। ଗୁରୁବାର ସେମିଫାଇନାଲରେ ସେ ୧୧ଶ ସିଡ୍ ତଥା ତାଙ୍କ ଜଣେ ପ୍ରିୟ ବାନ୍ଧବୀଙ୍କୁ ଭେଟିବେ।

**ନୂଆଦିଲ୍ଲୀ, ୨୧।୧**

ପାକିସ୍ତାନ ଓ ଦୁବାଇରେ ଖେଳାଯିବାକୁଥିବା ଆଗାମି ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ସାନି ବିବାଦ ମୁଣ୍ଡ ଟେକିଛି। ଖବର ଅନୁସାରେ ଟିମ୍ ଜର୍ସିରେ 'ପାକିସ୍ତାନ' (ଆୟୋଜକ ଦେଶ) ଲେଖାକୁ ନେଇ ଭାରତ ଆପତ୍ତି ଉଠାଇଛି। ପାକିସ୍ତାନ ଯଦିଓ ଟୁର୍ନାମେଣ୍ଟର ଅଫିସିଆଲ ଆୟୋଜକ ହୋଇଛି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦେଶକୁ ଦଳ ପଠାଇବା ଲାଗି ରାଜି ହେଲାନି। ଫଳରେ ଟୁର୍ନାମେଣ୍ଟ ପାଇଁ ଏକ ହାଇବ୍ରିଡ୍ ମଡେଲ ପ୍ରସ୍ତାବକୁ




ଗ୍ରହଣ କରାଗଲା। ତଦନୁସାରେ ଭାରତ ଏହାର ଚାମ୍ପିୟନ୍ସ ଟ୍ରଫି ଗେମ୍‌ଗୁଡ଼ିକ ଦୁବାଇରେ ଖେଳିବ। ତେବେ ଖେଳାଳିମାନଙ୍କ ଜର୍ସିରେ ଆୟୋଜକ ଦେଶର ନାମ ସ୍ଥାନିତ କରାଯାଇଥିବାରୁ ସାନି ବିବାଦ ଦେଖା ଦେଇଛି। ପାକିସ୍ତାନ କ୍ରିକେଟ ବୋର୍ଡର ଜଣେ ଅଫିସିଆଲ କହିଛନ୍ତି ବିସିସିଆଇ କ୍ରିକେଟକୁ ନେଇ ରାଜନୀତି କରୁଛି। ଖେଳପାଇଁ ଏହା ଠିକ୍ ନୁହେଁ। ବିସିସିଆଇ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନରେ ଅଂଶଗ୍ରହଣକାରୀ ଦଳର ଅଧିନାୟକମାନଙ୍କୁ ନେଇ ଆୟୋଜନ କରିଥିବା ଏକ କାର୍ଯ୍ୟକ୍ରମକୁ ଅଧିନାୟକ ରୋହିତ ଶର୍ମାଙ୍କୁ ପଠାଇବା ଲାଗି ମନା କରିଦେଇଥିଲା। ପିସିବି ଅଫିସିଆଲ ଜଣକ କହିଛନ୍ତି, ଆଇସିସି ଏହି ପ୍ରସଙ୍ଗରେ ପାକିସ୍ତାନକୁ ସହାୟତା କରିବ ବୋଲି ଆଶା।

## ବୋପାନ୍ନା-ଝାଙ୍ଗ୍ ଯୋଡ଼ିଙ୍କ ବିଦାୟ

**ମେଲବୋର୍ନ, ୨୧।୧ (ପି.ଟି.):** ରୋହନ ବୋପାନ୍ନା ଓ ଶୁଆଇ ଝାଙ୍ଗ୍ ଅଷ୍ଟ୍ରେଲିଆନ ଓପନ୍ ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। କିଆ ଆରେନାରେ ଖେଳାଯାଇଥିବା ଏହି ମ୍ୟାଚରେ ସ୍ଥାନୀୟ ୱାଇଲ୍ଡ କାର୍ଡ ଜନ୍ ପିଅର୍ସ ଓ ଓଲିଭିଆ ଗାଡେକିଙ୍କଠାରୁ ୬-୨, ୪-୬, ୯-୧୧ରେ ହାରିଯାଇଛନ୍ତି। ଏହି ପରାଜୟ ସହ ସିଜନ ଆରମ୍ଭ ଗ୍ରାଣ୍ଡସ୍ଲାମରେ ଭାରତର ଅଭିଯାନ ଶେଷ ହୋଇଛି। ବୋପାନ୍ନା ପୂର୍ବରୁ ପୁରୁଷ ଡବଲ୍ସରୁ ବିଦାୟ ନେଇ ସାରିଥିଲେ। ଅଷ୍ଟ୍ରେଲିଆନ ଓପନରେ ଭାଗ ନେଇଥିବା ଭାରତର ଅନ୍ୟ ପ୍ରତିଯୋଗୀ ଯଥା ସୁମିତ ନାଗାଲ ଏବଂ ଡବଲ୍ସ ସ୍ପେଶାଲିଷ୍ଟ ୟୁକି ଭାମ୍ବ୍ରି ଓ ଏନ୍. ଶ୍ରୀରାମ ବାଲାଜୀ ମଧ ସେମାନଙ୍କ ମ୍ୟାଚ ହାରି ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।

## ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୦-୨ ଗୋଲରେ ମଦୁରାଇର ସେଥୁ ଏଫ୍‌ସି ନିକଟରୁ ହାରି ଯାଇଛି। ମ୍ୟାଚଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ବିଜୟୀ ଦଳ ପକ୍ଷରୁ ଅମନା ନବାବି ୬୯ ଓ ୮୨ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ନୀତା ଫୁଟବଲ ଏକାଡେମୀ ବିପକ୍ଷରେ ୨୮ ତାରିଖରେ ଖେଳିବ।









## ବୈଷ୍ଣବୀଙ୍କ ହ୍ୟାଟ୍ରିକ୍: ଭାରତ ୧୦ ଉଇକେଟରେ ବିଜୟୀ

**କୁଆଲାଲମ୍ପୁର, ୨୧।୧ (ପି.ଟି.):** ନବାଗତ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା ହ୍ୟାଟ୍ରିକ ସହ ୫ଉଇକେଟ ସଫଳତା (୫/୫) ସହାୟତାରେ ଭାରତ ଏଠାରେ ଚାଲିଥିବା ୧୯ବର୍ଷରୁ କମ୍ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ମାଲେସିଆକୁ ୧୦ ଉଇକେଟରେ ହରାଇ ଦେଇଛି। ଟୁର୍ନାମେଣ୍ଟ ଇତିହାସରେ ବୈଷ୍ଣବୀଙ୍କ ବୋଲିଂ ଫିଗର ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ ୧୮ ଓଭର ଭିତରେ ଶେଷ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ମାଲେସିଆ ୧୪.୩ ଓଭରରେ ମାତ୍ର ୩୧ ସ୍କୋରରେ ଅଲଆଉଟ ହୋଇଯାଇଥିଲା।



**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

ଭାରତର ଅନ୍ୟ ଜଣେ ସଫଳ ବୋଲର ଆୟୁଷୀ ଶୁକ୍ଲା ୮ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଭାରତ ୩୨ ରନର ବିଜୟ ଲକ୍ଷ୍ୟକୁ ୨.୫ ଓଭରରେ ବିନା କୌଣସି ଉଇକେଟରେ ହାସଲ କରି ନେଇଥିଲା। ଜି. ତ୍ରିଶା ୧୨ ବଲ୍‌ରେ ୫ ଚୌକା ସହ ୨୭ ରନ କରି ଅପରାଜିତ ରହିଥିଲେ। ମହିଳା ଅନ୍ତର୍ଜାତୀୟ ଟି୨୦ରେ ସର୍ବନିମ୍ନ ସ୍କୋର ହେଉଛି ୬ରନ। ଏହା ଦୁଇଟି ଦେଶ ମାଳଦ୍ୱୀପ ଓ ମାଲିଙ୍କ ନାମରେ ରହିଛି। ପୁରୁଷ ଗେମ୍ ରେକର୍ଡ ଆଇଭରିକୋଷ୍ଟ ନାମରେ ରହିଛି। ଗତବର୍ଷ ଲାଗୋସଠାରେ ଦଳ ମାତ୍ର ୭ ରନ ସ୍କୋର କରିଥିବା ବେଳେ ନାଇଜେରିଆ ୨୬୪ ରନରେ ବିଜୟ ଲାଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ଓ ଶ୍ରୀଲଙ୍କା ସମାନ ୪ ପଏଣ୍ଟ ଲେଖାଏଁ ସ୍କୋର କରିଥିବା ବେଳେ ଶ୍ରୀଲଙ୍କା (+୫.୫) ତୁଳନାରେ +୯.୧ ରନ ରେଟ ଯୋଗୁ ଭାରତ ନିଜ ଗ୍ରୁପ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ